

# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS



RNI Regn No- ODIODI/2014/57766.

ବର୍ଷ - ୧୧ ସଂଖ୍ୟା-୧୦୧ ଭୁବନେଶ୍ୱର ଗୁରୁବାର, ଡିସେମ୍ବର ୧୯.୨୦୨୪ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.101 Bhubaneswar, Thursday, December 19, 2024


## ରୁଷ୍ ବାହାରକଲା କର୍କଟ ଟୀକା

### ଜନସାଧାରଣଙ୍କୁ ମିଳିବ ମାଗଣାରେ




ବେଜିଂ,୧୮/୧୨: କର୍କଟ ରୋଗ ବିରୋଧ ଲଢ଼େଇରେ ସମଗ୍ର ବିଶ୍ୱ ପାଇଁ ଏକ ନୂଆ ଆଶାର କିରଣ ସୃଷ୍ଟି ହୋଇଛି । ରୁଷିଆ କ୍ୟାନସର ପାଇଁ ନିଜର ଏମଆରଏନଏ ଟିକା ବିକଶିତ କରିଛି, ଯାହା ୨୦୨୫ ପ୍ରାରମ୍ଭରେ ଲଞ୍ଚ ହେବ । ଏହି ବୈପ୍ଲବିକ ଟିକାକୁ ରୋଗୀଙ୍କୁ ମାଗଣାରେ ଉପଲବ୍ଧ କରାଇବାକୁ ଘୋଷଣା କରାଯାଇଛି । ରୁଷ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ରେଡିଓଲୋଜି ମେଡିକାଲ ରିସର୍ଚ୍ଚ ସେଣ୍ଟରର ଜେନେରାଲ ଡାଇରେକ୍ଟର ଆଣ୍ଡ୍ରେ କାପ୍ରିନ ଏହି ଘୋଷଣା କରିଛନ୍ତି । ରୁଷୀୟ ନ୍ୟୁଜ୍ ଏଜେନ୍ସି ଟାସ୍ ଅନୁଯାୟୀ, ଏହି ଟିକା କର୍କଟ ଚିକିତ୍ସାରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇପାରେ । ଗାମାଲେୟା ନ୍ୟାସନାଲ ରିସର୍ଚ୍ଚ ସେଣ୍ଟର ଫର ଏପିଡେମିଓଲୋଜି ଆଣ୍ଡ ମାଇକ୍ରୋବାୟୋଲୋଜିର ନିର୍ଦ୍ଦେଶକ ଆଲେକଜାଣ୍ଡର ଗିଣ୍ଟସବର୍ଗ କହିଛନ୍ତି ଟିକାର ପ୍ରି-କ୍ଲିନିକାଲ ପରୀକ୍ଷଣ ସମୟରେ ଏହା ଦେଖାଯାଇଛି ଯେ ଏହା ଟ୍ୟୁମର ବୃଦ୍ଧି ଏବଂ ମେଟାଷ୍ଟାସିସ୍ ବା କର୍କଟ ବ୍ୟାପିବା ରୋକିବାରେ ପ୍ରଭାବଶାଳୀ । ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ମଧ୍ୟ ଚଳିତ ବର୍ଷ ପ୍ରାରମ୍ଭରେ କହିଥିଲେ ଆମେ ଏକ ନୂତନ ପିଢ଼ିର କର୍କଟ ଟିକା ଏବଂ ଇମ୍ୟୁନୋମୋଡୁଲେଟରୀ ଔଷଧର ବିକାଶର ଅତି ନିକଟରେ ପହଞ୍ଚିଛୁ । ରୁଷିଆର ଟିକା ବିଶେଷଜ୍ଞ ଗିଣ୍ଟସବର୍ଗ କହିଛନ୍ତି ଯେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା ଏଆଇ ସହାୟତାରେ ବ୍ୟକ୍ତିଗତ କ୍ୟାନସର ଟିକା ତିଆରି ପ୍ରକ୍ରିୟା ଘଣ୍ଟା ଘଣ୍ଟା ମଧ୍ୟରେ ଶେଷ ହୋଇପାରିବ । ବର୍ତ୍ତମାନ ସମୟରେ, ଏହି ପ୍ରକ୍ରିୟା ଲମ୍ବା ଏବଂ ଜଟିଳ, କାରଣ ଏଥିରେ ଗାଣିତିକ ପଦ୍ଧତି ବ୍ୟବହାର କରାଯାଏ । କିନ୍ତୁ ଏଆଇ ଏବଂ ନ୍ୟୁରାଲ ନେଟୱାର୍କ କମ୍ପ୍ୟୁଟିଂ ସାହାଯ୍ୟରେ ଏହାକୁ ମାତ୍ର ୩୦ ମିନିଟରୁ ୧ ଘଣ୍ଟା ମଧ୍ୟରେ ସମ୍ପୂର୍ଣ୍ଣ କରାଯାଇପାରିବ । କର୍କଟ ରୋଗର ଚିକିତ୍ସାରେ ଟିକା ରୋଗ ପ୍ରତିରୋଧକ ଶକ୍ତିକୁ କର୍କଟ କୋଷକୁ ଚିହ୍ନଟ କରି ନଷ୍ଟ କରିବାରେ ସାହାଯ୍ୟ କରିଥାଏ । ଥେରାପ୍ୟୁଟିକ୍ କ୍ୟାନସର ଟିକା ବିଶେଷ କରି ଟ୍ୟୁମର କୋଷରୁ ପ୍ରୋଟିନ୍ କିମ୍ବା ଆଣ୍ଟିଜେନକୁ ଟାର୍ଗେଟ କରି ଶରୀରର ପ୍ରାକୃତିକ ପ୍ରତିରକ୍ଷା ପ୍ରଣାଳୀକୁ ଟ୍ୟୁମରକୁ ଦୂର କରିବାରେ ସକ୍ଷମ କରିଥାଏ । ଏହାବ୍ୟତୀତ ଏଚପିଭି ଟିକା ଭଳି ପ୍ରତିଷେଧକ ଟିକା ଭୂତାଣୁ ସହ ଜଡିତ କର୍କଟ ରୋଗକୁ ରୋକିବାରେ ସାହାଯ୍ୟ କରିଥାଏ ।

## ସେବାୟତଙ୍କ ଆଚରଣରେ ଆସୁନି ସୁଧାର



ପୁରୀ ,୧୮/୧୨: ସେବାୟତମାନେ ଯେପରି ଶୃଙ୍ଖଳିତ ଭାବେ ଏବଂ ଉତ୍ସର୍ଗୀକୃତ ମନୋଭାବ ରଖି ମହାପ୍ରଭୁଙ୍କ ସେବା କରିବେ ସେଥିଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି । ଏଥିମଧ୍ୟରେ ଅନୁଭବ ଯାତ୍ରା ଥିଲା ଅନ୍ୟତମ । ଏକାଧିକଥର ଅନୁଭବ ଯାତ୍ରାରେ ଯାଇଛନ୍ତି ଶ୍ରୀମନ୍ଦିର ସେବାୟତ । ଉଦ୍ଦେଶ୍ୟ ଥିଲା, ଭାରତର ବିଭିନ୍ନ ତୀର୍ଥସ୍ଥଳୀରେ ଯେଉଁଭଳି ଭାବେ ଆଧ୍ୟାତ୍ମିକ ପରିବେଶ ରହିଛି ତାହାର ବାସ୍ତବତାକୁ ଏମାନେ ଅତି ପାଖରୁ ପରଖିବେ । ପରବର୍ତ୍ତୀ ସମୟରେ ମହାପ୍ରଭୁଙ୍କ ନୀତିକାନ୍ତିରେ ଏହାକୁ ବିନିଯୋଗ କରିବା ସହିତ ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତ ଓ ଦର୍ଶନାର୍ଥୀଙ୍କ ପ୍ରତି ମଧ୍ୟ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବେ । ହେଲେ ଅନୁଭବ ଯାତ୍ରାର ପ୍ରଭାବ ସେମିତି ଦେଖିବାକୁ ମିଳୁନାହିଁ । ବରଂ ମଝିରେ ମଝିରେ ବଡ଼ଦେଉଳରେ ଅପ୍ରୀତିକର ପରିସ୍ଥିତି ଉପୁଜୁଛି । କାରଣ କିଛି ସେବାୟତଙ୍କ ଆଚରଣ ଏବଂ ଉଚ୍ଚାରଣରେ ସୁଧାର ଆସିନାହିଁ । ସୋମବାର ଶ୍ରୀମନ୍ଦିର ପରିସରରେ ଦୁଇଜଣ ସେବାୟତ ହାତାହାତି ହୋଇ ଲହୁଲୁହାଣ ହେବା ଏହାକୁ ଏକପ୍ରକାର ସ୍ପଷ୍ଟ କରୁଛି । ଏଭଳି ଅପ୍ରୀତିକର ପରିସ୍ଥିତି ଦ୍ୱାରା

### ବଦନାମ ହେଉଛି ବଡ଼ଦେଉଳ

ବଦନାମ ହେଉଛି ବଡ଼ଦେଉଳ । ଶ୍ରୀମନ୍ଦିର ସେବାୟତଙ୍କ ମଧ୍ୟରେ ଅଧ୍ୟାତ୍ମିକ ଚେତନାର ବିକାଶ ଓ ଶ୍ରୀମନ୍ଦିରରେ ପ୍ରଚଳିତ ପରମ୍ପରାର ସୁରକ୍ଷା ସହ ପରିବର୍ତ୍ତିତ ପରିସ୍ଥିତିରେ ଆବଶ୍ୟକ ସଂସ୍କାର ଆଣିବା ନିମନ୍ତେ ମନ୍ଦିର ପ୍ରଶାସନ ପକ୍ଷରୁ ୨୦୦୬ ମସିହାରେ ଅନୁଭବ ଯାତ୍ରା ଆରମ୍ଭ ହୋଇଥିଲା । ଏହି ଯାତ୍ରାରେ ସେବାୟତଙ୍କୁ ଭାରତର ବିଭିନ୍ନ ତୀର୍ଥକ୍ଷେତ୍ର ବୁଲିବାକୁ ନିଆଯାଉଥିଲା । ସେଠାରେ କିପରି ଠାକୁରଙ୍କ ସେବାପୂଜା ହେଉଛି, ଭକ୍ତଙ୍କୁ କେଉଁଭଳି ବ୍ୟବହାର କରାଯାଉଛି ଏ ସବୁ ଅତି ନିକଟରୁ ଦେଖି ତାହାକୁ ଶ୍ରୀମନ୍ଦିରରେ ମଧ୍ୟ ପ୍ରତିଫଳିତ କରିବା ଏହି ଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା । ହେଲେ ଏହି ଉଦ୍ଦେଶ୍ୟ ଠିକଣା ଢଙ୍ଗରେ ସାଧିତ ହେଉ ନ ଥିବା ଦେଖିବାକୁ ମିଳୁଛି । ଏବେ ବି ବିଭିନ୍ନ ସମୟରେ ମନ୍ଦିର ଭିତରେ ଅପ୍ରୀତିକର ପରିସ୍ଥିତି ଉପୁଜୁଛି । କିଛି ଘଟଣାରେ ସେବାୟତଙ୍କ ସମ୍ପୃକ୍ତି ରହୁଥିବା ଦେଖିବାକୁ ମିଳିଛି । ମନ୍ଦିର ଭିତରେ ଦୁଇଜଣ ସେବାୟତ ବାଡ଼ିଆପିଟା ହେବା ଏହାକୁ ସ୍ପଷ୍ଟ କରୁଛି । ସୋମବାର ଅପରାହ୍ଣରେ ବେହରଣ ଦ୍ୱାର ନିକଟସ୍ଥ ମୁକ୍ତିମଣ୍ଡପ ପାଖରେ ସେବାୟତ ବିଶ୍ୱନାଥ ଖୁଣ୍ଟିଆ ଶ୍ରଦ୍ଧାଳୁଙ୍କୁ ପାଦୁକା ବାଣ୍ଟୁଥିଲେ । ଏହି ପାଦୁକା ବଣ୍ଟା ଏବଂ ପାଉଣାକୁ ନେଇ ଅନ୍ୟ ଜଣେ ସେବାୟତଙ୍କ ସହ ତାଙ୍କର କଥା କଟାକଟି ହୋଇଥିଲା । ପରେ ଉଭୟ ହାତାହାତି ହୋଇଥିଲେ । ପ୍ରତିପକ୍ଷ ସେବାୟତଙ୍କ ମୁଥ ମାଡ଼ରେ ବିଶ୍ୱନାଥ ଲହୁଲୁହାଣ ହୋଇଥିଲେ । ତାଙ୍କ ନାକ ଫାଟି ରକ୍ତସ୍ରାବ ହୋଇଥିଲା । ମନ୍ଦିର ପୁଲିସ୍ ତାଙ୍କୁ ଉଦ୍ଧାର କରି ମେଡିକାଲ୍‌ରେ ଭର୍ତ୍ତି କରିଥିଲା । ଶ୍ରୀମନ୍ଦିର ପରିସରରେ ଶହଶହ ଭକ୍ତଙ୍କ ଆଗରେ ଦୁଇ ସେବାୟତ ମାରପିଟ୍ ହୋଇଥିଲେ । ଏହାକୁ ଶ୍ରଦ୍ଧାଳୁମାନେ ନାପସନ୍ଦ କରିଥିଲେ । ଯଦି ମନ୍ଦିର ଭିତରେ ସେବାୟତ ଏଭଳି ଆଚରଣ ପ୍ରଦର୍ଶନ କରିବେ, ତେବେ ଭକ୍ତମାନେ କ'ଣ ଶିଖିବେ ବୋଲି ପରସ୍ପର ଭିତରେ ଆଲୋଚନା କରୁଥିଲେ ଶ୍ରଦ୍ଧାଳୁ । କେବଳ ଏତିକିରେ କଥା ସୀମିତ ନ ଥିଲା । ଦୁଇ ସେବାୟତ ସିଂହଦ୍ୱାର ଥାନାରେ ପହଞ୍ଚିଥିଲେ । ପୁଲିସ୍ ଉଭୟଙ୍କୁ ଘଟଣା ସମ୍ପର୍କରେ ପଚରାଉଚରା କରିବା ବେଳେ ଥାନାରେ ବି ହାତାହାତି ହୋଇଥିଲେ ସେମାନେ । ଶ୍ରୀମନ୍ଦିର ସେବାୟତ ଏଭଳି ଆଚରଣ ପ୍ରଦର୍ଶନ କରିବାକୁ ସମସ୍ତେ ନାପସନ୍ଦ କରିଥିଲେ । ବିଭିନ୍ନ ସମୟରେ ଏମିତି କିଛି ଘଟଣା ପାଇଁ ଶ୍ରୀମନ୍ଦିର ବଦନାମ୍ ହେଉଥିବା କୁହାଯାଉଛି ।

## ଯାତ୍ରୀବାହୀ ଡଙ୍ଗାକୁ ନୌସେନା ସ୍ପିଡ ବୋଟ ଧକ୍କା ଦେବା ଘଟଣାରେ ୧୩ ମୃତ

ମୁମ୍ବାଇ , ୧୮/୧୨:ମୁମ୍ବାଇ ଉପକୂଳରେ ଘଟିଥିବା ଡଙ୍ଗା ବୁଡ଼ି ଘଟଣାରେ ମୃତ୍ୟୁସଂଖ୍ୟା ୧୩ରେ ପହଞ୍ଚି । ଆଜି ଅପରାହ୍ନରେ ନୌସେନାର ଗୋଟିଏ ସ୍ପିଡ ବୋଟ୍ ପର୍ଯ୍ୟଟକଙ୍କୁ ନେଇ ସମୁଦ୍ରରେ ଯାଉଥିବା ଯାତ୍ରୀବାହୀ ଡଙ୍ଗାକୁ ଧକ୍କା ଦେଇଥିଲା । ଫଳରେ ସ୍ପିଡ ବୋଟ ସହ ଡଙ୍ଗାଟି ଗଭୀର ଜଳରାଶିରେ ବୁଡ଼ି ଯାଇଥିଲା । ବର୍ତ୍ତମାନ ସୁଦ୍ଧା ଉଦ୍ଧାରକାରୀ ୧୩ ଜଣଙ୍କ ମୃତଦେହ ଉଦ୍ଧାର କରିଛନ୍ତି । ମୃତକଙ୍କ ମଧ୍ୟରେ ସ୍ପିଡ ବୋଟରେ ଥିବା ଜଣେ ନୌସେନା ଅଧିକାରୀ ଓ ଏହାର ଇଞ୍ଜିନ ମରାମତି ପାଇଁ ଆସିଥିବା ୨ ଜଣ କର୍ମଚାରୀ ରହିଛନ୍ତି । ସେହିପରି ଯାତ୍ରୀବାହୀ ଡଙ୍ଗାରେ ଥିବା ୧୦ ଜଣ ସାଧାରଣ ପର୍ଯ୍ୟଟକ ମଧ୍ୟ ପାଣି ବୁଡ଼ି ଜୀବନ ହରାଇଛନ୍ତି । ସରକାରୀ ସୂଚନା ଅନୁସାରେ, ଇଞ୍ଜିନ ଟ୍ରାଏଲ ପାଇଁ ସମୁଦ୍ରରେ ଚକର ମାରୁଥିବା ନୌସେନାର ସ୍ପିଡ ବୋଟଟି ହଠାତ୍ ନିୟନ୍ତ୍ରଣ ହରାଇଥିଲା । ଫଳରେ ଏହା ସାମ୍ନାକୁ ଆସୁଥିବା ଯାତ୍ରୀବାହୀ ଡଙ୍ଗାକୁ ଧକ୍କା ଦେଇଥିଲା । ଯାତ୍ରୀବାହୀ ଡଙ୍ଗାରେ ୧୧୦ ଜଣ ଓ ସ୍ପିଡ ବୋଟରେ ମୋଟ ୪ ଜଣ ଲୋକ ରହିଥିଲେ । ଦୁର୍ଘଟଣା ଯୋଗୁ ଦୁଇଟି ଯାକ ବୋଡ ବୁଡ଼ି ଯାଇଥିଲା । ଏଥିରେ ୧୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୯୪ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି । ସେହିପରି ଉଦ୍ଧାର ହୋଇଥିବା ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ଏବେ ବି ପ୍ରାୟ ୩ ଜଣ ନିଖୋଜ ରହିଛନ୍ତି । ନୌସେନା ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ ମୁମ୍ବାଇ ଉପକୂଳରେ ଅପରାହ୍ନ ପ୍ରାୟ ୪ଟାରେ ସ୍ପିଡ ବୋଟର ଇଞ୍ଜିନ ଟ୍ରାଏଲ କରାଯାଉଥିଲା । ଏହି ସମୟରେ ଏହା ନିୟନ୍ତ୍ରଣ ହରାଇ ନୀଳ କମଳ ନାମକ ଗୋଟିଏ ଯାତ୍ରୀବାହୀ ଡଙ୍ଗାକୁ ଧକ୍କା ଦେଇଥିଲା । ଫଳରେ ଏତେ ବଡ଼ ଘଟଣା ଘଟିଛି । ଯାତ୍ରୀବାହୀ ଡଙ୍ଗାଟି ଲୋକଙ୍କୁ ଗେଟୱେ ଅଫ ଇଣ୍ଡିଆରୁ ହାତୀ ଗୁମ୍ଫାକୁ ନେଉଥିଲା । ଘଟଣା ପରେ ଉଦ୍ଧାର କାର୍ଯ୍ୟରେ ଭାରତୀୟ ନୌସେନା ସମେତ ତଟରକ୍ଷୀ ବାହିନୀ ନିୟୋଜିତ ହୋଇଛନ୍ତି । ନୌସେନାର ୧୧ଟି ବୋଟ, ମାରିନ ପୁଲିସ୍‌ର ୩ଟି ବୋଟ ଓ ତଟରକ୍ଷୀ ବାହିନୀର ଗୋଟିଏ ବୋଟ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଛି । ସର୍ଚ୍ଚ ଓ ରେସ୍କ୍ୟୁ ଅପରେସନରେ ୪ଟି ହେଲିକପ୍ଟର ମଧ୍ୟ ନିୟୋଜିତ ହୋଇଥିବା ନୌସେନା ପକ୍ଷରୁ କୁହାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଠାରୁ ଆରମ୍ଭ କରି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାଭିସ ଘଟଣାରେ ଶୋକ ପ୍ରକାଶ କରିଛନ୍ତି ।

## ଦର ବୃଦ୍ଧି ବିରୋଧରେ ରାସ୍ତାକୁ ଓହ୍ଲାଇବ ବିଜେଡି




ଭୁବନେଶ୍ୱର,୧୮/୧୨: ଅହେତୁକ ଦରବୃଦ୍ଧି ବିରୋଧରେ ଆସନ୍ତା ଜାନୁଆରୀ ୬ ତାରିଖ ଦିନ ସଚିବାଳୟ ସମ୍ମୁଖରେ ଏକ ଗଣବିକ୍ଷୋଭ କରାଯିବ । ତାଛଡା, ଆସନ୍ତା ଡିସେମ୍ବର ୨୬ ତାରିଖ ଦିନ ବିଜୁ ଜନତା ଦଳର ୨୮ତମ ପ୍ରତିଷ୍ଠା ଦିବସ ରାଜ୍ୟର ସମସ୍ତ ବିଧାନସଭା ଆସନ ଗୁଡିକରେ ଆୟୋଜିତ ହେବ । ସେହିଦିନ ବିଜେଡି ମୁଖ୍ୟାଳୟ ଶଙ୍ଖ ଭବନ ଠାରେ ଆୟୋଜିତ ହେବାକୁ ଥିବା ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଦଳର ସଭାପତି ନବୀନ ପଟ୍ଟନାୟକ ଯୋଗଦେବେ । ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର, ଦଳର କାର୍ଯ୍ୟକ୍ରମ ରୂପାୟନ କମିଟିର ଆବାହକ ସଞ୍ଜୟ ଦାସବର୍ମା, ଦଳର ବରିଷ୍ଠ ମିଡ଼ିଆ ସଂଯୋଜକ ପ୍ରତାପ ଜେନା, ଦଳର ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଓ ଦଳର ଯୁବ ସଭାପତି ବ୍ୟୋମକେଶ ରାୟ ଏହି ସୂଚନା ଦେଇଛନ୍ତି । ଶ୍ରୀ ମିଶ୍ର କହିଥିଲେ, ବିଜେପି ସରକାରର ପ୍ରତିଶ୍ରୁତି ପାଳନରେ ବିଫଳତାକୁ କ୍ଷେତ୍ରୀୟ ସ୍ତରରେ ସଭାସମିତି ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଯିବ । ଡବଲ ଇଂଜିନ ଡବଲ ବିକାଶର ନାରା ଦେଇ ଉଭୟ ରାଜ୍ୟ ଓ କେନ୍ଦ୍ରରେ ଆସିଥିବା ବିଜେପି ସରକାର ଦରଦାମ ନିୟନ୍ତ୍ରଣ ଓ ଅର୍ଥନୀତିର ସୁପରିଚାଳନା କ୍ଷେତ୍ରରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ମୁଦ୍ରାସ୍ଫୀତି ବୃଦ୍ଧିରେ ନୂଆ ରେକର୍ଡ ସୃଷ୍ଟି ହୋଇଛି । ମୁଦ୍ରାସ୍ଫୀତି ବୃଦ୍ଧିର କିଛି ତଥ୍ୟ ଦେଇ ଶ୍ରୀ ମିଶ୍ର କହିଥିଲେ, ଖୁଚୁରା ମୁଦ୍ରାସ୍ଫୀତି ନଭେମ୍ବର ମାସରେ ୫.୪୮ ପ୍ରତିଶତକୁ ଛୁଇଁଛି, ଯାହା ଗତ ନଅ ମାସରେ ସବୁଠାରୁ ଅଧିକ । ସେହିପରି, ଖାଦ୍ୟ ସାମଗ୍ରୀ ଗୁଡିକର ମୁଦ୍ରାସ୍ଫୀତି ନଭେମ୍ବର ମାସରେ ୯.୪ ପ୍ରତିଶତ ରହିଛି, ଯାହା ମଧ୍ୟ ସର୍ବାଧିକ । ପନିପରିବା ଦର ଗତ ଅଗଷ୍ଟ ମାସରେ ୩୫.୯୯ ପ୍ରତିଶତ ବୃଦ୍ଧି ପାଇଥିଲା । ସେହିପରି ଗ୍ରାମାଞ୍ଚଳରେ ମୁଦ୍ରାସ୍ଫୀତି ମଧ୍ୟ ୬. ୬୮ ପ୍ରତିଶତକୁ ଛୁଇଁଛି ବୋଲି ଶ୍ରୀ ମିଶ୍ର କହିଥିଲେ । ଦେଶର ରାଜ୍ୟମାନଙ୍କ ଭିତର ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣରେ ରଖିବା କ୍ଷେତ୍ରରେ ଉଭୟ କେନ୍ଦ୍ର ସରକାର ଓ ଓଡିଶା ସମେତ ବିଜେପି ଶାସିତ ରାଜ୍ୟ ସରକାରମାନେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ଦରଦାମ ବୃଦ୍ଧି ଯୋଗୁଁ ଜନସାଧାରଣ ହନ୍ତସନ୍ତ ହେଉଥିବା ବେଳେ ସରକାରଙ୍କ ତରଫରୁ ଏହାକୁ ରୋକିବା ପାଇଁ କୌଣସି ଆନ୍ତରିକତା ଦେଖିବାକୁ ମିଳୁନାହିଁ । ବରଂ ବିଭିନ୍ନ ପ୍ରକାର ଭ୍ରମାତ୍ମକ ଓ ମିଥ୍ୟା ତଥ୍ୟ ଦେଇ ରାଜ୍ୟବାସୀଙ୍କୁ ଭ୍ରମିତ କରାଯାଉଛି । ଏଣୁ ଏହି ଅହେତୁକ ଦରବୃଦ୍ଧିକୁ ବିରୋଧ କରି ଆସନ୍ତା ଜାନୁଆରୀ ୬ ତାରିଖ ଦିନ ସଚିବାଳୟ ସମ୍ମୁଖରେ ଏକ ଗଣବିକ୍ଷୋଭ ଅନୁଷ୍ଠିତ ହେବ ବୋଲି ଶ୍ରୀ ମିଶ୍ର ଘୋଷଣା କରିଥିଲେ । ଶ୍ରୀ ଦାସବର୍ମା କହିଥିଲେ, ଆସନ୍ତା ଡିସେମ୍ବର ୨୬ ତାରିଖ ଦିନ ବିଜେଡିର ୨୭ତମ ପୂର୍ତ୍ତି ସଙ୍ଗେ ସଙ୍ଗେ ୨୮ତମ ପ୍ରତିଷ୍ଠା ଦିବସ ନିର୍ବାଚନ ମଣ୍ଡଳୀ ସ୍ତରରେ ପାଳନ କରାଯିବ । ଏହି ଦିବସରେ ବିଜେଡିର ଛାମୁଆ ନେତୃତ୍ୱ ପଦାଧିକାରୀ ତଥା ଶୁଭେଚ୍ଛୁ ମାନଙ୍କୁ ନେଇ କ୍ଷେତ୍ରୀୟ ସମ୍ମିଳନୀ/ସଭା କରି ଆମର ବିଗତ ଦିନର ଲୋକଙ୍କ ପାଇଁ ନିଆଯାଇଥିବା ସଫଳ କାର୍ଯ୍ୟକ୍ରମ ତଥା ସାମ୍ପ୍ରତିକ ସରକାରର ଜନ ବିରୋଧୀ କାର୍ଯ୍ୟକ୍ରମ, ଦରଦାମ ବୃଦ୍ଧି ଠାରୁ ଆରମ୍ଭ କରି ନିର୍ବାଚନ ସମୟରେ ଦିଆଯାଇଥିବା ବିଭିନ୍ନ ପ୍ରତିଶ୍ରୁତି ରକ୍ଷା କରିବାରେ ସରକାରଙ୍କ ବିଫଳତାକୁ ଜନ ସାଧାରଣଙ୍କ ସମ୍ମୁଖରେ ରଖାଯିବ । ଶ୍ରୀମତୀ ଛୁରିଆ କହିଥିଲେ, ଅହେତୁକ ଦରବୃଦ୍ଧି ଯୋଗୁଁ ରାଜ୍ୟର ମହିଳାମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେ ଆହୁରି କହିଥିଲେ, ଓଡ଼ିଶାର ମୁଦ୍ରାସ୍ଫୀତି ମଧ୍ୟ ଚିନ୍ତାଜନକ ଭାବେ ବୃଦ୍ଧି ପାଇଛି । ଓଡିଶାର ମୁଦ୍ରାସ୍ଫୀତି ୬.୭୮ ପ୍ରତିଶତ ରହିଥିବା ବେଳେ, ଏହା ଦେଶର ସମସ୍ତ ରାଜ୍ୟମାନଙ୍କ ତୁଳନାରେ ତୃତୀୟ ସ୍ଥାନରେ ରହିଛି । ଉଲ୍ଲେଖଯୋଗ୍ୟ, ଦେଶର ରାଜ୍ୟମାନଙ୍କ ଭିତରେ ମୁଦ୍ରାସ୍ଫୀତି ବୃଦ୍ଧି ତାଲିକାରେ ପ୍ରଥମ ଆଠଟି ରାଜ୍ୟ ମଧ୍ୟରେ ସାତଟି ବିଜେପି ଶାସିତ ରାଜ୍ୟ ରହିଛନ୍ତି । ଛତିଶଗଡ଼, ବିହାର, ଓଡିଶା ଓ ୟୁପି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିଥିଲା ବେଳେ ପଞ୍ଚମ ସ୍ଥାନରେ ଅଣବିଜେପି ଶାସିତ ରାଜ୍ୟ ଭାବେ କେରଳ ରହିଛି । ମଧ୍ୟପ୍ରଦେଶ, ଗୁଜରାଟ ଓ ହରିଆନା ଯଥାକ୍ରମେ ଷଷ୍ଠ, ସପ୍ତମ ଓ ଅଷ୍ଟମ ସ୍ଥାନରେ ରହିଛନ୍ତି । ଧାନର ସହାୟତା ରାଶି ବୃଦ୍ଧି କ୍ଷେତ୍ରରେ ମଧ୍ୟ ଗୋଟିଏ କୁଇଣ୍ଟାଲ ଧାନରୁ ପ୍ରାୟ ପାଞ୍ଚରୁ ନଅ କେଜି କଟନୀ ଛଟନୀ ହେଉଥିବାରୁ ସହାୟତା ରାଶି ବୃଦ୍ଧି ମଧ୍ୟ ପ୍ରହସନରେ ପରିଣତ ହୋଇଛି । ବିଜେଡି ବିଧାୟକ ତଥା ଯୁବ ସଭାପତି ଶ୍ରୀ ରାୟ କହିଥିଲେ, ଯୁବକ ଯୁବତୀ ମାନଙ୍କୁ ନିଯୁକ୍ତି ଦିଆଯିବା କ୍ଷେତ୍ରରେ ବିଜେପିର ‍ତିଶ୍ରୁତି ଧୂଆଁବାଣରେ ପରିଣତ ହୋଇଛି । ସେହିପରି, ଦଳର ବରିଷ୍ଠ ମିଡ଼ିଆ ସଂଯୋଜକ ଶ୍ରୀ ପ୍ରତା ଜେନା କହିଥିଲେ, ବିଜୁ ଜନତା ଦଳ ଓଡିଶାବାସୀଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବା ପାଇଁ ନିରନ୍ତର ଭାବେ କାମ କରିଆସୁଛି ଓ ଏହା ଆଗାମୀ ଦିନରେ ମଧ୍ୟ ଜାରି ରହିବ ।

## ଜୀବନ ନେଉଛି ଗଳାବାଟ

### ପଳାସୁଣି ଛକରେ ବିପଜ୍ଜନକଭାବେ ରାସ୍ତା ପାର



ଭୁବନେଶ୍ୱର,୧୮/୧୨: ପଳାସୁଣି ଛକରେ ଯମ ଯେମିତି ଜଗି ବସିଛନ୍ତି ! ନିୟମିତ ବ୍ୟବଧାନରେ ଏଠାରେ ଦୁର୍ଘଟଣା ଘଟୁଛି । ରାସ୍ତା ପାର ହେବା ବେଳେ ଗାଡ଼ି ଚକା ତଳେ କାହା ମୁଣ୍ଡ ଗଡୁଛି ତ କିଏ ପଙ୍ଗୁ ହୋଇଯାଉଛି । ରାଜପଥ ବିଭାଗ ପରିସଂଖ୍ୟାନ ଅନୁଯାୟୀ ଗତ ୩ ବର୍ଷ ମଧ୍ୟରେ ଏଠାରେ ୧୦ରୁ ଅଧିକ ମୁଣ୍ଡ ଗଡ଼ିଥିବା ବେଳେ ୧୨୭ ଗୁରୁତର ଆହତ ହୋଇଛନ୍ତି । ରାସ୍ତା ପାରି ନ ହେବା ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ବ୍ୟାରିକେଡ୍ ଉଚ୍ଚା କରିଦେଇଛନ୍ତି । କିନ୍ତୁ ଲୋକ କେମିତି ରାସ୍ତା ପାର ହେବେ ସେଥିପାଇଁ ବ୍ୟବସ୍ଥା କରିନାହିଁ । ବରଂ ଜୁଲାଇ ମାସରେ ଶିଳାନ୍ୟାସ ହୋଇଥିବା ଫୁଟ୍ ଓଭରବ୍ରିଜ୍‌ର ଏବେ ଫାଉଣ୍ଡେସନ କାମ ଚାଲିଛି । ଫଳରେ ଲୋକମାନେ ବାଧ୍ୟ ହୋଇ ଜୀବନକୁ ବିପନ୍ନ କରୁଛନ୍ତି । ବିପଜ୍ଜନକ ଭାବେ ରାସ୍ତାପାର ହେଉଛନ୍ତି । ଫଳରେ ଫୁଟ୍ ଓଭରବ୍ରିଜ୍ କାର୍ଯ୍ୟକ୍ଷମ ହେବା ପର୍ଯ୍ୟନ୍ତ ମୁଣ୍ଡ ଗଡ଼ିଲେ କିଏ ଦାୟୀ ହେବ ବୋଲି ପ୍ରଶ୍ନ ଉଠିଛି । ବଡ଼କଥା ହେଉଛି ଭୁବନେଶ୍ୱରକୁ ଏହା ମୁଖ୍ୟ ପ୍ରବେଶ ପଥ ହୋଇଥିବାରୁ ଦୁର୍ଘଟଣା ହେଲେ ୨ ଘଣ୍ଟା ଧରି ଅଚଳାବସ୍ଥା ସୃଷ୍ଟି ହେଉଛି । ପୁରା ଭୁବନେଶ୍ୱର ସହରର ଜନଜୀବନ ପ୍ରଭାବିତ ହେଉଛି । ଆମ୍ବୁଲାନ୍ସ ଠାରୁ ଆରମ୍ଭ କରି ଅଫିସ୍ ଓ ସ୍କୁଲ୍ ଯାଉଥିବା ଗାଡ଼ି ରାସ୍ତାରେ ଛିଡ଼ା ହୋଇ ରହୁଛି । ଗତମାସରେ ରାସ୍ତା ପାର ହେଉଥିବା ବେଳେ ଜଣଙ୍କ ଉପରେ ଟ୍ରକ ଚଢ଼ିଯାଇଥିଲା । ସେଠାରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇବା ସହ ରାସ୍ତାରୋକ ହୋଇଥିଲା । ମେଡିଆନ୍ ଉଚ୍ଚତା କମ୍ ଥିବାରୁ ଲୋକମାନେ ଏହାକୁ ଡେଇଁ ରାସ୍ତା ପାର ହେଉଥିଲେ । ଏଣୁ 'ମୂଲୁ ମାଇଲେ ଯିବ ସରି' ନ୍ୟାୟରେ ଏନଏଚ୍‌ଏଆଇ ମେଡିଆନ୍ ଉଚ୍ଚତା ବଢ଼ାଇ ଦେଇଥିଲା । ରାସ୍ତା ପାର ହେବାକୁ ହେଲେ ଏଠାରୁ ୨୦୦ ମିଟର ମଞ୍ଚେଶ୍ୱର ଅଣ୍ଡରପାସ୍ ଦେଇ ଯିବାକୁ ସଚେତନ କରିଥିଲା । ଅନେକ ସମୟରେ ବସ୍‌ରୁ ଓହ୍ଲାଇବା ପରେ ହାତରେ ବ୍ୟାଗ୍ ଓ ପିଲାଛୁଆ ଧରି ଶହେ ମିଟର ଚାଲି ରାସ୍ତା ପାର ହେବା କେହି ଚାହିଲେ ନାହିଁ । ବରଂ ଏନ୍‌ଏଚ୍‌ଏଆଇର ଉଚ୍ଚା ମେଡିଆନ୍ ଭାଙ୍ଗି ଗଳିଆ ତିଆରି କଲେ । ପଳାସୁଣି ଗ୍ରାମବାସୀଙ୍କ ଠାରୁ ଆରମ୍ଭ କରି ରସୁଲଗଡ଼, ମଞ୍ଚେଶ୍ୱର, ଚକେଇସିଆଣି, ଜିଜିପି କଲୋନି, ଭିଏସଏସ୍‌ନଗରର ହଜାର ହଜାର ଲୋକ ଓ ଛାତ୍ରଛାତ୍ରୀମାନେ ଏଭଳି ବିପଜ୍ଜନକ ଭାବରେ ଏଠାରେ ରାଜପଥ ପାର ହେଉଛନ୍ତି । ରାଜଧାନୀ ଭିତରେ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥରେ ୪ଟି ବ୍ଲାକ୍‌ସ୍ପଟ୍ ଚିହ୍ନଟ କରାଯାଇଛି । ସେଥିରେ ଏହି ପଳାସୁଣି ଛକ ସମେତ ସତ୍‌ସଙ୍ଗ ବିହାର, କ୍ରାଉନ୍ ହୋଟେଲ୍ ଛକ ଓ ପାତ୍ରପଡ଼ା ସ୍ମୃତିବନ ରହିଛି । ଏହି ସ୍ଥାନରେ ନିୟମିତ ଦୁର୍ଘଟଣା ଘଟି ଜୀବନ ଯାଉଛି । ଏହି ସବୁ ସ୍ଥାନରେ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ପାଇଁ ପ୍ରାୟ ୪ ବର୍ଷ ତଳେ ଘୋଷଣା ହୋଇଥିଲା । ଅନ୍ୟସ୍ଥାନରେ ଫୁଟ୍ ଓଭରବ୍ରିଜ୍ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ପଳାସୁଣିରେ ଫାଉଣ୍ଡେସନ କାମ ଚାଲିଛି । ଏହି ଫୁଟ୍ ଓଭରବ୍ରିଜ୍ ଆସନ୍ତା ବର୍ଷ ଏପ୍ରିଲ୍ ମାସରେ ସରିବ ବୋଲି ଏନ୍‌ଏଚ୍‌ଏଆଇ ପକ୍ଷରୁ କୁହାଯାଇଛି । ଏନେଇ ସମାଜସେବୀ ନାରାୟଣ ପୃଷ୍ଟି କହିଛନ୍ତି, ଦୀର୍ଘ କାଳ ଧରି ଆମେ ଫୁଟ୍ ଓଭରବ୍ରିଜ୍ ପାଇଁ ଦାବି କରିଆସୁଥିଲୁ । ବିକଳ୍ପ ବ୍ୟବସ୍ଥା ନଥିବାରୁ ବିପଜ୍ଜନକ ଭାବରେ ଲୋକମାନେ ରାସ୍ତା ପାର ହେଉଛନ୍ତି । ତା ଛଡ଼ା ରାସ୍ତା କଡ଼ରେ ବେଆଇନ ପାର୍କିଂ ଓ ଜବରଦଖଲ ବଢ଼ିଥିବାରୁ ରାସ୍ତା ସଙ୍କୁଚିତ ହେଉଛି ଓ ଦୁର୍ଘଟଣା ଘଟୁଛି । ଏଣୁ କେବଳ ଏନ୍‌ଏଚ୍‌ଏଆଇ ନୁହେଁ ବରଂ ବିଏମ୍‌ସି, ବିଡିଏ ଓ କମିସନରେଟ୍ ପୁଲିସ ମିଳିତ ଭାବେ ସମନ୍ୱୟ ରକ୍ଷା କରି କାମ କଲେ ମୂଲ୍ୟବାନ ଜୀବନ ବଞ୍ଚିପାରିବ । ଏନ୍‌ଏଚ୍‌ଏଆଇ ପ୍ରକଳ୍ପ ନିର୍ଦ୍ଦେଶକ କେ. ନାଗେଶ୍ୱର ରାୟ କହିଛନ୍ତି, ''ସଚେତନତା ସହ ମେଡିଆନ୍‌ର ଉଚ୍ଚତା ବଢ଼ାଯାଇଛି । କିନ୍ତୁ ଲୋକମାନେ ମାନୁ ନାହାନ୍ତି । ଫୁଟ୍ ଓଭରବ୍ରିଜ୍‌ର ଫାଉଣ୍ଡେସନ କାମ ଚାଲିଛି । ୨୦୨୫ ଏପ୍ରିଲ ପୂର୍ବରୁ ଏହାକୁ ସାରିବୁ । ସେ ପର୍ଯ୍ୟନ୍ତ ଜନସାଧାରଣ ସହଯୋଗ କରନ୍ତୁ । ଏଭଳି ରାସ୍ତା ପାରି ହୁଅନ୍ତୁ ନାହିଁ ।''

# ସାନ୍ତାଳୀ ଭାଷାରେ ଶିକ୍ଷାଦାନ ପାଇଁ ସରକାର ଚିନ୍ତା କରୁଛନ୍ତି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୮/୧୨: କେଜି ରୁ ପିଜି ପର୍ଯ୍ୟନ୍ତ ସାନ୍ତାଳୀ ଭାଷାରେ ଶିକ୍ଷା ପ୍ରଦାନ ନିମନ୍ତେ ସରକାର ଚିନ୍ତା କରୁଛନ୍ତି। ଆଜି କେଉଁଝର'ର ଅଶୋକ ବାଟିକା ଠାରେ ସର୍ବଭାରତୀୟ ସାନ୍ତାଳୀ ଲେଖକ ସଂଘ ଓଡିଶା ଶାଖାର ସପ୍ତମ ବାର୍ଷିକ ସମ୍ମିଳନୀ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୧୯୨୫ ମସିହାରେ ଅଲ୍‌ଚିକି ଲିପିର ସୃଷ୍ଟି ହୋଇଥିଲା। ଅଲ୍‌ଚିକି ଲିପିର ସ୍ରଷ୍ଟା ଗୁରୁ ଗମ୍‌କେ ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ଏହି ଅବସରରେ ସ୍ମରଣ କରିବା ସଙ୍ଗେସଙ୍ଗେ ୨୦୨୫ରେ ଏହି ଲିପି ସୃଷ୍ଟି ହେବାର ଶତ ବାର୍ଷିକୀକୁ ଏକ ମିଶନ ଭାବରେ ନେଇ "Mission Ol-Chiki ୨୦୨୫" କୁ ସଫଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ୨୦୨୫ ସୁଦ୍ଧା ଯଦି ସମସ୍ତେ ଅଲ୍‌ଚିକି ଲିପି ତଥା ସାନ୍ତାଳୀ ଭାଷାରେ ଶିକ୍ଷା ଗ୍ରହଣ କରିପାରିଲେ ତେବେ, ପଣ୍ଡିତ ମୁର୍ମୁଙ୍କ ପ୍ରତି ଏହା ପ୍ରକୃତ ଶ୍ରଦ୍ଧାଞ୍ଜଳି ହୋଇପାରିବ ବୋଲି ସେ କହିଥିଲେ। ଏହି କ୍ରମରେ ଓଡିଶାରେ ସାନ୍ତାଳୀ ଭାଷାରେ ପ୍ରାଥମିକ ସ୍ତରରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଶିକ୍ଷାର ପ୍ରଚଳନ ପାଇଁ ସରକାର ଚିନ୍ତା କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗୋଟେ ଜାତିର ଉନ୍ନତି ତଥା ପରିଚୟ ପାଇଁ ମାତୃଭାଷା ହିଁ ସର୍ବଶ୍ରେଷ୍ଠ ଅଟେ। ସାନ୍ତାଳୀ ଭାଷା ୨୦୦୩ ମସିହାରେ ତତ୍‌କାଳୀନ କେନ୍ଦ୍ର ସରକାର ତଥା ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଅବଦାନ ଯୋଗୁଁ ଭାରତର ସମ୍ବିଧାନର ଅଷ୍ଟମ ଅନୁଛେଦରେ ସ୍ଥାନୀତ ହୋଇ ଆମର ଗୌରବ ବୃଦ୍ଧି କରିଛି। ତେଣୁ, ତାଙ୍କୁ ମୁଖ୍ୟମନ୍ତ୍ରୀ କୃତଜ୍ଞତା ଜଣାଇଥିଲେ। ସାନ୍ତାଳୀ ଲେଖକ ମାନେ ନିଜର ଲେଖନୀ ବଳରେ ଜାତିର ଭାଷା, ସଂସ୍କୃତି, ପରମ୍ପରା ଓ ଶିକ୍ଷାର ବହୁଳ ପ୍ରଚାର ପ୍ରସାର ପାଇଁ ନିସ୍ୱାର୍ଥପର ଓ ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ବିଭିନ୍ନ ଭାଷାରେ ଲିଖିତ ପ୍ରସିଦ୍ଧ ପୁସ୍ତକକୁ ସାନ୍ତାଳୀରେ ଓ ସାନ୍ତାଳୀ ଭାଷାରେ ଲିଖିତ ବିଭିନ୍ନ ଶିକ୍ଷଣୀୟ ପୁସ୍ତକକୁ କିପରି ଅନ୍ୟ ଭାଷାକୁ ଅନୁବାଦ ହୋଇ ପାରିବ ସେଥି ନିମନ୍ତେ ଉଦ୍ୟମ କରିବାକୁ ଲେଖକ ମାନଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। କାରଣ ଭାଷାର ବହୁଳ ପ୍ରଚାର ପ୍ରସାର ପାଇଁ ଅନୁବାଦ ସାହିତ୍ୟ ଏବଂ ଯୁଗୋପଯୋଗୀ ସାହିତ୍ୟ ସୃଷ୍ଟି କରିବା ପ୍ରତ୍ୟେକ ଲେଖକଙ୍କର ପ୍ରାଥମିକତା ହେବା ଆବଶ୍ୟକ। ଆଦିବାସୀ ମାନଙ୍କ ସାମୂହିକ ବିକାଶ ପାଇଁ ସମସ୍ତଙ୍କୁ ଏକ ହୋଇ ନିଜର ଭାଷା, ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖି ଶିକ୍ଷାର ସ୍ରୋତରେ ସାମିଲ ହେବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଏହାଦ୍ୱାରା "ବିକଶିତ ଓଡିଶା ୨୦୩୬"ରେ ଆଦିବାସୀ ସମାଜ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖିପାରିବ ବୋଲି ସେ କହିଥିଲେ। ଏକ ବିକଶିତ ଓଡିଶା ତଥା ବିକଶିତ ଭାରତ ଗଠନରେ ଆଦିବାସୀ ସମ୍ପ୍ରଦାୟ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସଂଘର ଉପଦେଷ୍ଟା ସ୍ୱର୍ଗତ କାନ୍ଦ୍ରା ମୁର୍ମୁ ଏବଂ ସଂଘର ପୂର୍ବତନ ସଭାପତି ସ୍ୱର୍ଗତ ରୂପଚାନ୍ଦ ହାଁସଦାଃଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସଙ୍ଗେସଙ୍ଗେ ତାଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସଂଘର ସାହିତ୍ୟ ପତ୍ରିକା ତଥା ସ୍ମରଣିକା ଉନ୍ମୋଚନ କରିଥିଲେ। ସାନ୍ତାଳୀ ସାହିତ୍ୟରେ ବିଶେଷ ଅବଦାନ ନିମନ୍ତେ ଶ୍ରୀ ସୁରେଶ କୁମାର ହେମ୍ବ୍ରମ ତାଙ୍କର ପୁସ୍ତକ " ସୋନାଲି ଘାରଂଜ୍" ପାଇଁ ଶ୍ୟାମ ସୁନ୍ଦର ହେମ୍ବ୍ରମ ସମ୍ମାନ ୨୦୨୪, ଶ୍ରୀ ଦୁର୍ଗା ସୋରେନଙ୍କୁ ତାଙ୍କ କ୍ଷୁଦ୍ର ଗଳ୍ପ- "ଉନି କୁଳିଦ ଅକୟ" ପାଇଁ ଯୁବ ପୁରସ୍କାର, ଶ୍ରୀମତୀ ଆର୍ସୁ ହାଁସଦାଃଙ୍କୁ ତାଙ୍କ କବିତା ପୁସ୍ତକ "ଆରସି" ପାଇଁ ଯଦୁମଣି ବେଶ୍ରା ସମ୍ମାନ ଏବଂ ଜୀବନ ବ୍ୟାପୀ ସାହିତ୍ୟ ସାଧନା ପାଇଁ ବିଶିଷ୍ଟ ଲେଖକ ତଥା ସମାଜସେବୀ ଶ୍ରୀ ଲକ୍ଷ୍ମଣ ମାର୍ଣ୍ଡିଙ୍କୁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଥିଲେ। ଏଥି ସହିତ, ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ତୃଣମୂଳ ସ୍ତରରେ ସାନ୍ତାଳୀ ଲେଖକ ମାନଙ୍କୁ ଉତ୍ସାହିତ କରିବା ପାଇଁ ଶ୍ରୀ ଭାଗବତ ହେମ୍ବ୍ରମ, ଶ୍ରୀ ଗୋବିନ୍ଦ ହାଁସାଦାଃ, ଶ୍ରୀ ମୋହନ ସୋରେନ୍, ଶ୍ରୀ ମଧୁସୂଦନ ମୁର୍ମୁ ଓ ଶ୍ରୀ ଜ୍ୟୋତିଲାଲ୍ ହେମ୍ବ୍ରମ ପ୍ରମୁଖଙ୍କୁ ସମ୍ମାନୀତ କରିଥିଲେ। ଏହି ଅବସରରେ ମନ୍ କି ବାତ୍ ରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଦ୍ୱାରା ପ୍ରଶଂସିତ ସାନ୍ତାଳୀ ଲିପିର ଟାଇପ୍ ବୋର୍ଡର ପ୍ରଚଳନ ପାଇଁ ଶ୍ରୀ ରାମଜିତ୍ ଟୁଡୁ ଏବଂ ୟୁଟ୍ୟୁବର ଶ୍ରୀ ଲବ ହାଁସଦାଃଙ୍କୁ ମଧ ମୁଖ୍ୟମନ୍ତ୍ରୀ ସମ୍ମାନୀତ କରିଥିଲେ। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସାରଶକଣା ବିଧାୟକ ଶ୍ରୀ ଭାଦବ ହାଁସଦାଃ, ବାରିପଦା ବିଧାୟକ ଶ୍ରୀ ପ୍ରକାଶ ସୋରେନ୍, ସାନ୍ତାଳୀ ସାହିତ୍ୟ ଏକାଡେମୀ ନୂଆ ଦିଲ୍ଲୀର ପୂର୍ବତନ ସଂଯୋଜକ ଶ୍ରୀ ମଦନ ମୋହନ ସୋରେନ୍ ଏବଂ ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ପ୍ରମୁଖ ଯୋଗଦେଇ ନିଜର ମତାମତ ରଖିଥିଲେ। ଶ୍ରୀ ସରୋଜ କୁମାର ସୋରେନ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସଂଘର ଅଧକ୍ଷ ଶ୍ରୀ ସୁନାରାମ୍ ମାର୍ଣ୍ଡି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଏବଂ ସମ୍ପାଦକ ଶ୍ରୀ ଅର୍ଜୁନ ମାର୍ଣ୍ଡି ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ସହସମ୍ପାଦକ ଶ୍ରୀ ମହେଶ୍ୱର ସୋରେନ୍ ସଂଯୋଜନା କରିଥିଲେ ଓ ଶେଷରେ ସଂଘର ଉପସଭାପତି ଶ୍ରୀ ସିଙ୍ଗ୍ରାୟ ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ। କେଉଁଝର ସାନ୍ତାଳୀ ସାହିତ୍ୟ ଓ ସାଂସ୍କୃତିକ ସଂଘ ଦ୍ୱାରା ବିଭିନ୍ନ ସାନ୍ତାଳୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



# ପରିଚୟ ଖୋଜୁଛନ୍ତି, ନାଳିଆ କାରିଗର

କେନ୍ଦ୍ରାପଡ଼ା ୧୮/୧୨: ଶହ ଶହ ବର୍ଷ ତଳୁ ସେମାନେ ଏହି ନାଳିଆ କାରିଗରି କାମ କରି ଆସିଥିଲେ ବି ସେମାନଙ୍କ ପାଇଁ ସରକାରଙ୍କ ତରଫରୁ କୌଣସି ପ୍ରୋତ୍ସାହନ ମିଳିବା ବ୍ୟବସ୍ଥା କରାଯାଇ ନାହିଁ। ଏହି ସାମାନ୍ୟତମ ଆୟରେ ସେମାନେ ପରିବାର ଚଳାଇବା କଷ୍ଟକର ହୋଇପଡୁଛି। ଏଠାରେ ସେମାନଙ୍କ ପ୍ରସ୍ତୁତ ସାମଗ୍ରୀ ବିକ୍ରି ପାଇଁ କୌଣସି ବଜାର ସୁବିଧା ନ ଥିବାବେଳେ ସରକାର ଏମାନଙ୍କୁ ଉନ୍ନତମାନର ସାମଗ୍ରୀ ନିର୍ମାଣ ପାଇଁ କୌଣସି ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରି ନ ଥିବା ଅଭିଯୋଗ କରିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ୍ ଭିତରଗଡ଼ ଓ ରାଜଗଡ଼ ଗ୍ରାମର ନାଳିଆ କାରିଗରମାନେ ନାହିଁ ନ ଥିବା ସମସ୍ୟା ଦେଇ ଗତି କରୁଛନ୍ତି। ଆଜିର ପ୍ଲାଷ୍ଟିକ ଯୁଗରେ ନାଳିଆ ତିଆରି ସାମଗ୍ରୀର ବିକ୍ରି ପାଇଁ କୌଣସି ବଜାର ସୁବିଧା ନ ଥିବାରୁ କାରିଗରମାନେ ସେମାନଙ୍କ ପ୍ରସ୍ତୁତ ସାମଗ୍ରୀକୁ ଉପଯୁକ୍ତ ମୂଲ୍ୟରେ ବିକ୍ରି କରି ନ ପାରି ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ରାଜନଗର ବ୍ଲକ୍‌ର ଭିତରଗଡ଼ ଓ ରାଜଗଡ଼ ଗ୍ରାମର ଜେନା ସାହିରେ ବାସ କରନ୍ତି ୨୫୦ରୁ ଉର୍ଦ୍ଧ୍ୱ ପରିବାର। ସମସ୍ତଙ୍କର ମୁଖ୍ୟ ବେଉଷା ହେଲା ନାଳିଆ କାରିଗର। ଛୁଆ ଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ନାଳିଆ ତିଆରୀ ସାମଗ୍ରୀ ତିଆରି କରନ୍ତି। ନାଳିଆ ତିଆରି କାମ ସେମାନେ ବାପ ଅଜା ଅମଳରୁ କରି ଆସୁଛନ୍ତି। ନାଳିଆ ପାଛିଆ, ଡାଲା, କୁଲା, ନାଳିଆ, ଖଇଚଲା ଭଳି ଅନେକ ଘର କରଣା ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି। ଏଥିପାଇଁ ସେମାନେ ବଳରାମପୁର, ଭିତରକନିକା, ବାଉଁଶଗଡ଼, ଏକମାଣିଆ ପ୍ରଭୃତି ଦୂରଦୁରାନ୍ତରୁ ନାଳିଆ ସଂଗ୍ରହ କରି ଆଣି ସାମଗ୍ରୀ ତିଆରି କରୁଛନ୍ତି। ପ୍ରଥମେ ନାଳିଆକୁ ଆଣି ଖରାରେ ଶୁଖାଇଥାନ୍ତି। ପରେ ଛୋଟ ଛୋଟ ପାଟିଆରେ ପରିଣତ କରିବା ପରେ ସେଥିରୁ କୁଲା, ନାଳିଆ, ଡାଲା ଆଦି ପ୍ରସ୍ତୁତ କରିଥାନ୍ତି। ଏପରିକି ଗ୍ରାହକମାନଙ୍କୁ ଆକୃଷ୍ଟ କରିବା ପାଇଁ ନାଳିଆକୁ ରଙ୍ଗ ବେରଙ୍ଗ କରି ସାମଗ୍ରୀମାନ ପ୍ରସ୍ତୁତ କରିଥାନ୍ତି। ଏହି ମାଣ ସେର, ଚାଙ୍ଗୁଡ଼ି, ବଡ଼ିପରା ଝାମ୍ପ, ଚାହୁଦା ଟୋକେଇ ପ୍ରଭୃତି ସାମଗ୍ରୀ ପ୍ରସ୍ତୁତ କରି ସେମାନେ ଗାଁ ଗାଁ ଧରି ବୁଲି ବୁଲି ବିକ୍ରୀ କରିଥାନ୍ତି। ସେମାନଙ୍କ ମତରେ ଗୋଟିଏ ଗୋଟିଏ କୁଲା କିମ୍ବା ନାଳିଆକୁ ପ୍ରସ୍ତୁତ କରିବାକୁ ଗୋଟିଏ ଗୋଟିଏ ଦିନ ଲାଗି ଯାଉଥିବା ବେଳେ ତାହାକୁ ସେମାନେ ମାତ୍ର ୫୦ଟଙ୍କାରେ ବିକ୍ରି କରିଥାନ୍ତି। ଯାହାକି ସେମାନଙ୍କ ଗୁଜୁରାଣ ମେଣ୍ଟିବା ସମ୍ଭବପର ହେଉ ନାହିଁ। ବିଶେଷକରି କେନ୍ଦ୍ରାପଡ଼ା, ଯାଜପୁର ଓ କଟକ ଜିଲ୍ଲାରେ ଅନୁଷ୍ଠିତ ମେଳା ମହୋତ୍ସବରେ ଏମାନଙ୍କୁ ଡକା ଯାଏଁ ନାହିଁ କି କୌଣସି ସୁଯୋଗ ମିଳେ ନାହିଁ। ସେହିପରି ଏମାନେ ବହୁବର୍ଷ ଧରି ଅବହେଳିତ ହୋଇ ରହି ଆସୁଥିବାବେଳେ ରହିବା ପାଇଁ ଭଲ ଘର ଖଣ୍ଡିଏ ବି ନଥିବା ବେଳେ ଗତ ବର୍ଷ ୪୦ଭାଗ ଲୋକଙ୍କୁ ସରକାରଙ୍କ ବାସଗୃହ ଯୋଜନାରେ ସାମିଲ କରାଯାଇ ଘର ଖଣ୍ଡିଏ ଲେଖାଏଁ ଦିଆଯାଇଛି ଯେ ତାହା ଏବେ ସୁଦ୍ଧା ପୂର୍ଣ୍ଣାଙ୍ଗ ହୋଇପାରିନି। ଜିଲ୍ଲା ପ୍ରଶାସନ ଏହି ନାଳିଆ କାରିଗରଙ୍କୁ ସହଯୋଗର ହାତ ବଢ଼ାଇଲେ ଏମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ବଜାରରେ ଉପଯୁକ୍ତ ବିକ୍ରିବଟା ହୋଇପାରନ୍ତା ବୋଲି ସେମାନେ କହିଛନ୍ତି। ଜିଲ୍ଲା ପ୍ରଶାସନ ସେମାନଙ୍କୁ ସହାୟତାର ହାତ ବଢ଼ାଇ ସେମାନଙ୍କୁ ବିଭିନ୍ନ ଗୃହ ଉପକରଣର ସାଜସଜା ସାମଗ୍ରୀ ପ୍ରସ୍ତୁତ କରିବା ପାଇଁ ପ୍ରଶିକ୍ଷଣ ଯୋଗାଇଦେଲେ। ସେମାନଙ୍କ ସାମଗ୍ରୀର ଚାହିଦା ବୃଦ୍ଧି ପାଆନ୍ତା ଓ ସେମାନଙ୍କ ଆର୍ଥିକ ଉନ୍ନତି ସମ୍ଭବ ହୋଇପାରନ୍ତା ବୋଲି ନାଳିଆ କାରିଗରମାନେ କହିଛନ୍ତି।



# ଷଷ୍ଠ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ ଉଦ୍‌ଯାପିତ

## 'ଜଗତୀକରଣ ସାରସ୍ୱତ ଜଗତକୁ ଛୋଟ କରିପାରିବ ନାହିଁ'

ଭୁବନେଶ୍ୱର,୧୮/୧୨: ଅନେକ କହୁଛନ୍ତି ବହି ବିପଦରେ ପଡ଼ିଛି। ହେଲେ ବହି ବିପଦରେ ପଡ଼ିନାହିଁ। ଡିଜିଟାଲ ଦୁନିଆ କେବେ ବି ବହିର ସ୍ଥାନ ନେଇ ପାରିବ ନାହିଁ। ବଜାରବାଦ ବିଶ୍ୱକୁ ଛୋଟ କରି ଦେଇ ପାରେ, କିନ୍ତୁ ସାରସ୍ୱତ ଜଗତକୁ ଛୋଟ କରି ପାରିବ ନାହିଁ। ବଜାରବାଦରେ ମୂଲଚାଲ ଥାଏ କିନ୍ତୁ ବହିବାଦରେ ମୂଲ୍ୟବାଦ ଥାଏ। ବଜାରବାଦରେ ବେପାର ଥାଏ, ହେଲେ ବହିବାଦରେ ବିଚାର ଥାଏ। ବଜାରବାଦ କେବେ ବି ବହିବାଦକୁ ପ୍ରଭାବିତ କରିପାରିବନି। ଆଜି ଷଷ୍ଠ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ଏଥର ୩ କୋଟିରୁ ଅଧିକ ଟଙ୍କାର ବହି ବିକ୍ରି ହୋଇଥିବା ନେଇ ମନ୍ତ୍ରୀ ସମସ୍ତଙ୍କୁ କୃତଜ୍ଞତା ଜଣାଇବା ସହ ଆଗାମୀ ଦିନରେ ଜିଲ୍ଲାସ୍ତରରେ ୩କୋଟି ବ୍ୟବସାୟ ହେଲେ ଏହା ଜନଆନ୍ଦୋଳନରେ ପରିବର୍ତ୍ତନ ହୋଇପାରିବ ବୋଲି କହିଥିଲେ। ଏଥିପାଇଁ ଯୋଜନା ପ୍ରଣୟନ ହେବ। ଏହାର ଉତ୍ତରଦାୟିତ୍ୱ ସରକାର ନେବେ। ଆଗକୁ କିପରି ଭଲ ଭାବେ ପୁସ୍ତକମେଳା ହୋଇପାରିବ ଓଡ଼ିଆ ପ୍ରକାଶକ ମାନେ ଅଧିକ ପ୍ରାଥମିକତା ପାଇବେ ସେଥିପ୍ରତି ଧ୍ୟାନ ଦିଆଯିବ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଅଧ୍ୟାପକ ବିଶ୍ୱରଂଜନ ଯୋଗଦେଇ କହିଲେ, ବିକଶିତ ଓଡ଼ିଶା କହିଲେ କେବଳ ଉଚ୍ଚ ଅଟ୍ଟାଳିକା ନୁହେଁ। ବେ?ଦ୍ଧିକ ବିକାଶ ହିଁ ପ୍ରକୃତ ବିକାଶ। ତେଣୁ ଏ ଦିଗରେ ସରକାର ଆନ୍ତରିକତାର ସହ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏଥିସହ ନୂଆ ଯୁବପିଢ଼ି ପୁସ୍ତକ ବ୍ୟବସାୟ ତଥା ପ୍ରକାଶନକୁ ବୃତ୍ତି କରିଥିବାରୁ ସେ ଖୁସି ବ୍ୟକ୍ତ କରିଥିଲେ। ବିଭାଗର ନିର୍ଦ୍ଦେଶକ ବିଜୟକେତନ ଉପାଧ୍ୟାୟ ସ୍ୱାଗତ ବକ୍ତବ୍ୟ ଏବଂ ଯୁଗ୍ମ ସଚିବ ଦେବ ପ୍ରସାଦ ଦାଶ ଧନ୍ୟବାଦ ଦେଇଥିଲେ। ଶୋଭନା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଆମ ଓଡ଼ିଶା ସମେତ ସମସ୍ତ ପ୍ରକାଶକ ଓ ଷ୍ଟଲ୍ ନେଇଥିବା ବ୍ୟବସାୟୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦଯାପନୀ ସମାରୋହରେ 'ଫକୀରନାମା', 'ମାଦଳାପାଞ୍ଜିର ସାମଗ୍ରିକ ରୂପଲେଖ', 'ବହିକଥା', 'ପ୍ରଜ୍ଞାପୁରୁଷ ନାରାୟଣ ପୃଷ୍ଠେ' ଆଦି ପୁସ୍ତକ ଉନ୍ମୋଚିତ ହୋଇଥିଲା।



# ଜିଲ୍ଲାସ୍ତରୀୟ 'ମତ୍ସ୍ୟ ଓ ପ୍ରାଣି ସମ୍ପଦ ମେଳା-୨୦୨୪'ର ଶୁଭ ଉଦଘାଟନ

କେନ୍ଦ୍ରାପଡ଼ା (୧୮/୧୨) କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡିଆଠାରେ ଆୟୋଜିତ 'ମତ୍ସ୍ୟ ଓ ପ୍ରାଣି ସମ୍ପଦ ମେଳା-୨୦୨୪'ର ଶୁଭ ଉଦଘାଟନ କରିଛନ୍ତି ଶ୍ରୀଯୁକ୍ତ ଗୋକୁଳାନନ୍ଦ ମଲ୍ଲିକ, ମାନ୍ୟବର ମନ୍ତ୍ରୀ, ମତ୍ସ୍ୟ ଓ ପ୍ରାଣି ସମ୍ପଦ ବିକାଶ ବିଭାଗ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ଓ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ସମ୍ମାନନୀୟ ଅତିଥିଭାବେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ମହାକାଳପଡା ବିଧାୟକ ଡ. ଦୂର୍ଗା ପ୍ରସନ ନାୟକ, ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଳିତା ଦାସ, ମାନ୍ୟବର ସାଂସଦଙ୍କ ପ୍ରତିନିଧି ତଥା ଜିଲ୍ଲା ବିଜେପି ସଭାପତି କିଶୋର ପଣ୍ଡା ଓ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ଜିଲ୍ଲାସ୍ତରୀୟ 'ମତ୍ସ୍ୟ ଓ ପ୍ରାଣି ସମ୍ପଦ ମେଳା-୨୦୨୪'ର ଆଭିମୁଖ୍ୟ ସମ୍ପର୍କରେ ମତ ବ୍ୟକ୍ତ କରିବା ସହ ନିମନ୍ତ୍ରିତ ଅତିଥି ଓ ଉପସ୍ଥିତ ଚାଷୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ ଓ ପ୍ରାଣି ସଂପଦ ଓ ମତ୍ସ୍ୟ ଚାଷ ଅନେକଙ୍କୁ ଦେଇଛି ନୂଆ ପରିଚୟ। ସେମାନଙ୍କ ଜୀବନ ଜୀବିକାକୁ ସୁରକ୍ଷିତ କରିବା ସହ ସେମାନଙ୍କ ମୁହଁରେ ଫୁଟାଇଛି ହସ। ଚାଷୀଙ୍କୁ ବର୍ଷସାରା ରୋଜଗାର ଯୋଗାଇଛି। ମତ୍ସ୍ୟ ଓ ପ୍ରାଣିସଂପଦର ବିକାଶ ସମ୍ପ୍ରତି ଗ୍ରାମାଞ୍ଚଳ ଅର୍ଥନୀତିର ମେରୁଦଣ୍ଡ ଭାବେ ଉଭା ହୋଇଛି। ତେଣୁ ରାଜ୍ୟ ଅର୍ଥନୀତି ଓ ସାମାଜିକ ସଶକ୍ତିକରଣକୁ ଦୃଷ୍ଟିରେ ରଖି ମତ୍ସ୍ୟ ଓ ପ୍ରାଣିସଂପଦ ବିକାଶ ବିଭାଗ ପକ୍ଷରୁ ଏହି ମେଳାର ଆୟୋଜନ କରାଯାଇଛି ବୋଲି ମୁଖ୍ୟ ଅତିଥି ମତ ବ୍ୟକ୍ତ କରିଥିଲେ ଓ ଏହି ମେଳା ଗୋପାଳକ, ପ୍ରାଣିପାଳକ, ମତ୍ସ୍ୟଚାଷୀ, ମତ୍ସ୍ୟଜୀବୀ, ଉଦ୍ୟୋଗୀ, ସ୍ୱୟଂ ସହାୟକ ଗୋଷ୍ଠୀ, ବିଶେଷଜ୍ଞ ଏବଂ ବ୍ୟବସାୟିକ ସଂସ୍ଥା ମଧ୍ୟରେ ସଂଯୋଗ ସ୍ଥାପନ ପାଇଁ ଏକ ପ୍ରକୃଷ୍ଟ ମଞ୍ଚ। ମତ୍ସ୍ୟ ଓ ପ୍ରାଣିପାଳନ କ୍ଷେତ୍ରରେ ବ୍ୟବହାର କରାଯାଉଥିବା ନୂତନ ଜ୍ଞାନକୌଶଳ ସମ୍ପର୍କରେ ଚାଷୀମାନେ ଜାଣିବାର ସୁଯୋଗ ପାଇଥାନ୍ତି। ଆମ ରାଜ୍ୟରେ ଦୁଗ୍ଧ ଉତ୍ପାଦନକୁ ବୃଦ୍ଧି କରିବା ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ "ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା" କାର୍ଯ୍ୟକାରୀ ହୋଇଛି। ଏହି ଯୋଜନାରେ ୫ ବର୍ଷରେ ୧୪୨୩ କୋଟିରୁ ଅଧିକ ଟଙ୍କା ବିନିଯୋଗ ହେବ। ଗୋପାଳନ ଓ ମଇଁଷି ପାଳନ ପାଇଁ ୬୦ରୁ ୭୦ ପ୍ରତିଶତ ରିହାତି ଦେବା ପାଇଁ ସରକାର ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗୀ ଯୋଜନାର ହିତାଧିକାରୀମାନଙ୍କୁ ୫୦ ପ୍ରତିଶତ ରିହାତି ସହ ଓଡ଼ିଶା ବାହାରୁ କିଣୁଥିବା ଗାଈଙ୍କ ଦାମ ଉପରେ ୧୫ ପ୍ରତିଶତ ଅତିରିକ୍ତ ରିହାତି ଦିଆଯାଉଛି। ସେହିଭଳି "ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ" ଯୋଜନାରେ ୫ ବର୍ଷ ନିମନ୍ତେ ୨ ହଜାର ୨୩୯ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଏହାର ସୁଫଳ ପ୍ରାୟ ୧୪ ଲକ୍ଷ ମତ୍ସ୍ୟଜୀବୀଙ୍କୁ ମିଳିବ। ରାଜ୍ୟର ମତ୍ସ୍ୟଚାଷୀ, ପ୍ରାଣୀପାଳକ ଓ ସ୍ୱୟଂ ସହାୟକ ଗୋଷ୍ଠୀ ଏଥିରୁ ଯଥେଷ୍ଟ ଉପକୃତ ହେବେ ବୋଲି ମୁଖ୍ୟ ଅତିଥି ମତ ବ୍ୟକ୍ତ କରିଥିଲେ। ଉକ୍ତ ଶୁଭ ଉଦ୍ଘାଟନ ଉତ୍ସବ ପ୍ରାରମ୍ଭରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ଭକ୍ତିପୁଷ୍ପ ପ୍ରଦାନ ପରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା ଓ ଉତ୍ସବରେ ମତ୍ସ୍ୟ ଓ ପ୍ରାଣି ସମ୍ପଦ ବିଭାଗ ଦ୍ୱାରା ୨ ଜଣ ମତ୍ସ୍ୟ ଚାଷୀ ଓ ୨ ଜଣ ପ୍ରାଣିପାଳକଙ୍କୁ ପୁରସ୍କୃତ କରାଯାଇଥିଲା ଓ ୨୦୦୦ ରୁ ଉର୍ଦ୍ଧ୍ୱ ଚାଷୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଉକ୍ତ ଉତ୍ସବରେ ଯୋଗ ଦେଇଥିଲେ। ୩୬ ଟି ଷ୍ଟଲ ବିଭିନ୍ନ ସରକାରୀ ବିଭାଗ ଦ୍ୱାରା ଆୟୋଜନ କରାଯାଇଥିଲା। ଏଥିରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗର ଅଧିକାରୀ ଓ କର୍ମକର୍ତ୍ତା, ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକ୍ସ ମିଡ଼ିଆର ପ୍ରତିନିଧିମାନେ ଯୋଗ ଦେଇଥିଲେ।



# ରାଜ୍ୟ ସ୍ତରୀୟ ଭାର ଉତ୍ତୋଳନ ପ୍ରତିଯୋଗିତାରେ କେନ୍ଦ୍ରାପଡ଼ା ଛାତ୍ରୀ ମାନଙ୍କ କୃତିତ୍ୱ

କେନ୍ଦ୍ରାପଡ଼ା(୧୭/୧୨)ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍ ଥରେ ଚଳିତ ମାସ ୧୪ ଓ ୧୫ ତାରିଖ ଦୁଇ ଦିନ ଧରି ପ୍ରଥମ ଓଡ଼ିଶା ଆନ୍ତଃ ତୃଣମୂଳ ସ୍ତରୀୟ(୧୪ ବର୍ଷରୁ କମ୍)ରାଜ୍ୟ ସ୍ତରୀୟ ଭାର ଉତ୍ତୋଳନ ପ୍ରତିଯୋଗିତା ଓଡ଼ିଶା ଭାର ଉତ୍ତୋଳନ ସଂଘ ଏବଂ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ ତରଫରୁ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଅଛି। ଏହି ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ କେନ୍ଦ୍ରାପଡ଼ା ବହୁମୁଖି କ୍ରୀଡା ଭବନ (ଏମ୍ .ପି. ଆଇ. ଏସ୍)ତରଫରୁ ଭାର ଉତ୍ତୋଳନ ପ୍ରଶିକ୍ଷିକ ଶ୍ରୀମତୀ ସୂର୍ଯ୍ୟପ୍ରଭା ମହାନ୍ତିଙ୍କ ତତ୍ତ୍ୱାବଧାନରେ ୨ ଜଣ ଛାତ୍ର ଏବଂ ୩ ଜଣ ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୪ ବର୍ଷରୁ କମ୍ ବାଳିକା (୪୯ କେ:ଜି) ବର୍ଗରେ କୁମାରୀ ଇଶାସିହ୍ନା -୩ ୟ ସ୍ଥାନ ଏବଂ ୧୪ ବର୍ଷରୁ କମ୍ ବାଳିକା(୫୫ କେ:ଜି) ବର୍ଗରେ ମଧୁଶ୍ରୀ ସାହୁ ମଧ ୩ ୟ ସ୍ଥାନ ଅଧିକାର କରି କାଂସ୍ୟ ପଦକ ପାଇଥିଲେ। କ୍ରୀଡା ବିଭାଗର ପ୍ରମୁଖ ସଚିବ ଶ୍ରୀଯୁକ୍ତ ଭାସ୍କର ଜ୍ୟୋତି ଶର୍ମା କୃତି ପ୍ରତିଯୋଗୀ ମାନଙ୍କୁ ମାନପତ୍ର ଏବଂ ପଦକ ପ୍ରଦାନ କରିଥିଲେ। ଅର୍ପିତା ମହାରଣା, ଆୟାନ ଜେନା,ଏବଂ କୀର୍ତ୍ତି କୁମାର ସାହୁ ପ୍ରଭୃତି ଅଂଶ ଗ୍ରହଣ କରିଥିଲେ। ଛାତ୍ରୀ ମାନଙ୍କର ଏହି କୃତିତ୍ୱ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାର ଜିଲ୍ଲାପାଳ ଶ୍ରୀଯୁକ୍ତ ସ୍ମୃତି ରଞ୍ଜନ ପ୍ରଧାନ,ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶ୍ରୀଯୁକ୍ତ ନିଲୁ ମହାପାତ୍ର ଏବଂ ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀଯୁକ୍ତ ଲୋକନାଥ ପାଣିଗ୍ରାହୀ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀଙ୍କ ବିୟୋଗ



କେନ୍ଦ୍ରାପଡ଼ା(୧୮/୧୨): ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀ ତପନ କୁମାର ପରିଡାଙ୍କ ହୃଦଘାତ ଜନିତ କାରଣରୁ ୫୯ ବର୍ଷ ବୟସରେ ପରଲୋକ ଘଟିଛି। ସେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟରେ ତା. ୦୧/୦୫/୧୯୯୦ ରିଖରେ ଶିକ୍ଷିତ ଚପରାଶି ଭାବରେ ଯୋଗଦାନ କରିଥିଲେ ଓ ଗତକାଲି ମଢିଆଳସ୍ଥିତ ସୂଚନା କେନ୍ଦ୍ର ଓ ପାଠାଗାରରେ କାର୍ଯ୍ୟରତ ସମୟରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନେବା ବାଟରେ ତାଙ୍କର ହୃଦଘାତ ଜନିତ ମୃତ୍ୟୁ ହୋଇଥିଲା। ସେ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କୁତରଙ୍ଗ ପଂଚାୟତର ଡିହମୁଗବାଡି ଗ୍ରାମରେ ତା. ୧୦/୧୨/୧୯୬୫ ରିଖରେ ଜନ୍ମଗ୍ରହଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଓ କର୍ମଚାରୀମାନେ ତାଙ୍କ ବାସଭବନରେ ପହଞ୍ଚି ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିବା ସହ ଅମର ଆତ୍ମାର ସଦଗତି ପାଇଁ କାମନା କରିଥିଲେ।

# ମଶାଣିଭୂମି ସଂପୂର୍ଣ୍ଣ ହେବ କେବେ

କେସିଙ୍ଗା,୧୯/୧୨ (ଜଗନ୍ନାଥ ଏକ୍ସପ୍ରେସ୍)(ମାଧବ ସାହୁ)କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ଲଇତରା ଗ୍ରାମପଞ୍ଚାୟତ ର ମଶାଣିମୁଣ୍ଡା ଗ୍ରାମରେ ଦୀର୍ଘବର୍ଷ ହେଲା ମଶାଣିଭୂମି ଅସମ୍ପୂର୍ଣ ହୋଇ ପଡ଼ିରହିଛି। କିଛି ଅର୍ଥ କମ୍ ପଡିଥିବାରୁ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ ହୋଇପାରିଲା ନାହିଁ।ହଜାର ରୁ ଉର୍ଦ୍ଧ ଲୋକ ବସବାସ କରୁଛନ୍ତି।ଯାହା ଦ୍ୱାରା ଗ୍ରାମବାସୀ ବହୁ ଅସୁବିଧାର ସଂମ୍ମୁଖୀନ ହେଉଛନ୍ତି। ଏ ସମ୍ବନ୍ଧରେ ସ୍ଥାନୀୟ ସରପଞ୍ଚଙ୍କୁ ମଧ ଅବଗତ କରଯାଇଥିଲା କିନ୍ତୁ ଏ ପର୍ଯନ୍ତ କୌଣସି ପ୍ରକାରର ପଦକ୍ଷେପ ନିଆଯାଇ ନାହିଁ।ଯଥା ଶୀଘ୍ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ କରାଯାଉ ବୋଲି ଗ୍ରାମବାସୀଙ୍କ ସାଧାରଣ ଦାବି।

# ୬ଦଫା ଦାବୀ ନେଇ ଆଖୁ ଚାଷୀ ସଙ୍ଘ ପକ୍ଷରୁ ଦାବୀପତ୍ର ପ୍ରଦାନ

ଆସିକା, ୧୮/୧୨ (ନି.ପ୍ର): ଗଞ୍ଜାମ ଜିଲ୍ଲା ଆଖୁ ଚାଷୀ ସଙ୍ଘ ପକ୍ଷରୁ ଆସିକା ସମବାୟ ଚିନି ଶିଳ୍ପ ପରିଚାଳନା ପରିଷଦ ନିର୍ଦ୍ଦେଶକଙ୍କୁ ସଙ୍ଘ ପକ୍ଷରୁ ୬ଦଫା ଦାବୀପତ୍ର ପ୍ରଦାନ କରାଯାଇଛି।ସଙ୍ଘ ପକ୍ଷରୁ ସଭାପତି ସମୀର କୁମାର ପ୍ରଧାନ ଓ ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ବରଡ଼ ଙ୍କ ନେତୃତ୍ୱରେ ଆଜି ସମବାୟ ଚିନି ଶିଳ୍ପ ନିର୍ଦ୍ଦେଶକ ଡ଼ ସୁଶାନ୍ତ କୁମାର ପଣ୍ଡା ଙ୍କୁ ୬ଦଫା ଦାବୀ ସମ୍ବଳିତ ଦାବୀ ପତ୍ର ପ୍ରଦାନ କରାଯାଇଛି। ପ୍ରଦାନ କରାଯାଇଥିବା ଦାବୀ ଗୁଡିକ ମଧ୍ୟରେ ଚଳିତ ବର୍ଷ ଆଖୁଦର ଟନ୍ ପିଛା ୪୫୦୦ ଟଙ୍କା ଦର ଧାର୍ଯ୍ୟ କରିବା,ଆଖୁଚାଷ ନିମନ୍ତେ ବିହ?ନ, ସାର ଓ କୀଟନାଶକ ଔଷଧ ଉପଯୁକ୍ତ ସମୟରେ ଚାଷୀ ମାନଙ୍କୁ ବିଲ ପାଖରେ ଯୋଗାଇବା ଆଖୁ ଫସଲ ନିମନ୍ତେ ଜମି କୁ ଜଳ ଯୋଗଣ ବ୍ୟବସ୍ଥା ନିଶ୍ଚିତ କରିବା,ଆଖୁଚାଷୀଙ୍କ ସନ୍ତାନମାନଙ୍କୁ ପ୍ରାଥମିକତା ଭିତିରେ ନିଯୁକ୍ତି ଦେବା, ବନ୍ୟଜନ୍ତୁ ଙ୍କ କବଳରୁ ଫସଲ ରକ୍ଷା ନିମନ୍ତେ ବ୍ୟବସ୍ଥା ଓ ଆଖୁ ଫସଲକୁ ପଞ୍ଚାୟତ ସ୍ତରୀୟ ବୀମାଭୁକ୍ତ କରିବା, ବ୍ୟବସାୟ ଭିତିରେ ନିଯୁକ୍ତି ପାଇଥିବା ଅଯୋଗ୍ୟ କର୍ମଚାରୀ ବଦଳରେ ସଠିକ ପ୍ରକ୍ରିୟାରେ ଯୋଗ୍ୟ କର୍ମଚାରୀ ନିଯୁକ୍ତି କରିବା, ଶାଗମାଛ ଦରରେ ଚକ୍ରାନ୍ତକାରୀ ମାନେ କାରଖାନା କୁ କିଣିବା ନିମନ୍ତେ ଚଳାଇଥିବା ମସୁଧା ବନ୍ଦ କରିବା ଏବଂ ମୁଖ୍ୟମନ୍ତ୍ରୀ ଚିନିଶିଳ୍ପ ନିମନ୍ତେ ଗଠନ କରିଥିବା ଟାସ୍କ ଫୋର୍ସ ରେ ଚାଷୀ ଙ୍କ ପ୍ରତିନିଧି ଯୋଗାଯାଉ।

# କାରଖାନା ବର୍ଜ୍ୟ ପାଉଁଶରେ ସରକାରୀ ଘର ମୂଳଦୁଆ

## ମିଶନ ଶକ୍ତି ଗୃହ ନିର୍ମାଣରେ ଦୁର୍ନୀତି

ଦାନଗଦି,୧୮/୧୨ (ନି.ପ୍ର) : ଦାନଗଦି ବ୍ଲକ ମଙ୍ଗଳପୁର ପଞ୍ଚାୟତର ତେଲିବାହାଳି ସ୍ଥିତ ମହାପାଟ ପଡିଆରେ ନିର୍ମାଣ ଚାଲିଥିବା ମିଶନ ଶକ୍ତି ଗୃହ ଠିକାଦାର ଙ୍କ ମନ ମର୍ଜି ରେ ଚାଲିଥିବା ଦେଖିବାକୁ ମିଳିଛି । ଗୃହ ନିର୍ମାଣ ପାଇଁ ରହିଥିବା ସରକାରୀ ନିୟମକୁ ଠିକାଦାର ଆଦୌ ମାନୁ ନଥିବା ଅଭିଯୋଗ ହେଉଛି । ସୂଚନା ମୁତାବକ ପ୨ାଖାପାଖି ୧୭୦୦ ବର୍ଗ ଫୁଟ ପରିମିତ ଅଞ୍ଚଳରେ ନିର୍ମାଣ ହେବ । ଏହାର ନିର୍ମାଣ ପାଇଁ ୨୭ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦିଆଯାଇଛି । ମାତ୍ର କାମପାଇଁ ଟେଣ୍ଡର ପାଇଥିବା ଠିକାଦାର ଅତ୍ୟନ୍ତ ମନୋମୁଖୀ ଭାବେ ନିର୍ମାଣ କରୁଥିବା ଦେଖିବାକୁ ମିଳିଛି । ଘରର ମୁଳଦୂଆ ଓ ପ୍ଲିନ୍ଥ ଭିତରେ ବାଲି ଭର୍ତ୍ତୀ କରି ମଜବୁତ କରିବାକୁ ନିୟମ ରହିଥିଲେ ମଧ୍ୟ ଏହି କାମରେ ଠିକାଦାର ଶିଳ୍ପ ବର୍ଜ୍ୟ ଭର୍ତ୍ତୀ କରୁଛନ୍ତି । ବେପରୁଆ ଠିକାଦାରଙ୍କ ଦ୍ୱାରା ପାଉଁଶ ପୋତା ଚାଲିଥିଲେ ମଧ୍ୟ ଏହାକୁ ଦାୟିତ୍ୱରେ ଥିବା ଯନ୍ତ୍ରୀ ବନ୍ଦ କରୁ ନାହାଁନ୍ତି । ଶିଳ୍ପ ବର୍ଜ୍ୟ ପାଉଁଶ ରେ କ୍ଷତିକାରକ ଶିଳିକା, ସଲଫର ସହିତ ଅମ୍ଳୀୟ ତତ୍ତ୍ୱ ରହୁ ଥିବାରୁ ଏହା ପରିବେଶ ଅନୁକୂଳ ହୋଇ ନଥାଏ । ସୁତରାଂ ଏହାକୁ ବଡ଼ ବଡ଼ ଗାଡ କିମ୍ବା ରାସ୍ତା କାମରେ ପୋତିବା କାର୍ଯ୍ୟରେ ବ୍ୟବହାର କରିବା ପାଇଁ ନିୟମ ରହିଛି । ମାତ୍ର ଠିକାଦାର ବାଲି ଟଙ୍କା ବଞ୍ଚାଇବା ପାଇଁ ଘର ଭିତରେ ୧୦ ଟ୍ରିପ୍ ରୁ ଅଧିକ ବିଷାକ୍ତ ବର୍ଜ୍ୟ ଢାଳି ତାହା ଉପରେ ଢଳେଇ କରିବା ପାଇଁ ମସୁଧା ଚଳାଇଛନ୍ତି । ବାହୁବଳି ଠିକାଦାର ଙ୍କ ଏହି କାର୍ଯ୍ୟ କୁ ବନ୍ଦ କରିବାକୁ ବିଭାଗୀୟ ଯନ୍ତ୍ରୀ ଆଗେଇ ଆସି ନାହାନ୍ତି । ସର୍ବସାଧାରଣ ସ୍ଥାନରେ ଚାଲିଥିବା ଏହି କାମ ଆରମ୍ଭରୁ ହିଁ ନିମ୍ନ ମାନର ହେଉଥିବା ଦେଖିବାକୁ ମିଳିଛି । ଘର ନିର୍ମାଣରେ ନିମ୍ନ ମାନର ଲୁହାଛଡ ବ୍ୟବହାର କରାଯାଉଥିବା ବେଳେ ଆବଶ୍ୟକ ପରିମାଣ ଠାରୁ କମ ଲୁହା ଛଡ ରେ ମୂଳଦୁଆ ହୋଇଥିବା ଅଭିଯୋଗ ହେଉଛି । ମୂଳଦୁଆ ରୁ ହିଁ ଘରର ସ୍ଥାୟିତ୍ୱ ନେଇ ଆଶଙ୍କା ଦେଖାଦେଇ ଥିବାରୁ ଏହାର ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି । ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ଙ୍କ



ମତାମତ ନେବାକୁ ଚେଷ୍ଟା କରାଯାଇଥିବା ବେଳେ ତାଙ୍କ ଫୋନ ବନ୍ଦ ରହିଥିଲା । ମାତ୍ର କାର୍ଯ୍ୟ ନିରୀକ୍ଷଣ କରୁଥିବା ଯନ୍ତ୍ରୀ ସ୍ମିତାଶ୍ରୀ ଦାସ ଙ୍କୁ ନିମ୍ନ ମାନର କାର୍ଯ୍ୟ ସମ୍ପର୍କରେ ପଚାରିବାରୁ ସେ ଗୃହ ନିର୍ମାଣରେ ଯାହା ତ୍ରୁଟି ରହିଛି ସେ ସମ୍ପର୍କରେ ତଦନ୍ତ କରି କାର୍ଯ୍ୟ ସୁଧାରିବା ପାଇଁ ଚେଷ୍ଟା କରିବେ ବୋଲି କହିଥିଲେ । ଜିଲାପାଳ ମହୋଦୟା ସରକାରୀ ଅର୍ଥ ଦୁରୁପଯୋଗ ବନ୍ଦ କରିବା ପାଇଁ ଏହି ପ୍ରକଳ୍ପର ତଦନ୍ତ କରିବା ପାଇଁ ଗ୍ରାମବାସୀ ଦାବି ଜଣାଇଛନ୍ତି ।

# ନାବାଳିକା ଗଣ ଦୁଷ୍କର୍ମ ମାମଲା, ୨ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ

ବ୍ରହ୍ମପୁର, ୧୮/୧୨ (ନି.ପ୍ର) :ବ୍ରହ୍ମପୁର ସ୍ୱତନ୍ତ୍ର ପୋକସୋ ଜଜ୍ ପ୍ରଣତି ପଟ୍ଟନାୟକ ଏକ ନାବାଳିକା ଗଣବଳାତ୍କାର ମାମମଲାର ଚୁଡାନ୍ତ ରାୟ ପ୍ରକାଶ କରିଛନ୍ତି । ସେ ୨ ଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତ ୨ ଜଣ ହେଲେ ଗୋଳନ୍ଥରା ଅଞ୍ଚଳର ରୁତୁରାଜ ବେହେରା(୩୦) ଓ ହେମନ୍ତ ବେହେରା(୨୮) । ଆଜୀବନ କାରାଦଣ୍ଡ ସହ ଉଭୟ ଅଭିଯୁକ୍ତଙ୍କୁ ୩୫ ହଜାର ଲେଖାଏଁ ଜୋରିମାନା ଦେବାକୁ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି । ଜୋରିମାନା ଅନାଦେୟ ଅଧିକ ୧ ବର୍ଷ କାରାଦଣ୍ଡ ଭୋଗିବାକୁ ହେବ ବୋଲି ଜଜ୍ ନିଜ ରାୟରେ ଉଲ୍ଲେଖ କରିଛନ୍ତି । ସେହିପରି ପିଡିତା ନାବାଳିକାଙ୍କୁ ୧୫ ଲକ୍ଷ ଟଙ୍କା ସହାୟତା ଦେବାକୁ ଡିଏଲଏସଏକୁ ନିର୍ଦ୍ଦେଶ ଦେଇଛନ୍ତି । ଘଟଣାରୁ ପ୍ରକାଶ ଯେ, ୯ବର୍ଷର ଜଣେ ନାବାଳିକାଙ୍କୁ ଦୁଇଜଣ ଯୁବକ ଚକଲେଟ ଦେବାକୁ କହି ଘରକୁ ଡାକି ବଳାତ୍କାର କରିଥିଲେ । ଏନେଇ ଗୋଳନ୍ଥରା ଥାନାରେ ଅଭିଯୋଗ କରାଯାଇଥିଲା । ପୋଲିସ ୨୭/୨୧ ରେ ଏକ ମାମଲା ରୁଜୁ କରି ଉକ୍ତ ଉଭୟ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ସାକ୍ଷୀ ମାନଙ୍କ ବୟାନ କୁ ଆଧାର କରି ଜଜ ଆଜି ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି । ଏନେଇ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର (ପିପି) ନାରାୟଣ ପଣ୍ଡା ସୂଚନା ଦେଇଛନ୍ତି ।

# ଠେଙ୍ଗା ଦେଖାଇ ନିର୍ଦ୍ଦୋଷୀଙ୍କୁ ଦୋଷୀ କରୁଛନ୍ତି ଅବକାରୀ ବିଭାଗ

## ଆଠମଲ୍ଲିକ ଅବକାରୀ ବିଭାଗର ବିଚିତ୍ର ନୀତି

ଆଠମଲ୍ଲିକ, ୧୮/୧୨ (ନି.ପ୍ର) : ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ର ଅବକାରୀ ବିଭାଗ ର ବିଚିତ୍ର ନୀତି ପାଇଁ ଆଜି ନିରୀହ ଦଳିତ ଆଦିବାସୀ ଗରୀବ ପ୍ରଜାମାନେ ନିର୍ଦ୍ଦୋଷ ରେ ଦୋଷୀ ସାବ୍ୟସ୍ତ ହୋଇ ଜେଲେ ଯାଉଥିବା ଦେଖାଦେଇଛି । ବିଶେଷ ସୂତ୍ରରୁ ଜଣାଯାଏ କି ଆଠମଲ୍ଲିକ ,ମାଧପୁର, କିଶୋର ନଗର,ଠାକୁରଗଡ଼ , ପାଇକାସାହି, ବଇଣ୍ଡା, ହଣ୍ଡପା , ବଇସିନା, ବାମୁରୁ, ଆଦି ଅଞ୍ଚଳରେ ବ୍ୟାପକ ଭାବେ ଦେଶୀ ବିଦେଶୀ ମଦ ରନ୍ଧାଯାଇ ବିପୁଳ ସଂଖ୍ୟାରେ ବିକ୍ରି ହେଉଥିଲେ ମଧ୍ୟ ଅବକାରୀ ବିଭାଗ ଜାଣି ଶୁଣି ନୀରବଦ୍ରଷ୍ଟା ସାଜି ବେପାରି ମାନଂକ ଠାରୁ ମାସିକ ଚାନ୍ଦା ନେଉଥିବା ର ଜଣାଯାଏ । ଚୁରା ବେପାରୀ ଙ୍କୁ ଆଢୁଆଳରେ ସମର୍ଥନ ଦେଇ ଗାଁ ଗାଁ ରେ ନିରୀହ ଘରେ ପଶି ବିନା କାରଣରେ ମଦ ନପାଇ ଶୋଇଲା ଶେଯରୁ ଜବର ଦସ୍ତି ଉଠାଇ ଆଣି ଠେଙ୍ଗା ର ଭୟ ଦେଖାଇ ଟାଣି ଟାଣି ଆଣି ଗାଡ଼ିରେ ବସାଇ ୧୦ /୧୫ ଲିଟର ମଦ ଲେଖି ଜେଲ କୁ ପଠାଉଥିବା



ଦେଖିବାକୁ ମିଳିଛି । କେଉଁ ନୀତି ନିୟମ ଅନୁସାରେ ଆଠମଲ୍ଲିକ ଅବକାରୀ ବିଭାଗ ର କର୍ମଚାରୀଙ୍କ ମାନ ଏକ ଠେଙ୍ଗା ଧରି ଧମକ ଦେଇ ଭୟ ଭିତ କରି ଜୁଲୁମ୍ କରିଥିବା ଦୃଶ୍ୟ ଜନ ସାଧାରଣ ଙ୍କୁ ଚକିତ କରିଛି । ଆଜି ସକାଳ ୫ ଘଣ୍ଟିକା ସମୟରେ ଆଠମଲ୍ଲିକ ବ୍ଲକ ଆମ୍ବସରମୁଣ୍ଡା ଗ୍ରାମରେ ମନୋଜ କୁମାର ନାୟକ ପିତା ପ୍ରଭାକର ନାୟକ ଙ୍କ ଘରେ ପଶି ଶୋଇଲା ସେଜ ରୁ ଉଠାଇ ଆଣି ବିନା କାରଣରେ ବିନା ପ୍ରମାଣ ରେ ଜଣେ ନିରୀହ ଆଦିବାସୀଙ୍କୁ ଯୁବକକୁ ଗ୍ରାମ ମଝିରେ ସହ ସହ ଲୋକ ଙ୍କ ଉପସ୍ଥିତି ରେ ଠେଙ୍ଗା ଧରି ବେଜିତ୍ କରିଥିବା ଘଟଣା ମାନବିକ ଅଧିକାର କ୍ଷୁର୍ଣ୍ଣ ହେଉଛି । ଉକ୍ତ ଘଟଣାକୁ ଓଡ଼ିଶା ,ଜାତୀୟ ଓ ଅନ୍ତର୍ଜାତୀୟ ମାନବିକ ଅଧିକାର ପରିଷଦ ଅଧକ୍ଷ ଓଡ଼ିଶା ଯଥା ଶୀଘ୍ର ଦୃଷ୍ଟି ଆକର୍ଷଣ କରି ନିରପେକ୍ଷ ତଦନ୍ତ କରି ଦୋଷୀ ଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବୀ ହେଉଛି ।

# ସିଂଲା ହାଟରୁ ଜବରଦଖଲ ଉଚ୍ଛେଦ

ବସ୍ତା ୧୮/୧୨ (ନି.ପ୍ର) :ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅଧିନସ୍ଥ ବହୁ ପୁରାତନ ସିଂଲା ହାଟରେ ଜବର ଦଖଲକରୀଙ୍କୁ ଉଚ୍ଛେଦ କଲା ପ୍ରଶାସନ । ସୂଚନା ଅନୁସାରେ ଦୀର୍ଘ ବର୍ଷ ଧରି ସିଂଲା ସାପ୍ତାହିକ ହାଟ ଏକ ସରକା ରୀ ଯାଗାର ଚାଲି ଆସୁଥିବା ବେଳେ କିଛି ଲୋକ ଉକ୍ତ ସରକାରୀ ଜାଗାରେ ପକ୍କା ଘର ନିର୍ମାଣ କରି ବ୍ୟବସାୟ କରି ଆସୁଥିଲେ । ତେବେ ଗ୍ରାମର ଜଣେ ବୟୋଜ୍ୟେଷ୍ଠ ବ୍ୟକ୍ତି ରଘୁନାଥ ସାହୁ ଅବରୋଧ କାରୀଙ୍କ ବିରୋଧରେ ବାରମ୍ବାର ଅଭିଯୋଗ କରି ନିରାଶ ହେବା ପରେ ମାନ୍ୟବର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଆଜି ତହସିଲଦାର ରାଧାରଞ୍ଜନ ଦାସଙ୍କ ସହ ପୋଲିସ ପ୍ରଶାସନ ଉପସ୍ଥିତ ରହି ନଅ ଜଣ ବ୍ୟକ୍ତି ଙ୍କର ପକ୍କା ଘର ଉଚ୍ଛେଦ କରିଥିଲେ । ପ୍ରଥମ ପର୍ଯ୍ୟାୟ ରେ ନଅ ଜଣ ଜବର ଦଖଲକାରୀ ଉଚ୍ଛେଦ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ସମସ୍ତ ଜବରଦଖଲ କରୀ ଙ୍କୁ ଉଚ୍ଛେଦ କରାଯିବ ବୋଲି ପ୍ରକାଶ କରିଥିଲେ ତହସିଲ ଦାର ।ତେବେ ଉଚ୍ଛେଦ କାର୍ଯ୍ୟରେ ପ୍ରଶାସନ ଅବରୋଧ କାରୀଙ୍କୁ ସହଯୋଗ କରୁଥିବା ଶ୍ରୀ ସାହୁ ଅଭିଯୋଗ କରି କହିଥିବା ବେଳେ ଉଚ୍ଛେଦ ହୋଇଥିବା ଦୋକାନୀ ମାନେ ନିଜର ଅସ ହାୟତା ପ୍ରକାଶ କରିଛନ୍ତି ।

# ବସ୍ତା ସେଣ୍ଟ ଜାଭିୟର୍ସ ସ୍କୁଲରେ ବିଜ୍ଞାନ ମେଳା : ୩୧ ପ୍ରକଳ୍ପ ପ୍ରଦର୍ଶିତ

ବସ୍ତା, ୧୮/୧୨ (ନି.ପ୍ର) :ବସ୍ତା ସ୍ଥିତ ସେଣ୍ଟ ଜାଭିୟର୍ସ ସ୍କୁଲରେ ବୁଧବାର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି । ଏହି ବିଜ୍ଞାନ ମେଳାରେ ମୁଖ୍ୟଅତିଥିଭାବେ ନର୍ଥ ଓଡ଼ିଶା ଇଂଜିନିୟରିଂ କଲେଜର ଅଧକ୍ଷ ପରମେଶ୍ୱର ବାରିକ ମୁଖ୍ୟବକ୍ତା ବ୍ୟାଙ୍କ ଅଫ ଇଣ୍ଡିଆ ଶାଖା ପରିଚାଳକ ବସନ୍ତ ପାତ୍ର ଯୋଗଦେଇ ଏହି ବିଜ୍ଞାନ ମେଳାକୁ ଉଦ୍ଘାଟନ କରି ଥଲେ । ଏହି ବିଜ୍ଞାନ ମେଳାରେ ୩୧ ଜଣ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ପ୍ରଦର୍ଶିତ ପ୍ରକଳ୍ପ ମଧ୍ୟରୁ ସିନିୟର ଗ୍ରୁପରୁ ପ୍ରାନସୁ କୁଣ୍ଡୁଙ୍କ ବର୍ଜ୍ୟ ପ୍ଲାଷ୍ଟିକର ବ୍ୟବହାର ପ୍ରକଳ୍ପ ପ୍ରଥମ ହୋଇଥିବା ବେଳେ ପ୍ରାନଭି କୁଣ୍ଡୁ ଙ୍କ ଔଷଧୟ ଚରା ଓ ତାର ବ୍ୟବହାର ଦ୍ୱିତୀୟ ଓ ଏମ ଏସ ଏରୀନାଙ୍କ ମୃତ୍ତିକା ସଂରକ୍ଷଣ ଓ ଜୀନତ ଫତିମାଙ୍କ ଚନ୍ଦ୍ରୟାନ -୩ ପ୍ରକଳ୍ପ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ଜୁନିଅର ବିଭାଗରେ ନିଲେଶ ସାହୁଙ୍କ ଜଳଚକ୍ର ପ୍ରକଳ୍ପ ପ୍ରଥମ ହୋଇ ଥିବା ବେଳେ ସୁରଜ ରାମଙ୍କ ପାଣି ଉପରେ ନିଁଆ ପ୍ରକଳ୍ପ ଦ୍ୱିତୀୟ ଓ ବୈଭବ ପରିଡ଼ାଙ୍କ ଟ୍ରାଫିକ ସିଂନାଲ ପ୍ରକଳ୍ପ ତୃତୀୟ ସ୍ଥାନ ଅଧିକାର କରିଥିଲା । ଏହି ବିଜ୍ଞାନ ମେଳାରେ ସ୍କୁଲ ମ୍ୟାନେ ଜମେଣ୍ଟ ସଂପାଦକ ଓ ଆରପି କମ୍ପ୍ୟୁଟରର ଅଧକ୍ଷ ବସନ୍ତ ବେହେରା, ପରିଦର୍ଶକ ଭାବେ ଯୋଗ ଦେଇ ଥିଲେ । ଏହି କାର୍ଯ୍ୟ କ୍ରମ ସ୍କୁଲର ପ୍ରଧାନ ଶିକ୍ଷକ ବଳରାମ ବିଶ୍ୱାଳ ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ସହକାରୀ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ମଧ୍ୟରେ ବୈରାଗୀ ଚରଣ ରାଉଳ,ଅବସର ପ୍ରାପ୍ତ ଏବିଓ ଶିଳା ରାଣୀ ବେହେରା,ଚିନ୍ମୟ ମହାନ୍ତି,ସସ୍ମିତା ଘୋଷ, ମଧୁସ୍ମିତା ପଣ୍ଡା,ମଧୁ ସ୍ମିତା ସନ୍ତରା, ଜ୍ୟୋତିପ୍ରଭା ଭୋଳ,ଖକନ କୁମାର ଗିରି, ଡାଇନା ବେହେରା ଓ ଗୀତାରଣୀ ଭୋଳ ପ୍ରମୁଖ ସହ ଯୋଗ କରିଥଲେ ।

# ତଳ ମୁହାଁ ହେଉଛି ପାରଦ, କିଛି ଦିନ ବ୍ୟବଧାନ ପରେ ବଢ଼ିଚି ଶିତର ପ୍ରକୋପ

ବଣାଇ, ୧୮/୧୨ (ନି.ପ୍ର) :ସୁନ୍ଦରଗଡ଼ ଜିଲ୍ଲା ବଣେଇ ଅଞ୍ଚଳରେ କିଛି ଦିନର ବ୍ୟବଧାନ ପରେ ତଳ ମୁହାଁ ହୋଇଛି ପାରଦ ବଢ଼ିଚି ଶିତର ପ୍ରକୋପ । ଦେଖିବାକୁ ମିଳିଛି ଶୀତ ସକାଳେ ଘନ କୁହୁଡ଼ିର ସୌନ୍ଦର୍ଯ୍ୟ ସକାଳୁ ସତେ ଯେପରି କୁହୁଡ଼ି ର ଛାଡର ସୋପେଧ ଚାଦର ଢଙ୍କା ଦୃଶ୍ୟ ଲୋକଙ୍କୁ ଆକୃଷ୍ଟ କରୁଛି । ସକାଳୁ ଘନ କୁହୁଡି, ଜାଡ଼ରେ ଥରୁଛି ବଣେଇର ସମଗ୍ର ଅଞ୍ଚଳ । ଶୀତ ଦିନେ ପ୍ରକୃତି ଢାଳି ଦିଏ ଅସୁମାରୀ ସୌନ୍ଦର୍ଯ୍ୟ । ସୁନ୍ଦରଗଡ଼ ଜିଲ୍ଲାର ବଣେଇ ଅଞ୍ଚଳ ଏକ ବଣ ପାହାଡ ଘେରା ଅଞ୍ଚଳ ହୋଇଥିବା ବେଳେ ସୁନ୍ଦର ପାହାଡ଼ ସାଙ୍ଗକୁ କୁହୁଡିର ସଫେଦ ଚାଦର ଢଙ୍କା ଦୃଶ୍ୟ ବଣେଇ ଅଞ୍ଚଳର ସୁନ୍ଦରତାକୁ ଆହୁରି ଦ୍ୱିଗୁଣିତ କରି ଦେଇଥାଏ । ଲଘୁଚାପ ଯୋଗୁଁ କିଛି ଦିନ ହେବ ଶୀତ ହେଉନଥିବା ବେଳେ ଏବେ ସପ୍ତାହେ ହେବ ପ୍ରତ୍ୟା ବର୍ତନ କରିଛି ଶୀତ । ଜାଡ଼ରେ ଥରୁଛି ସମଗ୍ର ବଣେଇ ଅଞ୍ଚଳ ସନ୍ଧ୍ୟା ହୋଇଗଲେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି ରାତି ୯ ଟା ପରେ ରାସ୍ତାଘାଟ ଶୂନଶାନ, ବନ୍ଦ ହୋଇଯାଉଛି



ଦୋକାନ ବଜାରା ପ୍ରତିଟି ମୁହଁରେ ଗୋଟିଏ କଥା - ଆହା କି ଶୀତ ସକାଳେ ଓ ସନ୍ଧ୍ୟା ହୋଇଗଲେ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଲୋକେ ନିଆଁ ଜାଳି ଲୋକେ ଦେହ ହାତ ସେକି ହେଉଥିବା ଦେଖିବାକୁ ମିଳୁଛି । ଶୀତ ହେଉଥିବା ଦେହୋଲା ଘରୁ ପଦାକୁ ଗୋଡ଼ କାଢି ହେଉନି ତଥାପି ଗ୍ରାମାଞ୍ଚଳରୁ ଆସୁଥିବା ଛୋଟ ଛୋଟ ବେପାରୀମାନେ ପେଟ ପାଟଣା ଚିନ୍ତାରେ ସହରକୁ ଆସିବାକୁ ବାଧ ହେଉଛନ୍ତି । ହେଉଥିବା ଅସହ୍ୟ ଜାଡ଼ ଗ୍ରାମାଞ୍ଚଳରେ ରହୁଥିବା ଗରିବ ଲୋକଙ୍କ ଜୀବନ ଦୁର୍ବିସହ ହୋଇପଡିଛି ବୟସ୍କ ଲୋକେ ବେଶୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଭୋର୍ ସକାଳୁ କୁହୁଡିରେ ଆଚ୍ଛାଦିତ ହୋଇଯାଉଛି ଓ ଅସମ୍ଭାଳ ଜାଡରେ ଦେହ ବରଫ ପାଲଟି ଗଲା ପରି ଲାଗୁଛି । ଲୋକେ ସାଲ ସିଉଟର ମଫୁଲାର ପିନ୍ଧି କିଏ ଜଗିଂ କରୁଚିତ କିଏ ଗରମ ଗରମ ଚା ପିଇ ନିଜକୁ ଗରମ ରଖିବା ପାଇଁ ପ୍ରୟାସ କରୁଚି । ସକାଳ ଆଠଟା ନବାଜିଲେ ଲୋକେ ଘରୁ ବାହାରି ପାରୁ ନାହାଁନ୍ତି ।

# ସର୍ବଭାରତୀୟ ଲେଟକଟ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଇଷ୍ଟକୋଷ୍ଟ ରେଲୱେ ଏବଂ ରାଇଜିଂ ଷ୍ଟୁଡେଣ୍ଟ କଟକ ଟିମ ସେମିଫାଇନାଲ ରେ

ବାରିପଦା,୧୮/୧୨ (ନି.ପ୍ର) : ଲେଟକଟ ପଡିଆରେ ଚାଲିଥିବା ସର୍ବଭାରତୀୟ ଲେଟକଟ ଟି ୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସର ପ୍ରଥମ କ୍ୱାଟର ଫାଇନାଲ ମ୍ୟାଚ ଇଷ୍ଟକୋଷ୍ଟ ରେଲୱେ ଏବଂ ୟୁନିକ ଇଲେଭେନ ଭଦ୍ରକ ମଧ୍ୟରେ ଅନୁଷ୍ଠିତ ହେଇଥିଲା । ଇଷ୍ଟ କୋଷ୍ଟ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୮ଉଇକେଟ ରେ ୧୯୭ ରନ କରିଥିଲେ । ଦଳ ପକ୍ଷରୁ ଅଙ୍କିତ ଯାଦବ ୫୯ ଏବଂ ଗିରିଜା ରାଉତ ୫୩ ରନ କରିଥିବା ବେଳେ ୟୁନିକ ଦଳ ପକ୍ଷରୁ ପ୍ରଶାନ୍ତ ତ୍ରିପାଠୀ ୩ଏବଂ ଅରୁଣ ମହାରଣା ୩ଟି ଉଇକେଟ ନେଇଥିଲେ. ଜବାବରେ ୟୁନିକ ୧୭.୨ ଓଭରରେ ସମସ୍ତ ଉଇକେଟ ହରେଇ ୧୩୭ ରନ ସଂଗ୍ରହ କରି ୬୦ ରନରେ ପରାସ୍ତ ହୋଇଥିଲେ. ଦଳ ପକ୍ଷରୁ ଜ୍ଞାନରଞ୍ଜନ ନାୟକ ୨୮ ଏବଂ ଅନିଲ କୁମାର ରାଉତ ୩୧ ରନ କରିଥିଲେ. ଇଷ୍ଟକୋଷ୍ଟ ପକ୍ଷରୁ ଏସାର ୩ ଓ ଏମ.ପାଣ୍ଡେ ୨ ଟି ଓ୍ୱଇକେଟ ନେଇଥିଲେ ।ଦ୍ୱିତୀୟ କ୍ୱାଟର ଫାଇନାଲ ରାଇଜିଙ୍ଗ ଷ୍ଟୁଡେଣ୍ଟ କଟକ ଓ ସିକେପି ରେଲୱେ ଝାରଖଣ୍ଡ ମଧ୍ୟରେ




ହେଇଥିବା ମ୍ୟାଚରେ ରାଇଜିଙ୍ଗ ଷ୍ଟୁଡେଣ୍ଟ ପ୍ରଥମେ ବ୍ୟାଟିଂ କରି ୧୬.୫ ଓଭର ରେ ସମସ୍ତ ଉଇକେଟ ହରେଇ ୧୨୯ ରନ କରିଥିଲେ ଦଳ ପକ୍ଷରୁ ମୋହିତ ରାମଚନ୍ଦ୍ର ବେହେରା ୩୮ ଓ ବିକ୍ରମ ସାମଲ ୩୧ରନ କରିଥିଲେ । ଝାରଖଣ୍ଡ ପକ୍ଷରୁ ଆଶିଷ ସିଂ ଏବଂ ପରମଜୀତ ସିଂ ପ୍ରତ୍ୟେକ ୪ଟି ଲେଖାଏଁ ଉଇକେଟ ନେଇଥିଲେ । ଜବାବରେ ସିକେପି ରେଲୱେ ୧୮.୧ ଓଭର ରେ ସମସ୍ତ ଉଇକେଟ ହରେଇ ୧୧୭ ରନ କରିବା ସହିତ ୧୩ରନରେ ପରାସ୍ତ ହେଇଥିଲେ. ଦଳ ପକ୍ଷରୁ ସୁମିତ ଶର୍ମା ୩୩ ଏବଂ ଧ୍ରୁବ ଶର୍ମା ୨୨ ରନ କରିଥିବା ବେଳେ ରାଇଜିଂ ସ୍ଟୁଡେଣ୍ଟ ତରଫରୁ ସାଇବା ସିଂ ଏବଂ ଏମଡି ଦାନିସ ପ୍ରତ୍ୟେକ ୪ଟି ଉଇକେଟ ନେଇଥିଲେ । ଆଜିର ପ୍ରଥମ ମ୍ୟାଚରେ ମୁଖ୍ୟଅତିଥି ଭାବେ ମୟୁରଭଞ୍ଜ ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା ଓ ସମ୍ମାନିତ ଅତିଥି ଭାବେ ଦେବାଶିଷ ପାତ୍ର ଦ୍ୱିତୀୟ ମ୍ୟାଚରେ ଯୁବ ନେତା ଶିରୀଶ ହେମ୍ବ୍ରମ, ସମାଜସେବୀ ନରତ୍ତମ ମହାନ୍ତ ଏବଂ ଶ୍ରୀକାନ୍ତ ବେହେରା ଅତିଥି ଭାବେ ଯୋଗ ଦେଇଥିଲେ । ଲଲାଟେନ୍ଦୁ ବେହେରା ସମସ୍ତ କାର୍ଯ୍ୟର ତଦାରଖ କରୁଥିବା ବେଳେ ଆଜିର ମ୍ୟାଚ କୁ ଓସିଏ ପ୍ୟାନେଲ ଓମ୍ପାୟାର ମାନସ ବେହୁରା, ଛାୟାକାନ୍ତ ଦ୍ୱିବେଦୀ, ସମର୍ପିତ ପ୍ରଧାନ, ବିଶ୍ୱମ୍ଭର ମହାକୁଡ଼ ପରିଚାଳନା କରୁଥିବାବେଳେ ସୁରେଶ ସାଣ୍ଡିଲ ଏବଂ ପଙ୍କଜ ମହାକୁଡ଼ ଧାରାବିବରଣୀ ପ୍ରଦାନ କରିଥିବାବେଳେ ସ୍କୋରିଙ୍ଗରେ ସୌରଜିତ ସାହୁ ସହାୟତା କରିଥିଲେ ।

# ଭାରଉତ୍ତୋଳନରେ ଆସିକାର ତିନି ପ୍ରତିଯୋଗିଙ୍କ ଭୁବନେଶ୍ୱର ଗସ୍ତ

ଆସିକା, ୧୮/୧୨ (ନି.ପ୍ର) :ରାଜ୍ୟ ସ୍ତରୀୟ କନିଷ୍ଠ ଭାରଉତ୍ତୋଳନ ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରିବା ପାଇଁ ଆସିକା ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ ର ତିନି ଜଣ ଖେଳାଳି ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ କୁ ଗସ୍ତ କରିଛନ୍ତି । ଆସନ୍ତା ୧୪ଡିସେମ୍ବର ରୁ ୧୫ ଡିସେମ୍ବର ଦୁଇ ଦିନ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି । ଆସିକା ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟାଡିଅମ ର ପ୍ରଶିକ୍ଷକ ବାବୁ ଗୌଡ଼ ଙ୍କ ପ୍ରଚେଷ୍ଟା ଓ ଖେଳାଳି ମାନଙ୍କ ଖେଳୁଆଡ଼ ମନଭାବ ଯୋଗୁଁ ଆଜି ଏହି ଖେଳାଳି ମାନେ ଆଜି କଳିଙ୍ଗ




ଷ୍ଟାଡିୟମ ଗସ୍ତ କରିଛନ୍ତି ବୋଲି ଆସିକା କ୍ରୀଡା ବିତ ଅନିଲ କୁମାର ପାଣିଗ୍ରାହୀ, ଅନିଲ କୁମାର ସ୍ୱାଇଁ, ପ୍ରଶାନ୍ତ କୁମାର ମୁନି, ଦିଲ୍ଲୀପ କୁମାର ପାଣିଗ୍ରାହୀ, ତାରିଣୀ ସେନାପତି ମତବ୍ୟକ୍ତ କରିଛନ୍ତି ।ଏହି ପ୍ରତିଯୋଗିତା ପାଇଁ ପ୍ରଶିକ୍ଷକ ବାବୁ ଗୌଡ଼ ଆସିକା ରାମକୃଷ୍ଣ ଆଦର୍ଶ ବିଦ୍ୟାମନ୍ଦିର ୫ମ ଶ୍ରେଣୀର ଛାତ୍ର ଅଂଶୁମାନ ହୋତା, ମମ ସ୍କୁଲ ର ଅଷ୍ଟମ ଶ୍ରେଣୀର ଛାତ୍ର ଟି. ସଂନ୍ଦୀପ କୁମାର ଦାସ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ର ଅଷ୍ଟମ ଶ୍ରେଣୀର ଛାତ୍ରୀ ସୁଶ୍ରୀତା ମହାନ୍ତି ଆଜି ଗସ୍ତ କରିଛନ୍ତି ।

# ରୁଦ୍ର ପ୍ରସାଦ ସାହୁ ମେମୋରିଆଲ ଜୁନାଗଡ଼ କପ ଉଦଘାଟିତ

ଜୁନାଗଡ,୧୮/୧୨ (ନି.ପ୍ର) :କଳାହାଣ୍ଡି ଜିଲ୍ଲା, ଜୁନାଗଡ଼ ସ୍ଥିତ ବିଜୁ ପଟ୍ଟନାୟକ ଷ୍ଟାଡିୟମ ଠାରେ ରୁଦ୍ର ପ୍ରସାଦ ସାହୁ ମେମୋରିଆଲ ଜୁନାଗଡ଼ କପ କ୍ରିକେଟ ଉଦଘାଟିତ ହୋଇଯାଇଛି । ନିୟୁ ରେଡ ଷ୍ଟାର ସ୍ପୋର୍ଟ୍ସ କ୍ଲବ ଦ୍ୱାରା ଆୟୋଜିତ ଏହି ଟୁର୍ନାମେଣ୍ଟ ରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ପାଢ଼ୀ ଉଦଘାଟନ କରିଥିଲେ ।ସମ୍ମାନିତ ଅତିଥି ଭାବେ ପାରିଷଦ ସଚିନ ଅନ୍ଧାନୀ, ଚକ୍ରଧର ବାଗ, ସମାଜସେବୀ ଦୁର୍ଗାପ୍ରସାଦ ନାଏକ, ଲଳିତ ଅଗ୍ରୱାଲ ଉପସ୍ଥିତ ରହିଥିଲେ । ଆଜି ଭବାନୀପାଟଣା କେ ଡି ସି ସି ସହିତ ଧର୍ମଗଡ଼ ଏମ ବି ଉଆଇ ସି ମଧ୍ୟରେ ଉଦ୍ଘାଟନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଭବାନୀପାଟଣା ଟସ ଜିତି ବ୍ୱାଲିଙ୍ଗ ନେଇ ଥିଲେ । ଧର୍ମଗଡ଼ ମାତ୍ର ୧୭ ଓଭର ଏକ ବଲ ରେ ସମସ୍ତ ଉଇକେଟ ହରାଇ ୮୨ ରନ ସଂଗ୍ରହ କରିଥିଲେ । ଜବାବ ରେ ଭବାନୀପାଟଣା ୧୪ ଓଭର ଏକ ବଲ ରେ ୫ ଉଇକେଟ ହରାଇ ବିଜୟୀ ହୋଇଥିଲେ । ମେନ ଅଫ ଦି ମେଚ ଭବାନୀପାଟଣା କେପଟନ ଶୁଭମ ଦାସ ଘୋଷିତ ହୋଇଥିଲେ । ଦିପେନ ସାହୁ ଓ ନୀତିଶ ମହାପାତ୍ର ଖେଳ ପରିଚାଳନା କରିଥିବା ବେଳେ ଧାରାବିବରଣି ବିନୟ ସାହୁ ଓ ସନ୍ତୋଷ ପୃଷ୍ଟି କରିଥିଲେ । ମୁକେଶ ପୋଡ଼ ସ୍କୋରର ଦାୟିତ୍ୱ ନେଇଥିବା ବେଳେ ହାସୀମ ଖାନ ଅନଲାଇନ ସ୍କୋର ଦାଇତ୍ୱ ନେଇଥିଲେ । ଆଜିର ଖେଳ ରେ କ୍ଲବ ଉପ ସଭାପତି



ସରୋଜ କୁମାର ପଣ୍ଡା, ସମ୍ପାଦକ କାଳିନ୍ଦୀ ପାଣିଗ୍ରାହୀ ଅର୍ଗାନାଇଜ ସମ୍ପାଦକ ମାନସ ସାହୁ ସହ ସମ୍ପାଦକ କାଳିଆ କନ୍ଦପାନ, କଂନେଇ ରାହୁଲ, ସୁଶୀଲ ଠାକୁର, କୋଷାଧକ୍ଷ ଦିଲୀପ ପଣ୍ଡା, ତୁଳସୀ ପଟ୍ଟନାୟକ, ରମଣୀ ପଣ୍ଡା, ପପୁ ପଣ୍ଡା, ସୁଜିତ ପଣ୍ଡା, ପ୍ରଭୁଦତ୍ତ ପଣ୍ଡା, ଅଶୋକ ପଟ୍ଟନାୟକ ସରପଞ୍ଚ ଦିବ୍ୟ ଦୀପ, ଦୀପକ ସାହୁ,କଳିଙ୍ଗ ସାହୁ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ ।ଆସନ୍ତା ୧୪ ତାରିଖ ଜୁନାଗଡ଼ ଓ ଭବାନୀପାଟଣା ମଧ୍ୟରେ ଖେଳ ଅନୁଷ୍ଠିତ ହେବ ବୋଲି କ୍ଲବ ତରଫରୁ ସୂଚନା ଦିଆଯାଇଛି ।

## ସଂପାଦକୀୟ

# କଠିନ କୂଟନୀତି

ଭାରତକୁ ବର୍ତ୍ତମାନ ତା'ର ଭୂ-ରାଜନେ ?ତିକ, ନିରାପତ୍ତା ଓ ଏନର୍ଜି ସଂପର୍କିତ ରଣକେ ?ଶଳରେ ସୂକ୍ଷ୍ମ ପରିବର୍ତ୍ତନମାନ ଘଟାଇ ସେ ଅଞ୍ଚଳରେ କାର୍ଯ୍ୟ କରିବାକୁ ହେବ। ଆସାଦ୍ ?ଙ୍କ ମିତ୍ର ରାଷ୍ଟ୍ର ରୂପେ ଜଣାଶୁଣା ଭାରତକୁ ସିରିଆର ନୂତନ ଜିହାଦୀ ସରକାର ସନ୍ଦେହ ଦୃଷ୍ଟିରେ ଦେଖିବା ସ୍ୱାଭାବିକ। କ୍ଷ୍ଵକ୍ଷ୍ଵକ୍ଷଲସକ୍ଷର ସଙ୍କବଶର ଭାରତକୁ ବର୍ତ୍ତମାନ ତା'ର ଭୂ-ରାଜନେ ?ତିକ, ନିରାପତ୍ତା ଓ ଏନର୍ଜି ସଂପର୍କିତ ରଣକେ ?ଶଳରେ ସୂକ୍ଷ୍ମ ପରିବର୍ତ୍ତନମାନ ଘଟାଇ ସେ ଅଞ୍ଚଳରେ କାର୍ଯ୍ୟ କରିବାକୁ ହେବ। ଆସାଦ୍ ?ଙ୍କ ମିତ୍ର ରାଷ୍ଟ୍ର ରୂପେ ଜଣାଶୁଣା ଭାରତକୁ ସିରିଆର ନୂତନ ଜିହାଦୀ ସରକାର ସନ୍ଦେହ ଦୃଷ୍ଟିରେ ଦେଖିବା ସ୍ୱାଭାବିକ। କିନ୍ତୁ 'ଏଚ୍ ?ଟିଏସ୍'ର ସମଧର୍ମା ଆଫଗାନିସ୍ତାନ୍ ?ରେ କ୍ଷମତାସୀନ ଜିହାଦୀ ଗୋଷ୍ଠୀ ତାଲିବାନ୍ ସହିତ ଭାରତ ଯେଉଁଭଳି ସୁସଂପର୍କ ପ୍ରତିଷ୍ଠା କରିବାରେ ସକ୍ଷମ ହୋଇଛି, ସିରିଆରେ ମଧ୍ୟ ତାହା ସମ୍ଭବ ହୋଇପାରେ। କୂଟନୀତିରେ କିଛି ବି ହେଲେ ଅସମ୍ଭବ ନୁହେଁ।ସିରିଆରେ ବାସର୍ ଆଲ୍-ଆସାଦ୍ ଶାସନର ପତନ କେବଳ ମଧ୍ୟପ୍ରାଚ୍ୟର ସେଇ ବିକ୍ଷୁବ୍ ?ଧ ଅଞ୍ଚଳରେ ଘଟିଥିବା ଏକ ସଦ୍ୟତମ ରାଜନେ ?ତିକ ବିସ୍ଫୋରଣ ନୁହେଁ, ଏହା ସହିତ ସେ ଦେଶରେ ଦୀର୍ଘ ଅର୍ଦ୍ଧଶତାବ୍ଦୀର ଆସାଦ୍ ବଂଶର ପାରିବାରିକ ଦଖଲର ମଧ୍ୟ ଅନ୍ତ ଘଟିଛି। ଏକ ବିଡ଼ମ୍ବନା ଭଳି ସୁନ୍ନୀ ଇସଲାମୀୟ ଆତଙ୍କବାଦୀ ସଂଗଠନ 'ଆଲ୍-କାଏଦା'ର ଏକ ପୂର୍ବତନ ପ୍ରଶାଖା ରୂପେ କୁଖ୍ୟାତ ଜିହାଦୀ ସଂଗଠନ 'ହୟାତ୍ ତାହ୍ ?ରିର୍ ଆଲ୍ ?-ସାମ୍' ('ଏଚ୍ ?ଟିଏସ୍')ର ବାସର୍ ଆସାଦ୍ ?ଙ୍କ ଉପରେ ଏହି ବିଜୟ ଯାହା ଯୋଗୁଁ ସମ୍ଭବ ହୋଇଛି; ସେ ହେଉଛି ଇସ୍ରାଏଲ୍। ଆସାଦ୍ ?ଙ୍କ ମୁଖ୍ୟ ପୃଷ୍ଠପୋଷକ ଦେଶ ଦ୍ୱୟ ହେଉଛନ୍ତି ରୁଷିଆ ଓ ଇରାନ୍। ରୁଷିଆ କିନ୍ତୁ ନିଜେ ୟୁକ୍ରେନ୍ ସହିତ ଯୁଦ୍ଧରେ ବ୍ୟାପୃତ ଥିବାରୁ ଆସାଦ୍ ?ଙ୍କୁ ଏବେ ଆବଶ୍ୟକ ସାମରିକ ସାହାଯ୍ୟ ଯୋଗାଇବାକୁ ସମର୍ଥ ହେଲାନାହିଁ। ସିଆ ଇରାନ୍ ତରଫରୁ ଇସଲାମୀୟ ଆତଙ୍କବାଦୀ ସଂଗଠନ ହେଜ୍ ?ବୋଲ୍ଲା କିନ୍ତୁ ଆସାଦ୍ ?ଙ୍କୁ ଏ ପର୍ଯ୍ୟନ୍ତ ଦୃଢ଼ ସହାୟତା ପ୍ରଦାନ କରି ଆସିଥିଲା। ନିକଟରେ ଇସ୍ରାଏଲ୍ କିନ୍ତୁ ଲେବାନନ୍ ?ରେ ଆଡ୍ ?ଡା ଜମାଇଥିବା ହେଜ୍ ?ବୋଲ୍ଲା ଉପରେ ତୁହାକୁ ତୁହା ଆକ୍ରମଣ କରି ତା'ର ମେରୁଦଣ୍ଡ ଭାଙ୍ଗିଦେବା ପରେ ଆସାଦ୍ ସଂପୂର୍ଣ୍ଣ ଅସହାୟ ହୋଇପଡ଼ିବାର ସୁଯୋଗ ନେଇ 'ଏଚ୍ ?ଟିଏସ୍'ର ଯୋଦ୍ଧାମାନେ ଅନାୟାସରେ ଆସାଦ୍ ?ଙ୍କୁ ପରାସ୍ତ କରିବାରେ ସକ୍ଷମ ହୋଇଛନ୍ତି। ଗୋଟିଏ ମନ୍ଦ ଶକ୍ତି ସ୍ଥାନରେ ଅନ୍ୟ ଏକ ମନ୍ଦ ଶକ୍ତି ବର୍ତ୍ତମାନ ସିରିଆକୁ ଦଖଲ କରିଛି।ସିରିଆରେ ଏହି କ୍ଷମତା ପରିବର୍ତ୍ତନ ଯେ ଭାରତ ପାଇଁ ଏକ ସ୍ପର୍ଶକାତର କୂଟନେ ?ତିକ ପରିସ୍ଥିତି ସୃଷ୍ଟି କରିଛି, ଏଥିରେ କେ ?ଣସି ସନ୍ଦେହ ନାହିଁ। ୨୦୧୧ ଠାରୁ ସେ ଦେଶରେ ଲାଗିରହିଥିବା ଗୃହଯୁଦ୍ଧ ସତ୍ତ୍ୱେ ସିରିଆ ସହିତ ଭାରତର କୂଟନେ ?ତିକ ସଂପର୍କ ଏ ପର୍ଯ୍ୟନ୍ତ ସ୍ଥିର ରହିଆସିଛି ବୋଲି କୁହାଯାଇପାରେ। ଆସାଦ୍ ସିରିଆର ନାଗରିକମାନଙ୍କ ଉପରେ ଅତ୍ୟାଚାର ଚଳାଇ ସେମାନଙ୍କର ମାନବାଧିକାର ଉଲ୍ଲଂଘନ କରିବାର ଗୁରୁତର ଅଭିଯୋଗ ହୋଇଆସୁଥିଲେ ହେଁ ସେ ଦେଶର ସାର୍ବଭେ ?ମତ୍ୱ, ଆଞ୍ଚଳିକ ଅଖଣ୍ଡତା ଓ ନିରପେକ୍ଷତାକୁ କାରଣ ରୂପେ ଦର୍ଶାଇ ଭାରତ ସିରିଆ ସହିତ ଦ୍ୱିପାକ୍ଷିକ ସଂପର୍କ ଅତୁଟ ରଖିଆସିଛି। ଜାତିସଂଘର ନିରାପତ୍ତା ପରିଷଦର ସଂକଳ୍ପ ୨୨୫୪କୁ ଉଲ୍ଲେଖ କରି ସିରିଆର ସମସ୍ୟା ସମାଧାନ ନିମିତ୍ତ ଏକ ସିରିଆ-ନେତୃତ୍ୱାଧୀନ ରାଜନେ ?ତିକ ପ୍ରକ୍ରିୟାକୁ ଭାରତ ସର୍ବଦା ଗୁରୁତ୍ୱ ପ୍ରଦାନ କରିଆସିଛି। ସିରିଆର ସାର୍ବଭେ ?ମତ୍ୱ, ସ୍ୱାଧୀନତା ଓ ଅଖଣ୍ଡତାକୁ ଏହା ଦ୍ୱାରା ଭାରତ ସେଇ ସଂକଳ୍ପ ଅନୁସାରେ ସମ୍ମାନ ପ୍ରଦର୍ଶନ କରିଛି ବୋଲି ଦର୍ଶାଇ ଆସିଛି।ଭାରତ ଅବଶ୍ୟ ଏଭଳି ଏକ ଆଭିମୁଖ୍ୟ ଗ୍ରହଣ କରି କେବଳ ଏକ ନିରବଦ୍ରଷ୍ଟା ହୋଇ ରହିନାହିଁ। ଭାରତ ମଧ୍ୟ ସିରିଆକୁ ଉଲ୍ଲେଖନୀୟ ଅର୍ଥନେ ?ତିକ ସହାୟତା ପ୍ରଦାନ କରିଆସିଛି। ଭାରତ ୨୦୨୧ରେ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କେନ୍ଦ୍ର ଓ ଇସ୍ପାତ କାରଖାନା ସ୍ଥାପନ ନିମିତ୍ତ ସିରିଆକୁ ୨୮୦ ନିୟୁତ ଡଲାର୍ ସହାୟତା ପ୍ରଦାନ କରିଥିଲା। ସେହିପରି ଡାମାସ୍କସ୍ ?ରେ ଭାରତ ମଧ୍ୟ 'ନେକ୍ସଟ୍ ଜେନେରେସନ୍ ସେଣ୍ଟର୍ ଫର୍ ଇନ୍ ?ଫର୍ମେସନ୍ ଟେକ୍ ?ନୋଲୋଜି' ନାମକ ଏକ ଆଇଟି କେନ୍ଦ୍ର ସ୍ଥାପନ କରିଥିଲା, ଏବଂ ୧,୫୦୦ ସିରିଆନ ଛାତ୍ରଛାତ୍ରୀଙ୍କୁ ମେଧାବୃତ୍ତି ପ୍ରଦାନ କରିଥିଲା। ଭାରତ କେବଳ ବଦାନ୍ୟତା ପ୍ରଦର୍ଶନ କରି ଏଭଳି ପଦକ୍ଷେପମାନ ଗ୍ରହଣ କରିଥିଲା, ତାହା ନୁହେଁ; ପଶ୍ଚିମ ଏସିଆରେ ନିଜର ନିରାପତ୍ତା ଓ ଶକ୍ତି (ଏନର୍ଜି) ସଂପର୍କିତ ସ୍ୱାର୍ଥରକ୍ଷା ମଧ୍ୟ ଥିଲା ଭାରତର ଅନ୍ୟତମ ଉଦ୍ଦେଶ୍ୟ।ପ୍ରତିବଦଳରେ ବାସାର୍ ଆସାଦ୍ ମଧ୍ୟ ଭାରତ ପାଇଁ ଜଣେ ନିର୍ଭରଯୋଗ୍ୟ ସାଥୀ ରୂପେ ନିଜକୁ ପ୍ରମାଣିତ କରିଥିଲେ। ବିଶେଷ କରି କାଶ୍ମୀର ପ୍ରସଙ୍ଗରେ ତାଙ୍କର ଆଭିମୁଖ୍ୟ ଭାରତ ପାଇଁ ବିଶେଷ ଉପଯୋଗୀ ସାବ୍ୟସ୍ତ ହୋଇଥିଲା। ଉଦାହରଣ ସ୍ୱରୂପ ଧାରା-୩୭୦ ଉଚ୍ଛେଦକୁ ନେଇ ସେ ଅନ୍ୟ ଇସଲାମୀୟ ଦେଶମାନଙ୍କ ମଧ୍ୟରେ ଏକ ବ୍ୟତିକ୍ରମ ସ୍ୱରୂପ ଭାରତର ପଦକ୍ଷେପକୁ ଖୋଲାଖୋଲି ସମର୍ଥନ ଜଣାଇଥିଲେ। ଇସଲାମୀୟ ଦେଶମାନଙ୍କର ସଂଗଠନ 'ଅର୍ଗାନାଇଜେସନ୍ ଅଫ୍ ଇସ୍ ?ଲାମିକ୍ ? କୋଅପରେସନ୍' ('ଓଆଇସି')ର ସମାଲୋଚନାକୁ ତଥା ଅନ୍ୟ ଇସ୍ ?ଲାମୀୟ ଆରବ ଦେଶମାନଙ୍କର ତୀବ୍ର ବିରୋଧକୁ ଭ୍ରୂକ୍ଷେପ ନ କରି ଆସାଦ୍ ସେତେବେଳେ ଭାରତ ପଛରେ ଦୃଢ଼ ଭାବରେ ଛିଡ଼ା ହୋଇଥିଲେ। ବିଭିନ୍ନ ଆନ୍ତର୍ଜାତିକ ମଞ୍ଚରେ ମଧ୍ୟ ଆସାଦ୍ ଭାରତର ପକ୍ଷ ନେଇ ଚୀନ୍ ଓ ପାକିସ୍ତାନ ତରଫରୁ ହେଉଥିବା ବିରୋଧର ମୁକାବିଲା କରୁଥିଲେ। ଇସ୍ରାଏଲ୍ ସହିତ ଭାରତର ସଂପର୍କ ଘନିଷ୍ଠତର ହେବାକୁ ଲାଗିବା ପରେ ମଧ୍ୟ ଭାରତ ଆସାଦ୍ ?ଙ୍କ ପ୍ରତି କୃତଜ୍ଞତାର ଚିହ୍ନ ସ୍ୱରୂପ 'ଗୋଲାନ୍ ହାଇଟ୍ ?ସ' ପ୍ରସଙ୍ଗରେ ଆସାଦ୍ ?ଙ୍କ ପକ୍ଷ ନେଇ ଇସ୍ରାଏଲ୍ ଉପରେ ଚାପ ପକାଉଥିଲା।ବର୍ତ୍ତମାନ ଆସାଦ୍ ବିତାଡ଼ିତ ହେବା ପରେ ତେଣୁ ଭାରତ ଏକ ସଂପୂର୍ଣ୍ଣ ନୂତନ ସମୀକରଣର ସମ୍ମୁଖୀନ ହୋଇଛି। ସେ ଅଞ୍ଚଳରେ ରୁଷିଆ ଓ ଇରାନ୍ ?ର ପ୍ରଭାବ କ୍ଷୁଣ୍ଣ ହେବା ପରେ ସେଠାରେ 'ଏଚ୍ ?ଟିଏସ୍'ର ସମର୍ଥକ ତୁର୍କୀର ପ୍ରଭାବରେ ବର୍ତ୍ତମାନ ବୃଦ୍ଧି ଘଟିଛି। ଅନ୍ୟ ଆରବ ଦେଶମାନେ ସତର୍କତାର ସହିତ ପରିସ୍ଥିତି ଉପରେ ନଜର ରଖିଥିବା ବେଳେ ଆମେରିକାର ନବନିର୍ବାଚିତ ଭାବୀ-ରାଷ୍ଟ୍ରପତି ଡୋନାଲ୍ ?ଡ ଟ୍ରମ୍ପ ସିରିଆର ଭବିଷ୍ୟତ ସିରିଆବାସୀଙ୍କ ଉପରେ ନିର୍ଭର କରେ ବୋଲି କହିସାରିଲେଣି; ଅର୍ଥାତ୍ ଆମେରିକା ସେଠାରେ ସଂପୃକ୍ତ ହେବାକୁ ଯାଉନାହିଁ। ଆଗାମୀ ଦିନମାନଙ୍କରେ ଯେତେବେଳେ ସେଠାରେ ଧୀରେ ଧୀରେ ସ୍ଥିରତା ଦେଖା ଦେବ, ଭାରତକୁ ସେତେବେଳେ ଅତ୍ୟନ୍ତ ସନ୍ତର୍ପଣର ସହିତ ଅଗ୍ରସର ହେବାକୁ ପଡ଼ିବ।ବର୍ତ୍ତମାନ ସେଠାରେ ପ୍ରଭାବହୀନ ହୋଇପଡ଼ିଥିବା ଉଭୟ ରୁଷିଆ ଓ ଇରାନ୍ ସହିତ ଭାରତ ଉତ୍ତମ ତଥା ସମୟ-ପରୀକ୍ଷିତ ସଂପର୍କ ଉପଭୋଗ କରିଆସିଛି। ଇସ୍ରାଏଲ୍ ମଧ୍ୟ ହେଉଛି ଭାରତର ଏକ ନିର୍ଭରଯୋଗ୍ୟ ମିତ୍ର ଦେଶ। କିନ୍ତୁ ଇରାନ୍ ଓ ଇସ୍ରାଏଲ୍ ମଧ୍ୟରେ ସଂପର୍କ ଅହି-ନକୁଳ ଶ୍ରେଣୀର ହୋଇଥିବାରୁ ସିରିଆରେ ଉତ୍ପନ୍ନ ନୂତନ ପରିସ୍ଥିତି ଭାରତକୁ ଏକ ଅତ୍ୟନ୍ତ ଜଟିଳ କୂଟନେ ?ତିକ ପରିସ୍ଥିତିର ସମ୍ମୁଖୀନ କରାଇଥାଏ। ଭାରତକୁ ବର୍ତ୍ତମାନ ତା'ର ଭୂ-ରାଜନେ ?ତିକ, ନିରାପତ୍ତା ଓ ଏନର୍ଜି ସଂପର୍କିତ ରଣକେ ?ଶଳରେ ସୂକ୍ଷ୍ମ ପରିବର୍ତ୍ତନମାନ ଘଟାଇ ସେ ଅଞ୍ଚଳରେ କାର୍ଯ୍ୟ କରିବାକୁ ହେବ। ଆସାଦ୍ ?ଙ୍କ ମିତ୍ର ରାଷ୍ଟ୍ର ରୂପେ ଜଣାଶୁଣା ଭାରତକୁ ସିରିଆର ନୂତନ ଜିହାଦୀ ସରକାର ସନ୍ଦେହ ଦୃଷ୍ଟିରେ ଦେଖିବା ସ୍ୱାଭାବିକ। କିନ୍ତୁ 'ଏଚ୍ ?ଟିଏସ୍'ର ସମଧର୍ମା ଆଫଗାନିସ୍ତାନ୍ ?ରେ କ୍ଷମତାସୀନ ଜିହାଦୀ ଗୋଷ୍ଠୀ ତାଲିବାନ୍ ସହିତ ଭାରତ ଯେଉଁଭଳି ସୁସଂପର୍କ ପ୍ରତିଷ୍ଠା କରିବାରେ ସକ୍ଷମ ହୋଇଛି, ସିରିଆରେ ମଧ୍ୟ ତାହା ସମ୍ଭବ ହୋଇପାରେ। କୂଟନୀତିରେ କିଛି ବି ହେଲେ ଅସମ୍ଭବ ନୁହେଁ।

# ଭାରତୀୟ ସଂବିଧାନର ମୂଳ ଚରିତ୍ର

ମହାମେଘବାହନ ଐର ଖାରବେଳ ସ୍ୱାଇଁ

ଭାରତୀୟ ସଂବିଧାନକୁ ନେଇ ବିରୋଧୀ ଓ ସରକାରୀ ଦଳମାନଙ୍କ ମଧ୍ୟରେ ଗୁରୁତର ବିବାଦ ଲାଗି ରହିଛି। ବିରୋଧୀମାନେ ଅଭିଯୋଗ ଆଣନ୍ତି ଯେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ନେଇ ଗତ ୨୦୧୪ରୁ... ଭାରତୀୟ ସଂବିଧାନକୁ ନେଇ ବିରୋଧୀ ଓ ସରକାରୀ ଦଳମାନଙ୍କ ମଧ୍ୟରେ ଗୁରୁତର ବିବାଦ ଲାଗି ରହିଛି। ବିରୋଧୀମାନେ ଅଭିଯୋଗ ଆଣନ୍ତି ଯେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ନେଇ ଗତ ୨୦୧୪ରୁ ଏ ଯାବତ୍ ? ଶାସନ କ୍ଷମତାରେ ଥିବାରୁ 'ଭାରତୀୟ ଜନତା ପାର୍ଟି'ର ଔଦ୍ଧତ୍ୟ ଓ ଏକାଧିପତ୍ୟ ବହୁ ପରିମାଣରେ ବଢ଼ିଯାଇଛି। ଭାରତୀୟ ଜନତା ପାର୍ଟି ନେତୃତ୍ୱାଧୀନ 'ଏନ୍ ?ଡିଏ' ସରକାର ସଂବିଧାନକୁ କେବଳ ନିଜର ସୁବିଧା ପାଇଁ ବ୍ୟବହାର କରୁଛନ୍ତି। ଯାହା ଫଳରେ ଏ ଦେଶରେ ସଂଖ୍ୟାଲଘୁ, ଅନୁସୂଚିତ ଜାତି ଓ ଜନଜାତିର ମୌଳିକ ଅଧିକାର ସାବ୍ୟସ୍ତ ହୋଇପାରୁନାହିଁ। ମୁସଲମାନମାନଙ୍କ ଏ ଦେଶରେ କୌଣସି ସ୍ୱାଧୀନ ଅଧିକାର ରହୁ ନାହିଁ ଓ ଅନୁସୂଚିତ ଜାତି ତଥା ଜନଜାତିମାନଙ୍କୁ ଉଚ୍ଚ ଜାତିମାନେ ସବୁବେଳେ ଅବଜ୍ଞା କରି ଆସୁଛନ୍ତି। ମୋଦୀଙ୍କ ନେତୃତ୍ୱାଧୀନ ଏନ୍ ?ଡିଏ ସରକାର ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ଅଗ୍ରାହ୍ୟ କରନ୍ତି। ତେଣୁ ଜନସାଧାରଣଙ୍କ ମନରେ ପ୍ରଶ୍ନ ଉଠେ ଯେ, ଏହି ଦୁଇଟି ଅଭିଯୋଗ ଓ ପ୍ରତ୍ୟାଭିଯୋଗ ମଧ୍ୟରେ ସତ କେଉଁଟି ! ତେଣୁ ଭାରତୀୟ ସଂବିଧାନ କ'ଣ ଓ କେଉଁ ବାଟରେ ଏହା ଅସାଧାରଣ ସେ ସମ୍ପର୍କରେ ବିଶ୍ଳେଷଣ କରିବାର ଆବଶ୍ୟକତା ରହିଛି। ଏଠାରେ ଉଲ୍ଲେଖନୀୟ ଯେ, ଭାରତରେ ସାଧାରଣ ଜନତା ସେମାନଙ୍କର ନିର୍ବାଚିତ ପ୍ରତିନିଧିମାନଙ୍କ ସହ ଏକ ଧର୍ମନିରପେକ୍ଷ ସମ୍ପର୍କରେ ଜଡ଼ିତ। ପୃଥିବୀର କେତେକ ଦେଶରେ ଯେମିତି ସେଠାକାର ଜନସାଧାରଣ କେବଳ ଧର୍ମକୁ ନେଇ ସେମାନଙ୍କ ଲୋକ ପ୍ରତିନିଧିମାନଙ୍କ ସହିତ ଜଡ଼ିତ, ଭାରତରେ ସେଭଳି ହୋଇନଥାଏ। ସାଉଦି ଆରବ, ଇରାନ, ପାକିସ୍ତାନ ଆଦି ଇସଲାମୀୟ ଦେଶମାନଙ୍କର ଜନସାଧାରଣ ସେମାନଙ୍କର ଲୋକପ୍ରତିନିଧିମାନଙ୍କ ସହିତ କେବଳ ଧର୍ମ ନାଁରେ ବାନ୍ଧି ହୋଇ ରହିଥାନ୍ତି। ଏ ଦେଶମାନଙ୍କରେ ସାଧାରଣତଃ ଇସଲାମକୁ ଛାଡ଼ିଦେଲେ ଅନ୍ୟ କୌଣସି ଧର୍ମର ଲୋକମାନେ ଲୋକପ୍ରତିନିଧି ହିସାବରେ ନିର୍ବାଚିତ ହୋଇନଥାନ୍ତି। ପାକିସ୍ତାନ ପରି ଦେଶରେ ଅନ୍ୟ ଧର୍ମର ଲୋକମାନଙ୍କୁ କେବଳ କୋଟା ମାଧ୍ୟମରେ ପ୍ରତିନିଧିତ୍ୱ ଦିଆଯାଇଥାଏ। ସେ ସବୁ ଦେଶରେ ଯେ କୌଣସି ଧର୍ମର ଲୋକ ଏକ ନିର୍ବାଚନମଣ୍ଡଳୀରୁ ନିର୍ବାଚନ ଲଢ଼ିପାରନ୍ତି ନାହିଁ। ଭାରତରେ କିନ୍ତୁ ସେଭଳି ହୋଇ ନ ଥାଏ। ଭାରତର ଗଣତନ୍ତ୍ର ହେଉଛି ଏକ ଅସ୍ତ୍ର, ଯାହା ସାମାଜିକ ନ୍ୟାୟ ଓ ଅର୍ଥନୈତିକ ସାମ୍ୟ ହାସଲ ଦିଗରେ ଉଦ୍ଦିଷ୍ଟ। ଏ ଦେଶରେ ଯେ କୌଣସି ଧର୍ମର ବ୍ୟକ୍ତି ଯେ କୌଣସି ନିର୍ବାଚନରେ ଲଢ଼ିପାରନ୍ତି ଓ ଜିତିପାରନ୍ତି ମଧ୍ୟ। ଏଠାରେ ପ୍ରତିନିଧିତ୍ୱ ହେଉଛି ଧର୍ମନିରପେକ୍ଷତାର। କେରଳ, ମହାରାଷ୍ଟ୍ର ଓ ଆସାମ ପରି ରାଜ୍ୟମାନଙ୍କରେ ଅତୀତରେ ମୁସଲମାନମାନେ ମୁଖ୍ୟମନ୍ତ୍ରୀ ହୋଇଛନ୍ତି, ଯଦିଓ ଏହି ରାଜ୍ୟମାନଙ୍କରେ ମୁସଲମାନମାନେ ସଂଖ୍ୟାଗରିଷ୍ଠ ନୁହନ୍ତି। କେରଳରେ ମୁସଲମାନମାନେ ପ୍ରାୟ ମୋଟ ଲୋକସଂଖ୍ୟାର ୨୪% ହୋଇଥିଲାବେଳେ ଆସାମରେ ସେମାନେ ପ୍ରାୟ ୩୦% ଓ ଏ. ଆର. ଆନ୍ତୁଲେ ମୁଖ୍ୟମନ୍ତ୍ରୀ ଥିବା ମହାରାଷ୍ଟ୍ରରେ ମୁସଲମାନମାନେ ୭-୮%ରୁ ଅଧିକା ନୁହନ୍ତି। କେରଳ ପରି ରାଜ୍ୟରେ ଏ. ଆନଣ୍ଟାନୀ ଓ ଉମେନ ଚାଣ୍ଡିଙ୍କ ପରି ଖ୍ରୀଷ୍ଟିଆନ୍ ?ମାନେ ମୁଖ୍ୟମନ୍ତ୍ରୀ



ହୋଇଥିଲାବେଳେ ସେ ରାଜ୍ୟରେ ଖ୍ରୀଷ୍ଟିଆନ୍ ?ଙ୍କ ସଂଖ୍ୟା ୧୯%ରୁ ଅଧିକ ନୁହେଁ। ଏହା ହିଁ ହେଉଛି ଭାରତୀୟ ଗଣତନ୍ତ୍ରର ଏକ ବହୁତ ବଡ଼ ସଫଳତା। ଭାରତରେ ସବୁବେଳେ ଦେଖାଯାଇଛି ବିଭିନ୍ନ ଧର୍ମର ଲୋକମାନେ ବିଭିନ୍ନ ଅନୁଷ୍ଠାନରେ ମିଳିମିଶି କାର୍ଯ୍ୟ କରିଛନ୍ତି। ଏହା ଛଡ଼ା ସାଂସ୍କୃତିକ କ୍ଷେତ୍ରରେ ମଧ୍ୟ ସର୍ବତ୍ର ସେମାନେ ମିଳିମିଶି କାମ କରିବା ଦେଖାଯାଇଥାଏ। ଏଠାରେ ସବୁଠାରୁ ବଡ଼ କଥା ହେଲା ଏ ଦେଶର ଲୋକସଭା ଓ ବିଧାନସଭାମାନଙ୍କରେ ସବୁ କିଛି ଧର୍ମନିରପେକ୍ଷତାର ପ୍ରତିନିଧିତ୍ୱର କଥା କହେ। ଭାରତର ଗଣତନ୍ତ୍ର ସବୁ ଧର୍ମ ଓ ସଂସ୍କୃତିର ଲୋକମାନଙ୍କୁ ସମାନ ଆକାରରେ ବିଚାର କରିଥାଏ ଏବଂ ଭାରତର ସଂବିଧାନରେ ଏହି ଗଣତାନ୍ତ୍ରିକ ସମାନତା ହେଉଛି ଏକ ଅସାଧାରଣ ବିଭାବ।ଭାରତର ସଂବିଧାନରେ ଏକ ବଡ଼ କଥା ହେଲା ଏଥିରେ ନୈତିକତା ରକ୍ଷା ପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି। କାରଣ ନୈତିକତା ବିନା କୌଣସି ସମାଜ ତିଷ୍ଠି ନପାରେ। ଭାରତର ନ୍ୟାୟପାଳିକାର ମୁଖ୍ୟ କାର୍ଯ୍ୟ ହେଲା ଏହି ସାଂବିଧାନିକ ନୈତିକତା ରକ୍ଷା କରିବା।ଭାରତର ନ୍ୟାୟପାଳିକ ଯେତେବେଳେ କୌଣସି କଥାର ବିଚାର କରେ, ସେତେବେଳେ ତାହା ଧର୍ମକୁ ନେଇ ବିଚାର କରିନଥାଏ। ସଂବିଧାନର ଧାରା ୧୪ ଓ ୧୯ରେ ଯେଉଁ ସମାନତାର କଥା କୁହାଯାଇଛି, ତାହାକୁ ଏ ଦେଶର ନ୍ୟାୟପାଳିକା ସବୁବେଳେ ପ୍ରତିଷ୍ଠିତ କରି ରଖିଥାନ୍ତି ଓ ନ୍ୟାୟପାଳିକା ଜଣେ ବ୍ୟକ୍ତିର ଧର୍ମନିରପେକ୍ଷ କାର୍ଯ୍ୟକଳାପ ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରିଥାଏ। କେବଳ ଧର୍ମ ନୁହେଁ, ଭାରତରେ ଜାତି, ଆଂଚଳିକତା ଓ ଭାଷାମାନଙ୍କୁ ମଧ୍ୟ ସମ୍ପୂର୍ଣ୍ଣ ସମାନ ଭାବେ ବିଚାର କରାଯାଇଥାଏ, ଯାହା ହେଉଛି ଏକ ଯୁକ୍ତିସିଦ୍ଧ ବ୍ୟବସ୍ଥା। ଉଦାହରଣ ସ୍ୱରୂପ ଭାରତର ନିର୍ବାଚନ କମିସନ ଯେଉଁ ଫଟୋ ପରିଚୟ ପତ୍ରଟି ଦେଇଥାନ୍ତି, ସେଥିରେ କେବଳ ନାମ, ଲିଙ୍ଗ ଓ ଠିକଣା ଦିଆଯାଇଥାଏ; କୌଣସି ଧର୍ମ, ଜାତି, ଭାଷା ଆଦିର ନାମ ତହିଁରେ ଉଲ୍ଲିଖିତ ନଥାଏ। ଅବଶ୍ୟ ଭାରତରେ ଅନୁସୂଚିତ ଜାତି ଓ ଜନଜାତିମାନଙ୍କର ଚିହ୍ନ ବିଭିନ୍ନ ପରିଚୟ ପତ୍ରରେ ପ୍ରଦାନ କରାଯାଇଥାଏ। ଏହାର ମୁଖ୍ୟ ଉଦ୍ଦେଶ୍ୟ ଏହି ଯେ ଏହି ବର୍ଗର ବ୍ୟକ୍ତିମାନେ ହଜାର ହଜାର ବର୍ଷ ଧରି ସମାଜରେ ଅସମାନ ହୋଇ ରହି ଆସିଛନ୍ତି ଓ ସେମାନଙ୍କ ଅସମାନତାକୁ ଦୂର କରିବାର ଆବଶ୍ୟକତା ରହିଛି। ସେଥି ପାଇଁ ଏହି ବର୍ଗର ଲୋକମାନଙ୍କୁ ବିଭିନ୍ନ ସରକାରୀ ଚାକିରି କ୍ଷେତ୍ରରେ ସ୍ୱତନ୍ତ୍ର ସୁବିଧା ପ୍ରଦାନ କରାଯାଇଥାଏ। ସାରା ପୃଥିବୀରେ ଭାରତ ବର୍ଷ ହେଉଛି ଏକମାତ୍ର ଦେଶ, ଯେଉଁଠି ଜାତି ହେଉଛି ଏକମାତ୍ର ବାସ୍ତବତା। ପୃଥିବୀର ଅନ୍ୟ କୌଣସି ଦେଶରେ ଜାତି ନାହିଁ ଏବଂ ଏହି ଜାତି ଭାରତରେ କେବଳ ହିନ୍ଦୁ ସମାଜ ମଧ୍ୟରେ ସୀମାବଦ୍ଧ। ଭାରତର ସଂବିଧାନ ଅନୁସୂଚିତ ଜାତି ଓ ଜନଜାତିମାନଙ୍କୁ ସ୍ୱତନ୍ତ୍ର ସୁବିଧା ଦେବାର ଅର୍ଥ ହେଲା ଏହି ଯେ, ଦୀର୍ଘ ଅତୀତରୁ ଏମାନଙ୍କ ମଧ୍ୟରେ ରହି ଆସିଥିବା ଅସମାନତାକୁ ଦୂର କରାଯିବା ଆବଶ୍ୟକ। ଭାରତରେ ସଂଖ୍ୟାଲଘୁମାନଙ୍କର ଶିକ୍ଷା ଅନୁଷ୍ଠାନ ଓ ଅନ୍ୟ ଧର୍ମ ଅନୁଷ୍ଠାନମାନଙ୍କ ସ୍ୱତନ୍ତ୍ର ସୁରକ୍ଷା ବିଷୟ ସଂବିଧାନରେ ସ୍ଥାନ ପାଇଛି। ଭାରତୀୟ ସଂବିଧାନର ଚିଠା ପ୍ରସ୍ତାବ କମିଟିର ଅଧ୍ୟକ୍ଷ ବାବାସାହେବ ଆମ୍ବେଦକରଙ୍କ ମତ ହେଲା ଯେ, ସଂଖ୍ୟାଗରିଷ୍ଠ ଓ ସଂଖ୍ୟାଲଘୁମାନେ ଦିନେ ମିଶିଯିବେ; ତେଣୁ ସେମାନଙ୍କୁ ସ୍ୱତନ୍ତ୍ର ସୁବିଧା ପ୍ରଦାନ କରାଯାଇଛି। ଏ ଦେଶରେ ଧର୍ମଗତ ସଂଖ୍ୟାଲଘୁମାନଙ୍କୁ ସଂବିଧାନ ବଳରେ ସୁରକ୍ଷା ପ୍ରଦାନ କରାଯାଇଛି। ଯେମିତି ସଂଖ୍ୟାଗରିଷ୍ଠମାନେ ଏମାନଙ୍କ ଉପରେ ଅତ୍ୟାଚାର କରି ନ ପାରନ୍ତି। ସଂବିଧାନରେ ସ୍ପଷ୍ଟ ଲେଖାଯାଇଛି ଯେ ଜାତି, ଭାଷା, ଧର୍ମ ଓ ଆଞ୍ଚଳିକତାକୁ ନେଇ କାହାରି ଉପରେ ବିଦ୍ୱେଷ ପୋଷଣ କରାଯାଇ ନ ପାରେ। ଜଣେ ବ୍ୟକ୍ତି ଯେଉଁ ଅଞ୍ଚଳର ନାଗରିକ ହେଉ ପଛେ ?କ ବା ଯେଉଁ ଭାଷା କହୁ ପଛକେ ବା ଯେଉଁ ଧର୍ମରେ ଅନୁପ୍ରାଣିତ ହୋଇଥାଉ ପଛକେ, ଏ ସବୁକୁ ରକ୍ଷା କରିବାର ଅଧିକାର ତା'ର ଅଛି। ଭାରତରେ ସଂଖ୍ୟାଲଘୁମାନଙ୍କର ଅନୁଷ୍ଠାନଗୁଡ଼ିକ ହେଉଛି ସ୍ୱୟଂଶାସିତ। ଏଥିରେ ସରକାର ବା ଅନ୍ୟ କେହି ହସ୍ତକ୍ଷେପ କରିପାରିବେ ନାହିଁ। ଏହା ହେଉଛି କ୍ଷମତାର ସନ୍ତୁଳନ ରକ୍ଷା। ଯେଉଁଥିରୁ ସାମାଜିକ ନ୍ୟାୟ ଓ ଗଣତନ୍ତ୍ର ଆସିଥାଏ। ଭାରତରେ ସବୁ ପ୍ରକାର ଦୁର୍ବଳ ଶ୍ରେଣୀର ବ୍ୟକ୍ତିମାନଙ୍କୁ ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସରକାରୀ ସାହାଯ୍ୟମାନ ପ୍ରଦାନ କରାଯାଇଥାଏ; ଯାହା ହେଉଛି ବ୍ୟକ୍ତି ପ୍ରତି ରାଷ୍ଟ୍ରର ସମ୍ମାନ। ଏଠାରେ ଭାରତର ସଂବିଧାନ ଆଶା କରିଥାଏ ଯେ ସଂଖ୍ୟାଗୁରୁମାନେ ସଂଖ୍ୟାଲଘୁମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବେ ଏବଂ ଏହା ଘଟିଥାଏ ମଧ୍ୟ। ଭାରତର ସଂବିଧାନରେ ଏକ ବଡ଼ କଥା ହେଲା ଏଥିରେ ନୈତିକତା ରକ୍ଷା ପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି। କାରଣ ନୈତିକତା ବିନା କୌଣସି ସମାଜ ତିଷ୍ଠି ନପାରେ। ଭାରତର ନ୍ୟାୟପାଳିକାର ମୁଖ୍ୟ କାର୍ଯ୍ୟ ହେଲା ଏହି ସାଂବିଧାନିକ ନୈତିକତା ରକ୍ଷା କରିବା। ଉଦାହରଣ ସ୍ୱରୂପ ଉତ୍ତର ପ୍ରଦେଶରେ ସେଠାକାର ସରକାର ଅପରାଧ କରିଥିବା ବ୍ୟକ୍ତିମାନଙ୍କର ଘର ଓ ବାଣିଜ୍ୟିକ ପ୍ରତିଷ୍ଠାନମାନଙ୍କୁ ବୁଲଡୋଜର୍ ? ଲଗାଇ ଭାଙ୍ଗି ଦେଉଥିବା ହେତୁ ସୁପ୍ରିମ୍ ? କୋର୍ଟ ଏଥିରେ ହସ୍ତକ୍ଷେପ କରିଛନ୍ତି ଓ ଏ ଧରଣର କାର୍ଯ୍ୟ ଠିକ୍ ବୋଲି ଅନେକ ଲୋକ ବିଚାର କରୁଥିଲେ ମଧ୍ୟ ସାଂବିଧାନିକ ନ୍ୟାୟ ଦୃଷ୍ଟିରୁ ଏହା ଠିକ୍ ନୁହେଁ ବୋଲି ସ୍ପଷ୍ଟ କହିଛନ୍ତି ଓ କାହାର ଘର ବୁଲଡୋଜର୍ ? ଲଗାଇ ଭାଙ୍ଗିବା ପୂର୍ବରୁ ସେ ସମ୍ପର୍କରେ ବିଚାର ହେବା ଓ ନିଜର ପକ୍ଷ ଉପସ୍ଥାପନ କରିବା ପାଇଁ ଘର ଭଙ୍ଗାଯାଉଥିବା ବ୍ୟକ୍ତି ବା ପ୍ରତିଷ୍ଠାନକୁ ଯଥାଯଥ ସୁଯୋଗ ଦେବା ପାଇଁ ସୁପ୍ରିମ୍ ? କୋର୍ଟ ଆଦେଶ ଦେଇଛନ୍ତି। ଏହା ସାଂବିଧାନିକ ଓ ନ୍ୟାୟିକ ପ୍ରତିନିଧିତ୍ୱର ସ୍ପଷ୍ଟ ସଂକେତ ଅଟେ। ଯଦିଓ ସୁପ୍ରିମ୍ ? କୋର୍ଟ ହସ୍ତକ୍ଷେପ କରି ଏପରି କଥା କହିଛନ୍ତି, ତଥାପି ଏହା ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସ୍ୱାଭାବିକ ପ୍ରକ୍ରିୟା ଭାବରେ ଅନୁପାଳିତ ହେବା ଉଚିତ ବୋଲି ଆଶା କରାଯାଏ। ଯେହେତୁ ଭାରତର ସଂବିଧାନରେ ପୂର୍ବ ବର୍ଣ୍ଣିତ ପ୍ରସଙ୍ଗମାନ ଦୃଢ଼ୀଭୂତ ହୋଇ ରହିଛି ଓ ସରକାର ସଂବିଧାନକୁ ପାଳନ କରୁଛନ୍ତି କି ନାହିଁ ବୋଲି ଦେଖିବାକୁ ଉପରେ ବିଚାର ବିଭାଗ ରହିଛି, ଯାହା ହେଉଛି ସମ୍ପୂର୍ଣ୍ଣ ନିରପେକ୍ଷ ଓ ଏହା ଉପରେ କୌଣସି ସରକାରୀ ହସ୍ତକ୍ଷେପ ହେବା ସମ୍ଭବ ନୁହେଁ, ତେଣୁ ଭାରତର ସଂବିଧାନକୁ ଏଠାକାର ସରକାର ନିଜ ଇଚ୍ଛା ଅନୁସାରେ ବଦଳାଇ ଦେଇପାରିବେ ବୋଲି ଯେଉଁ ଯୁକ୍ତି ହେଉଛି, ତାହା ଯଥାର୍ଥ ନୁହେଁ। ଭାରତୀୟ ସଂବିଧାନ ସୁଦୃଢ଼ ରହିଛି ଏବଂ ଆଗକୁ ରହିବ ମଧ୍ୟ।

# ପିତା ଓ ପୁତ୍ର

ଅକ୍ଷୟ କୁମାର ରାଉତ

ଆମେରିକା ଭଳି ଭାରତର ରାଷ୍ଟ୍ରପତି ମଧ୍ୟ ରାଜକ୍ଷମା ପ୍ରଦାନ ଅଧିକାର ଉପଭୋଗ କରିଥାନ୍ତି ତଥା ନିୟମିତ ଭାବରେ କାର୍ଯ୍ୟକାରୀ କରିଥାନ୍ତି। କିନ୍ତୁ ବିଗତ ୭୫ ବର୍ଷର ସାଧାରଣତନ୍ତ୍ର ଇତିହାସରେ ଭାରତର କେ ?ଣସି ରାଷ୍ଟ୍ରପତି ଥରଟିଏ ହେଲେ ମଧ୍ୟ ନିଜର କେ ?ଣସି ଆତ୍ମୀୟସ୍ୱଜନଙ୍କୁ ଏହାଦ୍ୱାରା ଉପକୃତ କରାଇ ନାହାନ୍ତି। ଆମେରିକାରୁ ଆରମ୍ଭ କରି ବ୍ରାଜିଲ୍, ଦକ୍ଷିଣକୋରିଆ ପର୍ଯ୍ୟନ୍ତ ରାଜକ୍ଷମାର ଏଇଭଳି ଦୁରୁପଯୋଗ ହୋଇଚାଲିଥିବା ବେଳେ, ଭାରତୀୟ ରାଷ୍ଟ୍ରପତିମାନେ ପ୍ରଦର୍ଶନ କରିଆସିଥିବା ଦୃଷ୍ଟାନ୍ତମୂଳକ ସଂଯମ ଗଣତନ୍ତ୍ରର ମର୍ଯ୍ୟାଦା ବୃଦ୍ଧି କରିବା ସଙ୍ଗେ ସଙ୍ଗେ ନିଶ୍ଚିତ ରୂପେ ଏ କ୍ଷେତ୍ରରେ ଭାରତକୁ 'ବିଶ୍ୱଗୁରୁ' ଆସନରେ ବସାଇଥାଏ।୨୦ ଜାନୁଆରି ୨୦୨୧ରେ ଜୋ ବାଇଡେନ୍ ଯେତେବେଳେ ଆମେରିକାର ୪୬ତମ ରାଷ୍ଟ୍ରପତି ରୂପେ ଶପଥ ଗ୍ରହଣ କଲେ, ସେ ଏଥିପାଇଁ ୧୮୯୩ ଠାରୁ ତାଙ୍କ ପରିବାରରେ ବ୍ୟବହୃତ ହୋଇ ଆସିଥିବା ଓ ସଯତ୍ନରେ ସାଇତା ହୋଇ ରହିଥିବା ଏକ ବାଇବ୍ ?ଲ ବ୍ୟବହାର କରିଥିଲେ। ୧୯୭୩ରେ ସେ ପ୍ରଥମେ ଏହି ବାଇବ୍ ?ଲ ଉପରେ ହାତ ଥୋଇ ଜଣେ ସେନେଟର୍ ରୂପେ ଶପଥ ଗ୍ରହଣ କରି ନିଜର ଦୀର୍ଘ ରାଜନେ ?ତିକ କ୍ୟାରିଅର୍ ଆରମ୍ଭ କରିବା ପରଠାରୁ ୨୦୨୧ରେ ରାଷ୍ଟ୍ରପତି ରୂପେ ଶପଥ ଗ୍ରହଣ କରିବା ପର୍ଯ୍ୟନ୍ତ ପ୍ରତ୍ୟେକ ଥର କେ ?ଣସି ନିର୍ବାଚିତ ପଦ ପାଇଁ ଦାୟିତ୍ୱ ଗ୍ରହଣ କଲାବେଳେ ବାଇଡେନ୍ ତାଙ୍କର ଏହି ପ୍ରିୟ ପାରମ୍ପରିକ ବାଇବ୍ ?ଲ ହିଁ ତାଙ୍କର ଶପଥର ମୂକସାକ୍ଷୀ ହୋଇଆସିଛି। ଜୋ ବାଇଡେନ୍ ?ଙ୍କର ଅଗଣିତ ସମର୍ଥକମାନେ ଏହାକୁ ବାଇଡେନ୍ ?ଙ୍କର ଦୃଢ଼ ଖ୍ରୀଷ୍ଟିଆନ୍ ମୂଲ୍ୟବୋଧର ପରିଚାୟକ ରୂପେ ପ୍ରଦର୍ଶିତ କରିଥାନ୍ତି ଏବଂ ତାଙ୍କର ଅଗଣିତ ନିନ୍ଦୁକମାନେ ମଧ୍ୟ ଏଥିସହିତ ଦ୍ୱିମତ ହୋଇପାରି ନଥାନ୍ତି। ଏବେ ତାଙ୍କର କାର୍ଯ୍ୟକାଳ ସମାପ୍ତ ହେବାର ଅବ୍ୟବହିତ ପୂର୍ବରୁ ଜୋ ବାଇଡେନ୍ ?ଙ୍କର ଏକ କାର୍ଯ୍ୟାନୁଷ୍ଠାନ ସୃଷ୍ଟି କରିଥିବା ବ୍ୟାପକ ବିସ୍ମୟର ଏହା ହେଉଛି ଅନ୍ୟତମ କାରଣ।ବାଇବ୍ ?ଲରେ ବର୍ଣ୍ଣିତ ଏକ ସୁପରିଚିତ କାହାଣୀ ଅନୁସାରେ ଆବ୍ରାହାମ୍ ?ଙ୍କ ବିଶ୍ୱାସ ପରୀକ୍ଷା କରିବା ଉଦ୍ଦେଶ୍ୟରେ ଈଶ୍ୱର ଥରେ ତାଙ୍କୁ ନିଜର ଏକମାତ୍ର ପୁତ୍ର ବାଳକ ଆଇଜାକ୍ ?ଙ୍କୁ ନେଇ ମାଉଣ୍ଟ୍ ମୋରିଆ ଉପରେ ବଳି ଚଢ଼ାଇବା ପାଇଁ ନ ?ିର୍ଦ୍ଦେଶ ଦେଲେ। ପରଦିନ ଆବ୍ରାହାମ୍ ପୁତ୍ର ଆଇଜାକ୍ ?ଙ୍କୁ ସାଙ୍ଗରେ ନେଇ ମାଉଣ୍ଟ୍ ମୋରିଆ ଉପରେ ବଳି ଦେବାକୁ ଉଦ୍ୟତ ହୁଅନ୍ତେ ଶେଷ ମୁହୂର୍ତ୍ତରେ ଈଶ୍ୱରଙ୍କ ଦ୍ୱାରା ପ୍ରେରିତ ଦେବଦୂତ ସେଠାରେ ଆବିର୍ଭୂତ ହୋଇ ତାଙ୍କୁ ସେଥିରୁ ନିବୃତ୍ତ କରନ୍ତି। ଜୋ ବାଇଡେନ୍ କିନ୍ତୁ ବର୍ତ୍ତମାନର ଏହି ଘଟଣାରେ ତାଙ୍କର ୫୪ ବର୍ଷୀୟ ପୁତ୍ର ହଣ୍ଟର୍ ବାଇଡେନ୍ ?ଙ୍କୁ ନେଇ ଆବ୍ରାହାମ୍ ?ସୁଲଭ ବିଶ୍ୱାସ ପ୍ରକଟ କରିପାରି ନାହାନ୍ତି। ସଂକ୍ଷେପରେ କହିଲେ ଅବେ ?ଧ ଭାବରେ ବନ୍ଧୁକ ରଖିବା ଓ ଟିକସ ଫାଙ୍କି ଅପରାଧମାନ ପାଇଁ ଅଦାଲତରେ ଦୋଷୀ ସାବ୍ୟସ୍ତ ହୋଇଥିବା ହଣ୍ଟ ?ର୍ଙ୍କୁ ସେଥିପାଇଁ ଦଣ୍ଡର ସମ୍ମୁଖୀନ ହେବାକୁ ଛାଡ଼ିଦେବା ପରିବର୍ତ୍ତେ ଜୋ ବାଇଡେନ୍ ଅଣ-ଆବ୍ରାହାମ୍ ?ସୁଲଭ ଆଚରଣ ପ୍ରଦର୍ଶନ କରି ରାଷ୍ଟ୍ରପତି ରୂପେ ନିଜର ବିଶେଷ କ୍ଷମତା ପ୍ରୟୋଗ କରି ପୁତ୍ର ହଣ୍ଟ ?ର୍ଙ୍କୁ ରାଜକ୍ଷମା ପ୍ରଦାନ କରିଦେଇଛନ୍ତି। ରାଷ୍ଟ୍ରପତି ପିତାଙ୍କ ଠାରୁ ଏହି କ୍ଷମା ନ ପାଇଥିଲେ ହଣ୍ଟ ?ର୍ଙ୍କୁ ବନ୍ଧୁକ ଅପରାଧ ପାଇଁ ୨୫ ବର୍ଷ ସହିତ ଟିକସ ଫାଙ୍କି ଅପରାଧ ପାଇଁ ୧୭ ବର୍ଷ କାରାବାସ ଭୋଗ କରିବାକୁ ପଡ଼ିଥାନ୍ତା। ଜୋ ବାଇଡେନ୍ ଆବ୍ରାହାମ୍ ?ଙ୍କୁ ଅନୁସରଣ କରିପାରି ନାହାନ୍ତି; ନିଜ ପୁତ୍ରକୁ ବଳି ଚଢ଼ାଇବାରୁ ପଛଘୁଞ୍ଚା ଦେଇଛନ୍ତି।କିନ୍ତୁ ଯଦି ଆବ୍ରାହାମ୍ ନୁହେଁ, ଜଣେ ସାଧାରଣ ମନୁଷ୍ୟର ଦୃଷ୍ଟିକୋଣରୁ ଦେଖାଯାଏ, ତେବେ ଜୋ ବାଇଡେନ୍ ?ଙ୍କ ଚରମତମ ଶତ୍ରୁମାନେ ମଧ୍ୟ ବୋଧହୁଏ ତାଙ୍କର ଏହି କ୍ଷମା ଦାନକୁ ତାଙ୍କର ଏକ ଅକ୍ଷମଣୀୟ ନିଷ୍ପତ୍ତି ରୂପେ ବିବେଚନା କରିବେ ନାହିଁ। ଜୋ ବାଇଡେନ୍ ତାଙ୍କର ଗୋଟିଏ କନ୍ୟା ସହିତ ପ୍ରଥମ ପତ୍ନୀଙ୍କୁ ଏକ କାର୍ ଦୁର୍ଘଟଣ ?ାରେ ହରାଇଥିବା ବେଳେ ତାଙ୍କର ପ୍ରଥମ ପୁତ୍ର ତଥା ପ୍ରଥମ ସନ୍ତାନ ବ୍ରେନ୍ କ୍ୟାନ୍ ?ସ ?ର୍ରୁ ଆରୋଗ୍ୟ ଲାଭ କରି ନ ପାରି ପ୍ରାଣ ହରାଇଛି। ସତେ ?ଯେମିତି ତାଙ୍କ ପାଇଁ ଏତିକି ଦୁର୍ଭାଗ୍ୟ ଯଥେଷ୍ଟ ନ ଥିଲା, ବର୍ତ୍ତମାନର ବିବାଦର କେନ୍ଦ୍ରରେ ଥିବା ପୁତ୍ର ହଣ୍ଟର୍ ମଧ୍ୟ ହେଉଛନ୍ତି ଜଣେ ବିପଥଗାମୀ ଡ୍ରଗ୍ ସେବନ ସମସ୍ୟା ସହିତ ଜଡ଼ିତ ବ୍ୟକ୍ତି। କେଉଁ ୮୨ ବର୍ଷୀୟ ବୃଦ୍ଧ ପିତା ଏଭଳି ପରିସ୍ଥିତିରେ ଜୀବନର ଶେଷ ସମୟରେ ନିଜର ସନ୍ତାନ ଯେତେ ଦୋଷ କରିଥିଲେ ମଧ୍ୟ ତାକୁ କ୍ଷମା ନ କରି ରହିପାରିବ ?କିନ୍ତୁ ସମସ୍ୟା ହେଲା, ଜୋ ବାଇଡେନ୍ ଜଣେ ଯେ କେ ?ଣସି ପିତା ନୁହନ୍ତି, ସେ ହେଉଛନ୍ତି ନିଜକୁ ପୃଥିବୀର ଶ୍ରେଷ୍ଠତମ ଗଣତନ୍ତ୍ର ରୂ ?ପ ଦାବି କରୁଥିବା ପୃଥିବୀର ସର୍ବାଧିକ ଧନଶାଳୀ ଓ ଶକ୍ତିଶାଳୀ ଦେଶ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି। ଏବଂ ରାଜଧର୍ମ ପାଳନରେ ବ୍ୟକ୍ତିଗତ ଆବେଗର ସ୍ଥାନ ନ ଥାଏ। ଏହା ସତ ଯେ ଆମେରିକାର ସଂବିଧାନରେ ରାଷ୍ଟ୍ରପତିଙ୍କୁ ରାଜକ୍ଷମା ପ୍ରଦାନ କରିବାର ଅଧିକାର ପ୍ରଦାନ କରାଯାଇଛି ଏବଂ ସେ ଦେଶର ସୁପ୍ରିମ୍ କୋର୍ଟ ଏହାକୁ ଏକ ''ଦୟାଶୀଳ କାର୍ଯ୍ୟ'' (''ଆକ୍ଟ ଅଫ୍ ? ଗ୍ରେସ୍'') ରୂପେ ମଧ୍ୟ ଅଭିହିତ କରିଛି।

# ଉଡ଼ନ୍ତା କାର ପରେ ଉଡ଼ନ୍ତା ବାଇକ



କିଛିଦିନ ତଳେ ଉଡ଼ନ୍ତା କାରର ସଫଳ ପରୀକ୍ଷଣ ହୋଇଥିଲା, ଯାହାର ନାମରଖାଯାଇଥିଲା ଏୟାର କାର। ଆକାଶରେ ଉଡ଼ାଣ ଭରିବା ପୂର୍ବରୁ କାରଟି ଏକ କକ୍‌ପିଟ୍‌ରେ ରୂପାନ୍ତରିତ ହୋଇଥିଲା। ଗୋଟିଏ ବିମାନବନ୍ଦରରୁ ଅନ୍ୟ ଏକ ବିମାନ ବନ୍ଦରର ପର୍ଯ୍ୟନ୍ତ ୩୫ ମିନିଟ୍ ଧରି ଆକାଶରେ ଉଡ଼ିଥିଲା। ଏବେ ଏକ ଉଡନ୍ତା ବାଇକକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏହାର ନାଁ ପି ଓ୍ୱାନ୍। କାଲିଫର୍ଣ୍ଣିଆର ଜେଟ୍‌ପ୍ୟାକ୍ ଆଭିଏସନ୍ କମ୍ପାନୀ ସଫଳତାପୂର୍ବକ ବାଇକର ପ୍ରଥମ ପ୍ରୋଟୋଟାଇପ୍‌ର ଉଡ଼ାଣ ପରୀକ୍ଷା କରିଛି। ସ୍ପିଡର ନାମରେ ବାଇକଟି ବେଶ ପରିଚିତ। ଏହି ଉଡ଼ନ୍ତାବାଇକ ସାହାଯ୍ୟରେ ଯାତ୍ରୀ ଭୂଲମ୍ବ ଉଡ଼ାଣ ଓ ଅବତରଣ କରିପାରିବେ। ଉଡ଼ନ୍ତା ବାଇକ୍ ନିର୍ମାଣକାରୀ କମ୍ପାନୀର ଦାବି ଅନୁସାରେ, ବାୟୁରେ ଏହା ୧୫ ହଜାର ଫୁଟ୍ ଉଚ୍ଚ ପର୍ଯ୍ୟନ୍ତ ଉଡ଼ିପାରେ। ଏଇଟି ଏକ ଜେଟ୍ ଟର୍ବାଇନ୍-ଶକ୍ତିଯୁକ୍ତ ଉଡ଼ନ୍ତା ବାଇକ୍। ଏହା ଚୂଡ଼ାନ୍ତ ସଂସ୍କରଣର ଶୀର୍ଷ ବେଗ ରେକର୍ଡ ଭାଙ୍ଗିବ ବୋଲି କମ୍ପାନୀ ଦାବି କରିଛି। ବାଇକର ଉଦ୍ଭାବକ ଡେଭିଡ୍ ମେମ୍ୟାନ୍। ବିଶ୍ୱର ହାତଗଣତି ବିଶେଷଜ୍ଞ ଜେଟ୍‌ପ୍ୟାକ୍ ପାଇଲଟଙ୍କ ମଧ୍ୟରେ ସେ ଅନ୍ୟତମ ଏବଂ ଜେଟପ୍ୟାକ୍ ଆଭିଏସନ୍‌ର ସିଇଓ। ବଜାରରେ ଉପଲବ୍ଧ ଅନ୍ୟ ସମସ୍ତ ଉଡ଼ନ୍ତା ଯାନଠାରୁ ଅତ୍ୟନ୍ତ ଭିନ୍ନ ପ୍ରକାର ଡିଭାଇସ୍ ନିର୍ମାଣ ଉପରେ କାମ ଆରମ୍ଭ କରିଥିଲେ। ସ୍ପିଡ଼ର ଏକ ଅତ୍ୟନ୍ତ ଛୋଟ ଭିଟିଓଏଲ୍ ଏୟାରକ୍ରାଫ୍ଟ। ଦ୍ରୁତ ବେଗରେ ଦୁଇଜଣଙ୍କ ଭାର ବହନ କରିପାରେ। ଜେଟ୍‌ପ୍ରାକ୍ ଆଭିଏସନ୍ ଅନୁସାରେ, ଦୁଇ ପ୍ରକାର ସ୍ପିଡର ଲଂଚ କରାଯିବ। ଗୋଟିଏ ସାଧାରଣ ଜୀବନରେ ବ୍ୟବହୃତ ହେବ। ଅନ୍ୟଟିକୁ ସାମରିକ କିମ୍ବା ଉଦ୍ଧାର କାର୍ଯ୍ୟ ସହ ସମ୍ପୃକ୍ତ ମିଶନରେ ପ୍ରୟୋଗ କରାଯିବ। ଏହାର ଶୀର୍ଷ ବେଗ ଘଂଟା ପ୍ରତି ୨୪୧ କି.ମି. ହେବ। ପ୍ରତିରକ୍ଷାରେ ବ୍ୟବହୃତ ଏୟାର ବାଇକ୍ ୩୦ ମିନିଟ୍ ପର୍ଯ୍ୟନ୍ତ ବାୟୁରେ ରହିପାରେ। ଏହାର ଅନ୍ୟ ପ୍ରକାର ୧୦-୨୦ ମିନିଟ୍ ପର୍ଯ୍ୟନ୍ତ ଉଡ଼ିପାରେ। ବର୍ତ୍ତମାନ ଏହା ଜେଟ୍ ଇନ୍ଧନ, ଡିଜେଲ ଓ କିରୋସିନରେ ଗତି କରିପାରେ। କିନ୍ତୁ କମ୍ପାନୀର ଦାବିଅନୁସାରେ, ପରିବେଶକୁ ଖୁବ୍ କମ୍ କ୍ଷତି ପହଂଚାଇବା ପାଇଁ ବାଇକକୁ ନେଇ କିଛି ନୂଆ କୌଶଳ ଉପରେ କାମ ଚାଲିଛି। ଜେଟ୍‌ପ୍ୟାକ୍ ଆଭିଏସନକୁ ଟିମ୍ ଡ୍ରାପରଙ୍କଠୁ ସମର୍ଥନ ମିଳିଛି। ଟିମ୍ ଏହା ପୂର୍ବରୁ ଏଲନ ମସ୍କଙ୍କ କମ୍ପାନୀ ଟେସ୍‌ଲା ଓ ସ୍ପେସ୍ ଏକ୍ସରେ ନିବେଶ କରିଛନ୍ତି। କମ୍ପାନୀ ଏବେ ପି୨ ନାମକ ମଡେଲ ଉପରେ କାମ ଆରମ୍ଭ ଜାରି ରଖିଛନ୍ତି। ଉଡ଼ନ୍ତା ବାଇକର ମୂଲ୍ୟ ୨ କୋଟି ୮୩ ଲକ୍ଷ ଟଙ୍କା ହୋଇପାରେ ବୋଲି ଡେଭିଡ୍ କହିଛନ୍ତି।

# ବଲିଉଡ୍‌ରେ ନୟନତାରା



ସାଉଥ୍ ଫିଲ୍ମମେକର ଆଟ୍‌ଲି କୁମାରଙ୍କ ସହ ଏକ ନୂଆ ପ୍ରୋଜେକ୍ଟରେ ବଲିଉଡ୍‌ର କିଙ୍ଗ୍ ଖାନ୍ କାମ କରିବା ଖବର ଉପରେ ବେଶ୍ କିଛି ଦିନରୁ ଇଣ୍ଡଷ୍ଟ୍ରିରେ ଚର୍ଚ୍ଚା ଜୋର ଧରିଛି। ଫିଲ୍ମର ଟାଇଟଲ ସନ୍‌କି'। ଏଇଟି କମର୍ସିଆଲ ଏଂଟରମେଂଟ୍‌ର ହେବ। ଶାହାରୁଖଙ୍କ ଅପୋଜିଟ୍‌ରେ ଲୋକପ୍ରିୟ ଦକ୍ଷିଣ ଅଭିନେତ୍ରୀ ନୟନତାରା ସ୍କ୍ରିନ୍ ଶେୟାର କରିବା ଖବର ମଧ୍ୟ ବେଶ୍ ଚର୍ଚ୍ଚିତ ହୋଇଛି। ଏବେ କିନ୍ତୁ ଖବରଟି ପୁଣି ଥରେ ଚର୍ଚ୍ଚାକୁ ଫେରିଛି। ସଦ୍ୟ ଖବର ଅନୁସାରେ, ଫିଲ୍ମ ମେକର ଆଟ୍‌ଲି ନିଜର ଅପ୍‌କମିଂ ପ୍ରୋଜେକ୍ଟରେ ଶାହାରୁଖଙ୍କ ଅପୋଜିଟ୍‌ରେ ଫିମେଲ ଲିଡ୍ ଭାବେ ନୟନତାରାଙ୍କୁ ସାଇନ୍ କରିଛନ୍ତି। ଉଭୟ ଆଟ୍‌ଲି ଓ ଶାହାରୁଖ ଫିଲ୍ମକୁ ନେଇ ନୟନତାରାଙ୍କ ସହ କଥା ମଧ୍ୟ ହୋଇଛନ୍ତି। ନୟନତାରା ଫିଲ୍ମ ପାଇଁ ଆବଶ୍ୟକ କାଗଜପତ୍ର କାମ ଶେଷ କରିଛନ୍ତି। ଫିଲ୍ମର ଫିମେଲ୍ ଲିଡ୍ ଭୂମିକାକୁ ବେଶ୍ ଭଲ ଭାବେ ଚିତ୍ରଣ କରାଯାଇଥିବାରୁ ନୟନତାରା ଏଥିରେ ହଁ ଭରିଛନ୍ତି। ଫିଲ୍ମଟି ଏକାଧିକ ଭାଷାରେ ମୁକ୍ତିଲାଭ କରିବ। ଦୀର୍ଘ ୪ ବର୍ଷର ବ୍ୟବଧାନ ପରେ ଶାହାରୁଖଙ୍କୁ ସିଲ୍‌ଭର ସ୍କ୍ରିନ୍‌ରେ ଦେଖିବାକୁ ପାଇବେ ଦର୍ଶକ। ପ୍ରଥମଥର ଶାହାରୁଖ-ନୟନତାରା ଯୋଡ଼ିକୁ ପରଦାରେ ଦେଖିବା ମଧ୍ୟ ବେଶ୍ ମଜାଦାର ହେବ। ଫିଲ୍ମର ପ୍ରି-ପ୍ରଡକ୍ସନ୍ କାମ ଜୋରଦାର ଚାଲିଛି। ସୁଟିଂ ସ୍ଥାନ, ଚରିତ୍ରମାନଙ୍କର ଲୁକ୍ ଟେଷ୍ଟ ସହିତ ଅନେକ ଦିଗରୁ କାମ ଆରମ୍ଭ ହୋଇଯାଇଛି। ଶାହାରୁଖ ଫିଲ୍ମରେ ଡବଲ ରୋଲ୍‌ରେ ନଜର ଆସିବେ। ତେବେ ନୟନତାରାଙ୍କ ଭୂମିକା ବିଷୟରେ ତଥ୍ୟ ଗୁପ୍ତ ରଖାଯାଇଛି। ଫିଲମ ପଠାନ୍ ପାଇଁ ଶାହାରୁଖ ଯେଉଁ ଲୁକ୍ କରିଛନ୍ତି, ସେହି ଲୁକ୍ ଉକ୍ତ ଫିଲ୍ମରେ ରଖିବାକୁ ଚାହୁଁଥିବା ଶୁଣିବାକୁ ମିଳୁଛି।

# ଛାତ୍ରୀଙ୍କ ଘର ଆଲୋକିତ କଲେ ଶିକ୍ଷକ



କୁହାଯାଏ, ଜଣେ ଭଲ ଗୁରୁ ନିଜ ଶିଷ୍ୟର ମାର୍ଗ ଉଜ୍ଜ୍ୱଳକରନ୍ତି। ଏଠାରେ ଏକଥା ସତ ପ୍ରମାଣିତ ହୋଇଛି। କେରଳର ଭାଡ଼ାକାରା ନିକଟସ୍ଥ କିଝଲ ୟୁପି ସ୍କୁଲର ଶିକ୍ଷକମାନେ ଏହି ପ୍ରୟାସ କରିଛନ୍ତି। ସ୍କୁଲର ଅନ୍ୟତମ ଶିକ୍ଷକ କେ ଶ୍ରୀଜନ କହନ୍ତି, ପିଲାମାନେ ଘରେ ରହି ଅନ୍‌ଲାଇନ୍ କ୍ଲାସ୍ କରିବାରେ ସକ୍ଷମ ହେବେ କି ନାହିଁ, ଜାଣିବାକୁ ଗତ ମାସ ସେମାନେ ସ୍କୁଲର ଛାତ୍ରଛାତ୍ରୀଙ୍କ ଘର ପରିଦର୍ଶନରେ ଯାଇଥିଲେ। ଜାଣିବାକୁ ପାଇଲେ ଯେ ସ୍କୁଲର ଜଣେ ପ୍ରାଇମେରୀ ଶ୍ରେଣୀ ଛାତ୍ରୀଙ୍କ ଘରେ ବିଦ୍ୟୁତ୍ ଆଲୋକ ନାହିଁ। ଘର ନିର୍ମାଣ କାର୍ଯ୍ୟ ଶେଷ ହୋଇନଥିବାରୁ ବିଦ୍ୟୁତଯୋଗାଣ ନିମନ୍ତେ ତାର ସଂଯୋଗ ହୋଇପାରୁନଥିଲା। ଶିକ୍ଷକତା କରିବା ପୂର୍ବରୁ ଶ୍ରୀଜନ ବିଦ୍ୟୁତ୍ ତାରସଂଯୋଗ କୋର୍ସ ଶେଷ କରିଥିଲେ। ତେଣୁ ସେ ସଂଗେ ସଂଗେ ଛାତ୍ରୀଙ୍କ ଘରକୁ ବିଦ୍ୟୁତ୍ ତାର ସଂଯୋଗ କାମ ନିଜେ ଶେଷ କଲେ। ଅନ୍ୟ ଶିକ୍ଷକମାନେ ତାଙ୍କୁ କାମରେ ସାହାଯ୍ୟ କଲେ। ମାସକ ପରେ ଛାତ୍ରୀଙ୍କ ଘରେ ବିଦ୍ୟୁତ୍ ଆଲୋକ ଜଳିଲା। ବିଜୁଳି ଆଲୋକରେ ଆଲୋକିତ ଘର ଦେଖି ଛାତ୍ରୀ ଖୁବ୍ ଖୁସି ହୋଇଗଲେ।

# ଭୂତ ମାନବ



ଏକ ବିରଳ ଚର୍ମ ରୋଗରେ ପୀଡିତ ଫିଲିପାଇନ୍ସର ଜଣେ ଯୁବକ ସ୍ଥାନୀୟ ଲୋକଙ୍କ ଭିତରେ "ଭୂତ ମାନବ' ଭାବେ ପରିଚୟ ପାଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କ ମୁହଁ ଦେଖିବାକୁ ବି ପସନ୍ଦ କରନ୍ତି ନାହିଁ। ଏହି ଜନ୍ମଗତ ରୋଗ ଯୋଗୁ ୩୦ ବର୍ଷୀୟ ଏଂଟୋନିୟୋ ରିଲୋ ସମସ୍ତଙ୍କ ଦୃଷ୍ଟି ଅଗୋଚରରେ ରହିବାକୁ ପସନ୍ଦ କରନ୍ତି। ସେ ଜନ୍ମରୁ ଇକ୍‌ଥିଓସିସ୍' ରୋଗରେ ପୀଡିତ। ଏହି କାରଣରୁ ତାଙ୍କ ଚର୍ମ ଖୁବ୍ ଟାଣ ହୋଇଯାଇଛି ଓ ସେଥିରେ ଫାଟ ସୃଷ୍ଟି ହୋଇଛି। ଫଳରେ ତାଙ୍କ ଶରୀର ପୋଡିଗଲା ପରି ଦେଖାଯାଏ। ଅଖଲାନ୍ ପ୍ରଦେଶରେ ରହୁଥିବା ଏଂଟୋନିୟୋଙ୍କୁ ୧୨ ବର୍ଷ ବୟସ ହୋଇଥିବାବେଳେ ତାଙ୍କ ମା' ତାଙ୍କୁ ଛାଡ଼ି ଚାଲିଯାଇଥିଲେ। ଏହାପରେ ଜେଜେ ମା ତାଙ୍କର ଲାଳନପାଳନ କରିଥିଲେ। କିନ୍ତୁ ଏଂଷଟାନିୟୋ ସମସ୍ୟା କମିବା ଅପେକ୍ଷା ଅଧିକ ବଢ଼ିଚାଲିଲା। ଯେମିତି ଯେମିତି ସେ ବଡ଼ ହେବାରେ ଲାଗିଲେ ତାଙ୍କ ଚର୍ମ ସେତିକି ମୋଟା ହୋଇ ଚାଲିଥିଲା। ମୁହଁକୁ ମାଡ଼ି ଆସି ଆଖି ଉପରେ ଏହାର ପ୍ରଭାବ ପକାଇଥିଲା, ଯାହା ଫଳରେ ତାଙ୍କ ଦୃଷ୍ଟିଶକ୍ତି କମିବାରେ ଲାଗିଲା। ଏଂଟୋନିୟୋଙ୍କୁ ବଜାର ଓ ଚର୍ଚ୍ଚ ଯିବାକୁ ଭାରି ଭଲ ଲାଗେ। କିନ୍ତୁ ସ୍ଥାନୀୟ ଲୋକଙ୍କ ବିରକ୍ତି ଭାବନା ଯୋଗୁ ସେ ଏବେ ନିଜର ଛୋଟିଆ ଘରେ ବନ୍ଦୀ ହୋଇ ରହୁଛନ୍ତି। ଏଂଟୋନିୟୋ ଇଲେକ୍ଟ୍ରିସିଆନ୍ ହେବାକୁ ଚାହୁଁଥିଲେ। କିନ୍ତୁ ବିରଳ ରୋଗ ତାଙ୍କୁ ଘରର ଚାରି କାନ୍ଥ ଭିତରେ ରହିବାକୁ ବାଧ୍ୟ କଲା। ବେଶୀ ବାଟ ଚାଲିରେ ତାଙ୍କ ଚର୍ମରେ କଷ୍ଟ ଅନୁଭବ ହୋଇଥାଏ। ସେ ଚାହୁଁଛନ୍ତି, ତାଙ୍କର ଏହି ରୋଗର ଚିକିତ୍ସା ପାଇଁ କେହି ସହୃଦୟ ଲୋକ ସାହାଯ୍ୟର ହାତ ବଢ଼ାନ୍ତୁ।

# ଗୋଟିଏ ସ୍କୁପ୍ ଆଇସକ୍ରିମ୍‌ର ମୂଲ୍ୟ ୬୦ ହଜାର

ବିଶ୍ୱର ସବୁଠୁ ମହଙ୍ଗା ଆଇସକ୍ରିମ୍‌ର ମୂଲ୍ୟ କେତେ ବୋଲି ଭାବୁଛନ୍ତି? ଜାଣି ଆଶ୍ଚର୍ଯ୍ୟ ହେବେ, ଗୋଟିଏ ସ୍କୁପ୍ ଆଇସକ୍ରିମ୍‌ର ମୂଲ୍ୟ ସୁନାଠୁ ଅଧିକ ମୂଲ୍ୟବାନ। ୬୦ ହଜାର ଟଙ୍କା, ଆଶ୍ଚର୍ଯ୍ୟ ଲାଗିଲେ ବି ଏହା ସତ। ଦୁବାଇରେ ମିଳୁଛି ଏହି ବିଶ୍ୱର ସବୁଠୁ ମହଙ୍ଗା ଆଇସକ୍ରିମ୍। ଏହାର ନାଁ "ବ୍ଲାକ୍ ଡାଇମଣ୍ଡ'। ଏହା ସାଧାରଣ ଭାନିଲା ଫ୍ଲେଭରଯୁକ୍ତ ଆଇସକ୍ରିମ୍ ନୁହେଁ, ୨୩ କ୍ୟାରେଟ୍‌ର ଖାଇବାଯୋଗ୍ୟ ସୁନା ପରସ୍ତ ଏହା ଉପରେ ଆସ୍ତରଣ ଦିଆଯାଇଛି। କେସର ସହିତ କିଛି ବ୍ଲାକ୍ ଟ୍ରଫଲ ମଧ୍ୟ ଦିଆଯାଇଛି, ଯାହା ଡାଇମଣ୍ଡ ଅଫ୍ ଗ୍ୟାଷ୍ଟ୍ରୋନୋମି ନାମରେ ପ୍ରସିଦ୍ଧ। ସ୍କୁପି କାଫେ ନାମକ ଡେଜର୍ଟ ପାର୍ଲରରେ ଏହି ସ୍ୱତନ୍ତ୍ର ଆଇସକ୍ରିମ୍ ଉପଲବ୍ଧ। ଟ୍ରାଭେଲ୍ ବ୍ଲଗର ଶେହନାଜ୍ ଟ୍ରେଜରୀ ନିକଟରେ ନିଜ ୟୁଟ୍ୟୁବ୍ ଚ୍ୟାନେଲ୍ ଓ ଇନ୍‌ଷ୍ଟାରେ ଏକ ଭିଡିଓ ପୋଷ୍ଟ କରିଥିଲେ। ଏହିଟି ଦୁବାଇ ଭ୍ରମଣ ବେଳର ଭିଡିଓ ଏଥିରେ ସେ ଦୁବାଇରେ ମିଳୁଥିବା ବିଶ୍ୱର ସବୁଠୁ ମହଙ୍ଗା ଆଇସକ୍ରିମ୍ ବିଷୟରେ କହିଛନ୍ତି। ଆଇସକ୍ରିମ୍ ଯେତେ ମହଙ୍ଗା, ଏହାକୁ ପରସାଯାଉଥିବା କପ୍ ମଧ୍ୟ ସେତିକି ମହଙ୍ଗା।



# ରଙ୍ଗ କଲରୁ ଦିବ୍ୟାଙ୍ଗଙ୍କୁ କଲେ ଜୀବନସାଥୀ



ବିହାରର ସୁପୋଲରେ ଏକ ଅଜବ ଘଟଣା ଖବରର ଶିରୋନାମା ହୋଇଛି। ଗୋଟିଏ ରଙ୍ଗ୍ କଲ୍‌ରୁ ଝାଡ଼ଖଣ୍ଡର ରାଂଚି ବାସନ୍ଦା ଜଣେ ଝିଅ ବିହାରସ୍ଥିତ ଜଣେ ଦିବ୍ୟାଙ୍ଗଙ୍କ ପ୍ରେମରେ ପଡ଼ିଗଲେ। ଅନେକ ବାଧାବିଘ୍ନ ସତ୍ତ୍ୱେ, ଉଭୟ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ଉଭୟ ଗତ ୧ ବର୍ଷରୁ ଫୋନ୍ ମାଧ୍ୟମରେ ସମ୍ପର୍କରେ ଥିଲେ। କିନ୍ତୁ ବିବାହ କଥା ଉଠିବାରୁ ଯୁବକ ଜଣକ ନିଜର ଅସହାୟତା ବିଷୟରେ ପ୍ରେମିକାଙ୍କୁ ଜଣାଇଲେ। ପ୍ରମାଣ ସ୍ୱରୂପ ତାଙ୍କ ପାଖକୁ ନିଜର ଫଟୋ ମଧ୍ୟ ପଠାଇଲେ। ଏହା ସତ୍ତ୍ୱେ, ଯୁବତୀ ତାଙ୍କୁ ବିବାହ କରିବାକୁ ସୁପୋଲ ପହଂଚିଗଲେ। ଦିବ୍ୟାଙ୍ଗ ଯୁବକ ଦୁଇ ଗୋଡରେ ଠିଆ ହୋଇପାରୁନାହାନ୍ତି। ଏସବୁ ସତ୍ତ୍ୱେ ଯୁବତୀ ତାଙ୍କୁ ବିବାହ କରିବାକୁ ଜିଦ୍ ଧରିଲେ। ଏହି ନିଆରା ବିବାହ ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର କେନ୍ଦ୍ର ହୋଇଛି। ଯୁବତୀଙ୍କ ନାଁ ଗୌରୀ ଏବଂ ଯୁବକ ହେଉଛନ୍ତି ସୁପୋଲର ବସବିଟ୍ଟୀ ଗ୍ରାମର ବାସିନ୍ଦା ମୁକେଶ। ମୁକେଶ ବିବାହ ପାଇଁ ଗୌରୀଙ୍କୁ ସ୍ପଷ୍ଟ ମନା କରିଦେଇଥିଲେ। ଗୌରୀ କିନ୍ତୁ ସିଧା ତାଙ୍କ ଗାଁରେ ପହଂଚିଗଲେ। ତାଙ୍କ ବାପା ଓ ଭାଇ ମଧ୍ୟ ତାଙ୍କୁ ପିଛା କରି ସେଠାରେ ପହଂଚିଲେ। ଉଭୟ ତାଙ୍କୁ ବିବାହ ନ କରିବାକୁ ବହୁତ ବୁଝାଇଲେ, କିନ୍ତୁ ସେ କିଛି ଶୁଣିଲେ ନାହିଁ। ବାପା ଓ ଭାଇଙ୍କୁ ସ୍ପଷ୍ଟ କହିଦେଲେ ଯେ ସେ ସାବାଳିକା ଏବଂ ପ୍ରେମିକ ମୁକେଶଙ୍କ ସହ ହିଁ ବୈବାହିକ ଜୀବନ ବିତାଇବେ। ଶେଷରେ ପ୍ରେମିକ-ପ୍ରେମିକା କୋର୍ଟରେ ବିବାହ କଲେ। ଦିବ୍ୟାଙ୍ଗ ମୁକେଶ ପିଲାଦିନୁ ମାଙ୍କୁ ହରାଇଛନ୍ତି। ବାପା ଅନ୍ୟତ୍ର ରହି ଦିନ ମଜୁରି କରନ୍ତି। କୋର୍ଟରେ ଉଭୟଙ୍କ ବିବାହ କରାଇଥିବା ଅଧିବକ୍ତାକ କହିଛନ୍ତି, ଶପଥପତ୍ର ମାଧ୍ୟମରେ ପ୍ରେମିକା ବିବାହ ସ୍ୱୀକାର କରିଛନ୍ତି। ଗୌରୀଙ୍କ ସାହସକୁ ସେ ସମ୍ମାନ ଜଣାଇଛନ୍ତି। ସମାଜ ପାଇଁ ଗୌରୀ ଜଣେ ପ୍ରେରଣା ବୋଲି ସେ କହିଛନ୍ତି। ଦିବ୍ୟାଙ୍ଗଙ୍କୁ ବିବାହ କରିବାକୁ ସାହାସ ବାନ୍ଧିବା ଛୋଟ କଥା ନୁହେଁ। ଉଭୟଙ୍କ ଆନ୍ତ୍ରକଲ ଦେଖି ଅଧିବକ୍ତା ବର-କନ୍ୟାଙ୍କଠୁ ଶୁଳ୍କ ଗ୍ରହଣ କରି ନଥିଲେ।

## ଜଗତଜନନୀ ସେବା ଟ୍ରଷ୍ଟ ଦ୍ୱାରା କମ୍ବଳ ବଣ୍ଟନ

ପାଟଣା **୧୮/୧୨ (ନି.ପ୍ର)**: ଜଗତଜନନୀ ସେବା ଟ୍ରଷ୍ଟ ଦ୍ୱାରା ପାଟଣା ବ୍ଲକ ଅନ୍ତର୍ଗତ ମୂଷାଖୋରୀ ପଞ୍ଚାୟତ ରେ କମ୍ବଳ ବଣ୍ଟନ କରାଯାଇଛି କ୍ଷ ମୂଷାଖୋରୀ ପଞ୍ଚାୟତ ସରପଞ୍ଚ ଭାମା ମଣି ଦାସ ଙ୍କ ସମେତ ସମସ୍ତ ୱାର୍ଡ ମେମ୍ବର ମାନେ ବଣ୍ଟନ ରେ ସହାୟତା କରିଥିଲେ। ପଞ୍ଚାୟତ ଅନ୍ତର୍ଗତ ପ୍ରତ୍ୟେକ ଗ୍ରାମ ର ୱାର୍ଡ ମେମ୍ବର ମାନେ ହିତାଧିକାରୀ ଚୟନ କରିଥିଲେ । ମୋଟ ୧୨୦ ଜଣ ଗରିବ ହିତାଧିକାରୀ ଙ୍କୁ ଗୋଟିଏ ଲେଖେ କମ୍ବଳ ଦିଆଯାଇଥିଲା। ଜଗତ ଜନନୀ ସେବା ଟ୍ରଷ୍ଟ ତରଫରୁ କିଛି ଦିନ ପୂର୍ବରୁ କମ୍ବଳ ଗୁଡିକୁ ଆଣି ପଞ୍ଚାୟତ ଗୋଦାମ ରେ ରଖା ଯାଇଥିଲା। ଆଜି ତାହା ଦିଆ ଯିବା ନିମନ୍ତେ ସମସ୍ତ ଗ୍ରାମ ର ୱାର୍ଡ ମେମ୍ବର ମାନଙ୍କୁ ଖବର ଦିଆ ଯାଇଥିଲା। ଆଜି ୱାର୍ଡ ମେମ୍ବର ମାନେ ସମସ୍ତ ହିତାଧିକାରୀ ଙ୍କୁ ନେଇ ପଂଚାୟତ କୁ ଆସି ତାହା ଗ୍ରହଣ କରି ଥିଲେ ।

## ଡୁମୁରିଆ ପଞ୍ଚାୟତରେ ଚକ୍ଷୁ ପରୀକ୍ଷା ଶିବିର

ପାଟଣା **୧୮/୧୨ (ନି.ପ୍ର) :** ରବିବାର ଦିନ କେନ୍ଦୁଝର ର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରଗତି ଫାଉଣ୍ଡେସନ ଟ୍ରଷ୍ଟ କେନ୍ଦୁଝର ଡେଭେଲପମେଣ୍ଟ ଟ୍ରଷ୍ଟ ଓ ଭୂମିକା ଚକ୍ଷୁ ଚିକିତ୍ସାଳୟ ର ମିଳିତ ଆନୁକୂଲ୍ୟରେ ଡୁମୁରିଆ ଗ୍ରାମ ପଞ୍ଚାୟତ ର ମିଳିତ ସହଯୋଗରେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ଦିବସୀୟ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ପଞ୍ଚାୟତର ଘାଟବାଲିଯୋଡ଼ି, ତଣ୍ଡ, ଡୁମୁରିଆ, ବଣ ମହୁଲିଡିହା, ରୋହିଣୀଦୁମା, କାଳୀଘାଇ, କୋଠାଘର, ବାଇଦବଜା, ନୂଆଗାଁ, ହାତୀନୋଟା ଗ୍ରାମରୁ ଆସିଥିବା ମୋଟ ୫୩ ଜଣ ବରିଷ୍ଠ ରୋଗୀ ଙ୍କର ଚକ୍ଷୁ ପରୀକ୍ଷା କରାଯାଇଛି ଏବଂ ମାଗଣା ପ୍ରାଥମିକ ସେବା ପ୍ରଦାନ ସହିତ ଔଷଧ ବଣ୍ଟନ କରାଯାଇଛି। ୧୮ ଜଣ ମୋତିଆ ବିନ୍ଦୁ ରୋଗୀ ଙ୍କୁ ଚିହ୍ନଟ କରାଯାଇଛି କ୍ଷ ସମସ୍ତ ମୋତିଆ ବିନ୍ଦୁ ରୋଗୀ ଙ୍କୁ ମୋବାଇଲ ଭ୍ୟାନ ଯୋଗେ, ମାଗଣା ଅସ୍ତ୍ରଉପଚାର ନିମନ୍ତେ ଭୂମିକା ଚକ୍ଷୁ ଚିକିତ୍ସାଳୟ, କେନ୍ଦୁଝର ପ୍ରେରଣ କରାଯାଇଛି । ୧୮ ଜଣ ବରିଷ୍ଠ ନାଗରିକ ଙ୍କୁ କେନ୍ଦୁଝର ଡେଭେଲପମେଣ୍ଟ ଟ୍ରଷ୍ଟ ତରଫରୁ ମାଗଣା ଚଷମା ବଣ୍ଟନ କରାଯାଇଛି କ୍ଷଭୂମିକା ଚକ୍ଷୁ ଚିକିତ୍ସାଳୟ ର ବରିଷ୍ଠ ସ୍ୱାସ୍ଥ୍ୟ ସେବିକା ଅନିତା ରାଉତ, ସ୍ୱାସ୍ଥ୍ୟ ସଂଗଠକ ଦିଲୀପ କୁମାର ପରିଡା ଉପସ୍ଥିତ ରହି ଚକ୍ଷୁ ପରୀକ୍ଷା କରି ମୋତିଆ ବିନ୍ଦୁ ରୋଗୀ ଚିହ୍ନଟ କରି ଥିଲେ କ୍ଷକେନ୍ଦୁଝର ଡେଭେଲପ ମେଣ୍ଟ ଟ୍ରଷ୍ଟ ର ବରିଷ୍ଠ ଟ୍ରଷ୍ଟି ତଥା ଗାନ୍ଧୀ ତତ୍ତ୍ୱବିତ ଶ୍ରୀ ଭକ୍ତ ବତ୍ସଳ ମହାନ୍ତି ଉପସ୍ଥିତ ରହି ଶିବିର ସଂଯୋଜନା କରିଥିଲେ। ପ୍ରଗତି ଫାଉଣ୍ଡେସନ ଟ୍ରଷ୍ଟ ସଭାପତି ଶ୍ରୀ ମନୋଜ ମହାନ୍ତ ଓ ଟ୍ରଷ୍ଟି ତ୍ରିଲୋଚନ ମହାନ୍ତ ସୁବାଷ ଚନ୍ଦ୍ର ମହାନ୍ତଙ୍କ ନେତୃତ୍ୱରେ ୧୫ ଜଣ ସ୍ୱେଚ୍ଛାସେବୀ ଉପସ୍ଥିତ ରହି ରୋଗୀ ନେବା ଆଣିବା ରୋଗୀ ଙ୍କୁ ଚକ୍ଷୁ ଚିକିତ୍ସା ଲୟ ରେ ପହଁଚାଇବା ଓ ଶିବିର ପରିଚାଳନା କାମ କରିଥିଲେ।

## ମଟରସାଇକେଲ ରୁ ଖସି ମହିଳା ଗୁରୁତର

ପାଟଣା **୧୮/୧୨ (ନି.ପ୍ର) :** ପାଟଣା ବ୍ଲକ ମୁଖ୍ୟାଳୟ ପୁଟୁଳିଆ ଦମକଳ କାର୍ଯ୍ୟାଳୟ ନିକଟ ହମ୍ପସ ନିକଟରେ ଆଜି ଅପରାହ୍ନ ୨ ଟା ସମୟରେ ଏକ ମଟର ସାଇକେଲରୁ ଖସି ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି ।ସୂଚନାଯୋଗ୍ୟ ଯେ ବେଲଦା ଗ୍ରାମର ଗୁର ନାଏକ (୬୨) ତାଙ୍କ ପୁଅ ଗୌରାଙ୍ଗ ନାଏକ ଙ୍କ ସହିତ ପାଟଣା ବଜାର କୁ ଆସିଥିଲେ ।ବଜାର କାମ ସାରି ଘରକୁ ଫେରୁଥିବା ବେଳେ ଦମକଳ କେନ୍ଦ୍ର କାର୍ଯ୍ୟାଳୟ ନିକଟରେ ଥିବା ହମ୍ପସ ରେ ବାଇକଟି ଭାରସାମ୍ୟ ହରାଇ ବାରୁ ଗୁର ରାସ୍ତା ଉପରେ ଖସିପଡିଥିଲେ ।ଫଳରେ ସେ ଗୁରୁତର ଆହତ ହୋଇଥିବା ବେଳେ ତାଙ୍କ ପୁଅ ସାମାନ୍ୟ ଆହତ ହୋଇଛନ୍ତି ।ତାଙ୍କୁ ତୁରନ୍ତ ଅଗ୍ନିଶମ ବାହିନୀ ଦ୍ୱାରା ଉଦ୍ଧାର କରାଯାଇ ପାଟଣା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

# କେନ୍ଦୁଝର ଜିଲ୍ଲା ରେ ଟ୍ରକ ଟର୍ମିନାଲ କେବେ

ପାଟଣା **୧୮/୧୨ (ନି.ପ୍ର) :** କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ବାଲିଯୋଡ଼ି ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୮ଜଣଙ୍କର ପୂର୍ବରୁ ମୃତ୍ୟୁ ଘଟିଥିଲା। ଏହାପରେ ଜିଲ୍ଲାରେ ଦୁର୍ଘଟଣା ନିୟନ୍ତ୍ରଣ ପାଇଁ ଘନଘନ ବୈଠକ ସାଙ୍ଗକୁ ବ୍ୟାପକ ବିଚାର ବିମର୍ଶ ଚାଲିଲା। ଟ୍ରକ୍ ପାର୍କିଂ ପାଇଁ ଜିଲ୍ଲାର ୫ଟି ସ୍ଥାନରେ ଟର୍ମିନାଲ ନିର୍ମାଣ କରାଯିବ ବୋଲି ପୂର୍ବ ରାଜ୍ୟ ସରକାର ଘୋଷଣା କରିଥିଲେ। ଏବେ ଟ୍ରକ୍ ଟର୍ମିନାଲ ପ୍ରସଙ୍ଗରେ ଆଉ ଆଲୋଚନା ହେଉନି କି ଏ ଦିଗରେ କାମ ମଧ୍ୟ ହେଉନାହିଁ। ପ୍ରସ୍ତାବରେ ସୀମିତ ରହିଛି ଟ୍ରକ୍ ଟର୍ମିନାଲ। କେନ୍ଦୁଝର ଜିଲ୍ଲାରେ ଟ୍ରକ୍ ଟର୍ମିନାଲ ନ ଥିବାରୁ ଜାତୀୟ ରାଜପଥରେ ବେଆଇନ ଭାବେ ଟ୍ରକ୍ ପାର୍କିଂ ହେଉଛି। ଏଥିପାଇଁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ଗତବର୍ଷ ଘଟଗାଁ ଥାନା ଅନ୍ତର୍ଗତ ବାଲିଯୋଡ଼ି ନିକଟରେ ରାଜପଥ କଡ଼ରେ ଠିଆ ହୋଇଥିବା ଟ୍ରକ୍ ପଛରେ ଏକ ଯାତ୍ରୀବାହୀ ଗାଡ଼ି ଧକ୍କା ହେବାରୁ ୮ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିଲା। ୧୨ଜଣ ଗୁରୁତର ଆହତ ହୋଇଥିଲେ। ଏହି ଦୁର୍ଘଟଣା ପରେ ପ୍ରଶାସନ ତତ୍ପରତା ଦେଖାଇଥିଲା। ଜିଲ୍ଲା ପ୍ରଶାସନ, ପରିବହନ ବିଭାଗ ଏବଂ ଏନ୍ଏଚ୍ଏଆଇର ମିଳିତ ଆଲୋଚନା ପରେ ଡିଏମ୍ଏଫ୍ ଅନୁଦାନରେ ୫ଟି ଟ୍ରକ୍ ଟର୍ମିନାଲ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଥିଲା। -ଜମି ଚିହ୍ନଟ ପରେ ଅଟକିଛି କାମ ତ୍ରୁଟି ଯୋଗୁ ଟେଣ୍ଡର ବାତିଲ ବଢୁଛି ବେଆଇନ ପାର୍କିଂ - ଏଥିପାଇଁ ବାଂଶପାଣିଠାରେ ୫ ଏକର, ଝୁମ୍ପୁରା ଥାନା ପାଟବିଲା ନିକଟ ୨୦ ନମ୍ବର ଜାତୀୟ ରାଜପଥ କଡ଼ରେ ୫ ଏକର ୪୭ ଡିସିମିଲ, କେନ୍ଦୁଝର ସହର ନିକଟ ନିଜଗଡ଼ଠାରେ ୧୫ ଏକର ୧୬ ଡିସିମିଲ, ଘଟଗାଁ ଥାନା ସାନବରବେଢ଼ା ନିକଟ ୨୦ ନମ୍ବର ଜାତୀୟ ରାଜପଥ କଡ଼ରେ ୬ ଏକର



ଏବଂ ଘସିପୁରା ବ୍ଲକ୍ ସୁଁଆପଦାଠାରେ ୧୨ ଏକର ୫୦ ଡିସିମିଲ ଜମିରେ ଟ୍ରକ୍ ଟର୍ମିନାଲ ପ୍ରତିଷ୍ଠା ହେବ ବୋଲି ସ୍ଥିର ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ସୁଆଁପଦାକୁ ଛାଡ଼ି ଅନ୍ୟ ୪ଟି ସ୍ଥାନରେ ଟ୍ରକ୍ ଟର୍ମିନାଲ ନିର୍ମାଣ ଲାଗି ଟେଣ୍ଡର କରାଯାଇଥିଲା। କିନ୍ତୁ ଟେଣ୍ଡରରେ ତ୍ରୁଟି ଥିବାରୁ ତାହାକୁ ବାତିଲ କରାଯାଇଥିଲ। ଏହାପରେ ଆଉ ଟେଣ୍ଡର ହେଉନି କି କାମ ଆଗେଇପାରୁ ନାହିଁ। ଡିପିଆର ଅନୁସାରେ, ବାଂଶପାଣି ଟ୍ରକ୍ ଟର୍ମିନାଲରେ ଏକକାଳୀନ ୧୦୫ଟି, ପାଟବିଲାରେ ୧୦୪ଟି, ନିଜଗଡ଼ରେ ୨୩୧ଟି, ସାନବରବେଢ଼ାରେ ୧୩୧ଟି ଟ୍ରକ୍ ରହିପାରିବ। ଟ୍ରକ୍ ଟର୍ମିନାଲଗୁଡ଼ିକ ନିର୍ମାଣ ହେଲେ ଜାତୀୟ ରାଜପଥରେ ଦୁର୍ଘଟଣା ହ୍ରାସ ପାଇବ। ସଡ଼କ ସୁରକ୍ଷା କମିଟିର ସୁପାରିସ ଅନୁସାରେ, ଟର୍ମିନାଲ ଗୁଡ଼ିକରେ ଚାଳକ ଓ ହେଲପରଙ୍କୁ ମୌଳିକ ସୁବିଧା ତଥା ଶୌଚାଳୟ, ଡର୍ମିଟୋରି, ଫୁଡ୍ ପ୍ଲାଜା, ପାନୀୟଜଳ, ମରାମତି ପାଇଁ ଗ୍ୟାରେଜ ଆଦି ନିର୍ମାଣ କରାଯିବ। ଟ୍ରକ ପ୍ରବେଶ ଓ ପ୍ରସ୍ଥାନ ପାଇଁ ଭିନ୍ନ ଭିନ୍ନ ରାସ୍ତା ରହିବ। ହେଲେ ଏଯାଏ ଟ୍ରକ୍ ଟର୍ମିନାଲ ନିର୍ମାଣ କାମ ଆରମ୍ଭ ହୋଇପାରି ନାହିଁ। ଏ ସମ୍ପର୍କରେ ଆଞ୍ଚଳିକ ପରିବହନ ଅଧିକାରୀ ଗୋପାଳକୃଷ୍ଣ ଦାସଙ୍କୁ ପଚାରିବାରୁ, ଟ୍ରକ୍ ଟର୍ମିନାଲ ପାଇଁ ଟେଣ୍ଡର ହୋଇଥିଲା। ତାହା ବାତିଲ ହୋଇଯାଇଛି। ଆଉଥରେ ଓବିସିସି ଟେଣ୍ଡର କରି କାମ ଆରମ୍ଭ କରିବ ବୋଲି ସେ କହିଛନ୍ତି।

## ଅର୍ଣ୍ଣପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟ ର ବାର୍ଷିକ ଉତ୍ସବ -୨୦୨୪/୨୫ ଅନୁଷ୍ଠିତ

ନିମାପଡା **୧୮/୧୨ (ନି.ପ୍ର) :** ଚାରିଛକ ସ୍ଥିତ ଅର୍ଣ୍ଣପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମନସ୍ୱିନୀ ଲେଙ୍କା ଙ୍କ ନେତୃତ୍ୱରେ ବାର୍ଷିକ ଉତ୍ସବ-୨୦୨୪/୨୫ ଅନୁଷ୍ଠିତ ହୋଇଯାଇଛି ।ଏହି ଉତ୍ସ୍ୱ ରେ ମୁଖ୍ୟ ଅତିଥି ଭାବେ ଓଡିଶା ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା , ମୁଖ୍ୟ ବକ୍ତା ଭାବରେ ନିମାପଡା ଶିକ୍ଷା ମଣ୍ଡଳ ଅଧିକାରୀ ଦ୍ୱିତୀକାନ୍ତ ପ୍ରଧାନ , ସମ୍ମାନିତ ଅତିଥି ଭାବେ ସାଂସଦ ର ନିମାପଡା ବ୍ଲକ ପ୍ରତିନିଧି ପୂର୍ଣଚନ୍ଦ୍ର ଓଝା ,ନିଆଳି ହାଇସ୍କୁଲ ର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅଶୋକ କୁମାର ମହାପାତ୍ର ,ଭୋଦର ପଞ୍ଚାୟତ ସରପଞ୍ଚ ଚାରୂଲତା ବେହେରା ,ଯୋଗଦେଇଥିଲେ ।ବାର୍ଷିକ ଉତ୍ସବ ରେ ଉକ୍ତ ଅନୁଷ୍ଠାନ ର ପ୍ରଧାନ ଶିକ୍ଷୟିତ୍ରୀ ସଭାପତିତ୍ୱ କରିଥିବା ବେଳେ ବାର୍ଷିକ ବିବରଣୀ ପାଠ କରିଥିଲେ ।ଅତିଥି ମାନଙ୍କୁ ଉତ୍ତୋରୀୟ ଓ ଟ୍ରଫି ଦେଇ ସମ୍ମାନିତ କରାଯାଇଥିଲା ।କାର୍ଯ୍ୟକ୍ରମ ପୂର୍ବରୁ ପ୍ରଥମେ ଚାରିଛକ ବଜାରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଦେଇ ସ୍ୱତନ୍ତ୍ର ଶୋଭାଯାତ୍ରାରେ ବିଦ୍ୟାଳୟ କୁ ପାଛୋଟି ଆଣିଥିଲେ । ଏହି ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ବିଦ୍ୟାଳୟରେ ଖେଳ ପଡିଆ ପାଚେରୀ ,ସାଇକେଲ ଷ୍ଟାଣ୍ଡ ଘର କରିବା ପାଇଁ ବକ୍ତବ୍ୟ ରେ କହିଥିବା ବେଳେ ଛାତ୍ର ଛାତ୍ରୀ ପଡା ସହିତ ଅନୁଷ୍ଠାନ ର ପ୍ରଧାନ ଶିକ୍ଷୟିତ୍ରୀ କରିଥିବା ବିଭିନ୍ନ ପ୍ରକାର ବାର୍ଷିକ କାର୍ଯ୍ୟକ୍ରମ କୁ ଉଚ୍ଚ ପ୍ରଂସଶା କରିଥିଲେ ।ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଦ୍ୱାରା କୃତି ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ଦେଇ ପୁରସ୍କାର ପ୍ରଦାନ କରିଥିଲେ । ଉକ୍ତ ଉତ୍ସବରେ ଅତିଥି ମନୋରଞ୍ଜନ ମହାପାତ୍ର , ନେତ୍ରାନନ୍ଦ ବାରିକ ,ଦାମୋଦର ମିଶ୍ର ,ନିରଞ୍ଜନ କର ,ସୁଶାନ୍ତ କୁମାର ଦାସ ସହିତ ଅନୁଷ୍ଠାନ ର ଶିକ୍ଷକ ପ୍ରଦୀପ୍ତ ଚନ୍ଦ୍ର ସାହୁ ,ପ୍ରକାଶ ଚନ୍ଦ୍ର ପାତ୍ର ,ବିଭୁ ପ୍ରଶ୍ନ ଦାସ ,ମାନସ ରଞ୍ଜନ ନାୟକ ,ଶିକ୍ଷୟତ୍ରୀ ପ୍ରଣତି ବେହେରା ,ଆଦ୍ୟାଶା ପ୍ରିୟଦର୍ଶୀନି ,ରାନୀ ବସ୍ତିୟା ,ଶ୍ୱିବ୍ରତ ମଲ୍ଲ ,ଏମ ଏମ ସି ର ସଭ୍ୟ ରାମଚନ୍ଦ୍ର ଜେନା ,ଅଭିଭାବକ ଅନୁରୋଧ ସ୍ୱାଇଁ ସହିତ ସମସ୍ତ କର୍ମଚାରୀ , ଅଭିଭାବକ ,ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।କାର୍ଯ୍ୟକ୍ରମ ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା ।

## ଆଦର୍ଶ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଅନୁଷ୍ଠିତ

ନୂଆପଡ଼ା ୧୬/୧୨/୨୦୨୪ କଳିଙ୍ଗ ଜ୍ୟୋତି: ନୂଆପଡା ଜିଲ୍ଲା କେଶରାଜପୁର ଆଦର୍ଶ ବିଦ୍ୟାଳୟ ପରିସର ମଧ୍ୟରେ ୬ ତମ ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଅଛି। ଆଜି ଉଦଯାପିତ ସମାରୋହରେ ମୁଖ୍ୟ ଅତିଥି ଭାବରେ ବୋଡ଼େନ ଅତିରିକ୍ତ ଶିକ୍ଷା ଅଧିକାରୀ ନେପାଳ ଚନ୍ଦ୍ର ଦେ,ବିଦ୍ୟାଳୟ ର ଅଧକ୍ଷ ଚିତ୍ତରଞ୍ଜନ ମଟାରୀ, ଅନିମା ବାରିଖ ଯଦୁମଣି ବାରିକ, ସନ୍ତୋଷ କୁମାର ଦାସ, ନରୋତ୍ତମ ବାଗ, ଦେବସ୍ମିତା ହାସଦା, ଲିଲି ପଟେଲ, ମନୋଜ ବେହେରା, ସାଗର ମହାନ୍ତି, ଲକ୍ଷ୍ମଣ ବରିହା, ସତ୍ୟ ପ୍ରକାଶ ଦଣ୍ଡସେନା, ଆକାଶ ମୁଣ୍ଡା,ତପେଶ୍ୱର ମେହେର, ଲଳିତ ତାଣ୍ଡି, ଅଲିଭ ଜାଲ,ରାମଚନ୍ଦ୍ର ମାଝୀ ଉପସ୍ଥିତ ରହିଥିଲେ। ଛାତ୍ରଛାତ୍ରୀ ମାନେ କେଶରାଜପୁର ଗ୍ରାମର ଦେବୀ ଠାରୁ ମସଲା ଆଣି ମଞ୍ଚ ରେ ସ୍ଥାପନ କରିଥିଲେ। ଏହି ଖେଳ ୨ ଦିନ ଧରି ଚାଲିଥିଲା। ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇ ବିଦ୍ୟାଳୟ ରେ ପୂର୍ଣ୍ଣାଙ୍ଗ ଶିକ୍ଷା ଛାତ୍ର ଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାର ଚୟନ ହେବା ସୁଯୋଗ ସୃଷ୍ଟି କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। କ୍ରୀଡା ଶିକ୍ଷକ ପ୍ରକାଶ ବେହୁରିଆଙ୍କ ତତ୍ତ୍ୱାବଧାନରେ ୫୦, ୧୦୦,ମିଟର ଦୌଡ଼,ଉଚ୍ଚ ଡିଆ, ଲମ୍ବ ଡିଆ, ବେଙ୍ଗ ଡିଆଁ, ସଟ ଫୁଟ ଆଦି ୧୯ ପ୍ରକାର ର ଚାରି ବିଭାଗ ଖେଳ ହୋଇଥିଲା। କୃତି ଛାତ୍ର ଛାତ୍ରୀଙ୍କୁ ପ୍ରମାଣପତ୍ର ଏବଂ ପଦକ ପ୍ରଦାନ କରାଯାଇଛି । ଶେଷରେ ସାର୍ଥକ ସାରଥି ସିଂ ପୁରସ୍କାର ବିତରଣ ସଂଚାଳନ କରିଥିବା ବେଳେ ଜୟ କିଷାନ ଶିକା ଧନ୍ୟବାଦ ଅର୍ପଣ ଦେଇଥିଲେ।

# ନିମାପଡା ବ୍ଲକରେ ଭୀମଭୋଇ ଭିନ୍ନକ୍ଷମ ଶିବିର ଅନୁଷ୍ଠିତ

ନିମାପଡା **୧୮/୧୨ (ନି.ପ୍ର) :** ପୁରୀ ଜିଲ୍ଲା ନିମାପଡା ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ପଞ୍ଚାୟତ ସମିତି ନିମାପଡା ପିଙ୍ଗଳାକ୍ଷୀ ପବ୍ଲିକ ୱେଲ ଫେୟାର ଅର୍ଗାନେଶନ ଜେସନ ଓ ସୁରକ୍ଷା , ଭିନ୍ନକ୍ଷମ ବିଭାଗ ଓଡ଼ିଶା ସରକାର ମିଳିତ ଆନୁକୂଲ୍ୟରେ ଏକ ଭୀମଭୋଇ ଭିନ୍ନକ୍ଷମ ଶିବିର ଅନୁଷ୍ଠିତ ହୋଇଯାଇଛି ।ଏହି ଶିବିରରେ ଓଡ଼ିଶା ର ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗଦେଇ ଉଦଘାଟନ କରିବା ସହ ବୁଲି ଦେଖିଥିଲେ । ବ୍ଲକ ଅଧକ୍ଷ ଶଙ୍କର ଭୋଇ ,ଉପାଦକ୍ଷ ଅନୁଶୟା ମହାନ୍ତି ,ବିଡ଼ିଓ ଡକ୍ଟର ଅଭିଜିତ ଷଡ଼ଙ୍ଗୀ ,ପିଙ୍ଗଳାକ୍ଷୀ ପବ୍ଲିକ ୱେଲ ଫେୟାର ଅର୍ଗାନେଶନ ଜେସନ ସଭାପତି ଗଗନ ବିହାରୀ ଦାସ ,ସାଂସଦ ଙ୍କ ନିମାପଡା ବ୍ଲକ ପ୍ରତିନିଧି ପୂର୍ଣଚନ୍ଦ୍ର ଓଝା ସମେତ ସମସ୍ତ ସରପଞ୍ଚ ,ସମିତି ସଭ୍ୟ ସଭ୍ୟା ଯୋଗଦେଇଥିଲେ । ଏହି ଶିବିରରେ ଭିନ୍ନକ୍ଷମ ବ୍ୟକ୍ତି ଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରିଥିଲେ ।ଉକ୍ତ ଶିବିରରେ ବ୍ଲକର ୩୨ ପଞ୍ଚାୟତର ୮ ଶହରୁ ଉର୍ଦ୍ଧ୍ୱ ମାନସିକ ,ଶାରୀରିକ ,ଦୃଷ୍ଟିହୀନ ,ବାକ ଓ ଶ୍ରବଣ ବାଧିତ ,ଭିନ୍ନକ୍ଷମ ମାନଙ୍କୁ ବିଶେସଜ୍ଞ ଡାକ୍ତର ମାନଙ୍କ ଦ୍ୱାରା ଚିହ୍ନଟ କରାଯାଇଥିଲା । ଏହି ଶିବିରରେ ଭିନ୍ନକ୍ଷମ ଙ୍କ ପାଇଁ ଟ୍ରାଇ ସାଇକେଲ ,ସେବା ସହିତ ପାନୀୟ ଜଳ ଓ ଖାଦ୍ୟ ର ବ୍ୟବସ୍ଥା ବ୍ଲକ ପ୍ରଶାସନ ପକ୍ଷରୁ କରାଯାଇଥିଲା । ଉକ୍ତ ଭିନ୍ନକ୍ଷମ ଶିବିରଟି ଶାନ୍ତି ଶୃଙ୍ଖଳା ସହିତ ସମାପନ ହୋଇଥିଲା ।

## ସୋସିଆଲ ୱେଲଫେୟାର ଅର୍ଗାନେଯେସନ୍' କଳାହାଣ୍ଡି ପରିବାର ତରଫରୁ କମ୍ବଳ ବଣ୍ଟନ



ନର୍ଲା **୧୮/୧୨ (ନି.ପ୍ର) :** କଳାହାଣ୍ଡି ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସୋସିଆଲ ୱେଲଫେୟାର ଅର୍ଗାନେଯେସନ୍', କଳାହାଣ୍ଡି ପରିବାର କଳାହାଣ୍ଡି ଜିଲ୍ଲା ର ଏକ ଦାନ୍ତବ୍ୟ ସେବା ସଂସ୍ଥା। ଏହି ସଂସ୍ଥା ୨୦୧୮ ମସିହାରୁ ବିଭିନ୍ନ ସ୍ଥାନରେ ପଥଚାରୀ ଙ୍କୁ ଜଳଦାନ, ରକ୍ତଦାନ ଶିବିର, ଜରୁରୀ କାଳୀନ ସମୟରେ ରୋଗୀ କୁ ରକ୍ତ ଯୋଗାଇ ଦେବା, ଶବଦାହ, ବେସାହାରା ଲୋକମାନଙ୍କୁ ବସ୍ତ୍ରଦାନ , ବୃକ୍ଷ ରୋପଣ କାର୍ଯ୍ୟକ୍ରମ, ସଫେଇ ଅଭିଯାନ, ସଚେତନତା ଅଭିଯାନ ପରି ବିଭିନ୍ନ ସେବାମୂଳକ କାର୍ଯ୍ୟ କରି ଆସୁଛି। ସେହି କ୍ରମରେ ସଂସ୍ଥା ପକ୍ଷରୁ ମ: ରାମପୁର ବକ୍ଲ ର ଉର୍ଲାଦାନୀ ପଞ୍ଚାୟତର ମାରଦିଙ୍ଗ ଓ ସାକୁସଆଦି ଗ୍ରାମକୁ ଯାଇ ୧୫୦ ଜଣ ଅସହାୟ ଗରିବ ବୃଦ୍ଧ ପିତାମାତାମାନଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। 'ସୋସିଆଲ ୱେଲଫେୟାର ଅର୍ଗାନେଯେସନ୍', କଳାହାଣ୍ଡି ପରିବାର ର ମହିଳା ସଭାନେତ୍ରୀ ଶ୍ରୀମତୀ ଶାନ୍ତି ମାଝୀ ଙ୍କ ଅଧ୍ୟକ୍ଷତାରେ ଏହି ସେବା କାର୍ଯ୍ୟ କରାଯାଇଥିଲା । ସଭା ନେତ୍ରୀ ଶାନ୍ତି ମାଝୀ ଜଣେକର୍ତ୍ତବ୍ୟ ପରାୟଣ ଆଶା ୱର୍କର ହୋଇ ମଧ ତାଙ୍କର ବେସାହାରା ଲୋକମାନ ଙ୍କ ପ୍ରତି ସେବାରେ ନିଜକୁ ନିୟୋଜିତ କରୁଛନ୍ତି। ଏହି କାର୍ଯ୍ୟ କ୍ରମ ରେ ଅନୁଷ୍ଠାନ ର ଶ୍ରୀମତୀ ଶାନ୍ତି ମାଝୀ, ଭୁଲା ଶଙ୍କର ପାତ୍ର, ଖଗେଶ୍ୱର୍ ଗହୀର, ପ୍ରଦୀପ ସେଠୀ, ଅମିତ୍ କୁମାର ଦାଶ, ଅନୀଲ ସାହୁ,ହେମନ୍ତ ନାୟକ ଉପସ୍ଥିତ ରହି ନିରୀହ ବୃଦ୍ଧ ବାପା ମାଆ ଙ୍କୁ ପ୍ରବଳ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଶୀତ ବସ୍ତ୍ର ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟ କ୍ରମ ରେ ଯେଉଁ ମାନେ ସଂଗଠନ କୁ ସହଯୋଗ କରିଛନ୍ତି ସେମାନଙ୍କୁ ସଂଘ ପକ୍ଷରୁ ଧନ୍ୟ ବାଦ୍ ଜଣାଇଛନ୍ତି।

## ରିଷିଡା ମାଁ ତାରିଣୀ ଅଷ୍ଟ ଚଣ୍ଡୀ ଶୈବ ଶକ୍ତି ମନ୍ଦିର ଠାରେ ଧନୁ ସଂକ୍ରାନ୍ତି ପାଳନ

କର୍ଲାମୁଣ୍ଡା **୧୮/୧୨ (ନି.ପ୍ର) :** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡା ସ୍ଥିତ ମାଁ ତାରିଣୀ ଅଷ୍ଟ ଚଣ୍ଡୀ ଶୈବ ଶକ୍ତି ମନ୍ଦିର ଠାରେ ଆଜି ସୋମବାର ୨୦୨୪ ର ସେଷ ଧନୁ ସଂକ୍ରାନ୍ତି ପ୍ରତିପଦା ମାଁ ତାରିଣୀ ଅଷ୍ଟ ଚଣ୍ଡୀ ଶୈବ ପୀଠ ରେ ମାଁ ଙ୍କ ପଞ୍ଚ ଦିନାତ୍ମକ ପୂଜାର୍ଚ୍ଚନା ମହାସମାରୋହରେ ପାଳନ କରାଯାଇଛି। ଏଥିରେ ଆଖପାଖ ଅଞ୍ଚଳ ର ବହୁ ଶ୍ରଦ୍ଧାଳୁ ମାଁ ଙ୍କୁ ଦର୍ଶନ କରିବାପାଇଁ ମନ୍ଦିରରେ ଭିଡ଼ ଦେଖିବାକୁ ମିଳିଥିଲା ସୂର୍ଯ୍ୟୋଦୟ ସମୟରେ ବାବା ନାଗେଶ୍ୱର ଙ୍କୁ ଓ ଦେବୀ ମାନଙ୍କୁ ସ୍ନାନ ମାର୍ଜନା କରାଯାଇଥିଲା ଏହି ପରି ଦୁଇ ବେଳା ଆଳତି ଦିଆଯାଇ। ସକାଳ ଘ ୯ ଣ୍ଟାରେ ବଲ୍ଲଭ ଧୂପ ଘଣ୍ଟ ,ନିଶାଣ,କାହାଳୀ ବାଦ୍ୟ ବାଦନ କରାଯାଇ ଗୋଟିଏ ଲେଖାଏଁ ଚକାମୁଆଁ ଓ ଦୁଇଟି ଗଜାମୁଆ ସମର୍ପଣ କରାଯାଇଥିଲା ଏଥିରେ ପୂଜକ ରଂଜନ ରଣା, ପିତାମ୍ବର ରଣା ସୂର୍ଯ୍ୟମଣି ରଣା, ମହେନ୍ଦ୍ର ପ୍ରଧାନୀ, ହରିବାରିକ,ସେଷଦେବ ରଣା, ହୃଦାନନ୍ଦ ମଲ୍ଲିକ, ମଣ୍ଟୁ ରଣା,ବୃହସ୍ପତି ରଣା, ରାଧେଶ୍ୟାମ ପଟ୍ଟନାୟକ, ମନ୍ଦିର ପରିଚାଳନା କମିଟି ସଭାପତି କୈଳାସ କୁମୁରା ସଂପାଦକ ସୁଶାନ୍ତ ମଲ୍ଲିକ ଉପସଭାପତି କୁଞ୍ଜବିହାରୀ ରଣା, ଲମ୍ବୋଦର ରଣା, ନନ୍ଦକିଶୋର ରଣା,ମହିମା ରଣା ସିବୁ ରଣା ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ।

## ଅଭ୍ୟାସ ଟେକ୍ନୋ ସ୍କୁଲରେ କ୍ରୀଡା ପ୍ରତିଯୋଗିତା



ପଦ୍ମପୁର **୧୮/୧୨ (ନି.ପ୍ର) :** ଅଭ୍ୟାସ ଟେକ୍ନୋ ସ୍କୁଲ ,ପଦ୍ମପୁର ଠାରେ ତିନି ଦିନ ଧରି ଚାଲିଥିବା କ୍ରୀଡା ପ୍ରତିଯୋଗିତା ଆଜି ଉଦଯାପିତ ହୋଇଯାଇଛି । ତିନି ଦିନ ଧରି ପିଲାମାନେ ବିଭିନ୍ନ ଖେଳକୁଦ ପ୍ରତିଯୋଗିତାରେ ଭାଗନେଇଥିଲେ । ପିଲାଙ୍କ ସହ ମାଆ ମାନେ ଖେଳ ପ୍ରତିଯୋଗିତାରେ ଭାଗନେବା ଶେଷ ଦିନର ମୁଖ୍ୟ ଆକର୍ଷଣ ଥିଲା । ମାଆ ମାନଙ୍କ ମୁହଁର ହସ ଓ ଆନନ୍ଦ ଦେଖି ସମସ୍ତେ ଭାବ ବିଭୋର ହୋଇପଡ଼ିଥିଲେ । ଅଭ୍ୟାସର ଶିକ୍ଷକ ଶିକ୍ଷୟତ୍ରୀ ମାନେ ମଧ ମାଆ ମାନଙ୍କ ସହ ମିଶି ବେଶ ଆନନ୍ଦ ଉପଭୋଗ କରିଥିଲେ । ଅଭ୍ୟାସର ଇଭେଣ୍ଟ ମ୍ୟାନେଜର ମନ୍ମଥ ଲିମା ସବୁ ଇଭେଣ୍ଟ ଗୁଡିକୁ ସୁଚାରୁରୂପେ ପରିଚାଳନା କରିଥିଲେ । ବିଭିନ୍ନ ପ୍ରକାର ଷ୍ଟଲ ମଧ ପ୍ରଦର୍ଶିତ ହୋଇଥିଲା । ସ୍ପର୍ଦ୍ଧା ର ସମାପ୍ତି ଦିବସରେ ମୁଖ୍ୟ ଅତିଥି ରୂପେ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ଓ ଗୁଣପୁର ପୌର ଉପାଧକ୍ଷ ଶିବ ପ୍ରସାଦ ଗୌଡ ମଞ୍ଚାସିନ ହୋଇଥିଲେ । ନାଚଗୀତ ମାଧମରେ ଅତିଥିଙ୍କୁ ସ୍ୱାଗତ କରାଯାଇଥିଲା । ଅତିଥି ମାନେ ଖେଳରେ ବିଜୟୀ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଆଜି ଛୋଟ ଛୁଆଙ୍କ ପିକ୍ନିକ୍ ମଧ ହୋଇଥିଲା ତା'ର ନାମ ଇଖରଜରଝଉଙ ଦିଆଯାଇଥିଲା । ବିଭିନ୍ନ ନାଚ ଗୀତ ସହ ଏହି କାର୍ଯ୍ୟକ୍ରମ ରେ ମାଆ ମାନେ ଆନନ୍ଦ ଅନୁଭବ କରିଥିଲେ । ସବୁ କାର୍ଯ୍ୟକ୍ରମକୁ ଅଭ୍ୟାସ ପ୍ରିନ୍ସିପାଲ୍ ଶ୍ରୀ ଦିବ୍ୟ ଦେବାଶିଷ ଦୁବେ ସୂଚାରୁରୂପେ ପରିଚାଳନା କରିଥିଲେ । ସେକ୍ରେଟାରୀ ଲାଡି ତୁକାରାମ୍ ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ । ଏହି ତିନି ଦିନିଆ କାର୍ଯ୍ୟକ୍ରମକୁ ମ୍ୟାନେଜେର ଗାୟତ୍ରୀ ପଣ୍ଡା ସମ୍ପୂର୍ଣ୍ଣ ଦାୟିତ୍ୱ ଗ୍ରହଣ କରି ସୁଚାରୁରୂପେ ପରି ସମାପ୍ତି କରିଥିଲେ ।

## ରେଣ୍ଡୋ ମାଝୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଟୁର୍ଚି ଚାମ୍ପିୟାନ

କର୍ଲାମୁଣ୍ଡା **୧୮/୧୨ (ନି.ପ୍ର) :** ରେଣ୍ଡୋ ମାଝୀ ସ୍ପୋର୍ଟ୍ସ କ୍ଲବ ବିନ୍ଧାଣୀ ଆନୁକୂଲ୍ୟରେ ଚାଲିଥିବା ରେଣ୍ଡୋ ମାଝୀ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଉଦଯାପିତ ହୋଇଥିଲା । ଫାଇନାଲ ମ୍ୟାଚରେ ଟୁର୍ଚି ଦଳ ନର୍ଲା ସର୍ଗିଗୁଡା ରେଲୱେ ଦଳକୁ ପରାସ୍ତ କରି ଚାମ୍ପିୟାନ ହୋଇଥିଲା। ଏହି ଉଦଯାପନୀ ଉତ୍ସବରେ ମୂଖ୍ୟ ଅତିଥି ଭାବେ କର୍ଲାମୁଣ୍ଡା ଜିଲ୍ଲା ପରିଷଦ ଜୋନ 'କ' ସଦସ୍ୟ ମହେନ୍ଦ୍ର ରଣା ମୂଖ୍ୟ ଅତିଥି, କର୍ଲାମୁଣ୍ଡା ଯାଦବ ସମାଜ ସଭାପତି ଗରୁଡଧ୍ୱଜ ଗହୀର ମୂଖ୍ୟବକ୍ତା, ବରିଷ୍ଠ ସାମ୍ବାଦିକ ନରୋତ୍ତମ ସେଲମା, ପୂର୍ବତନ ସମିତି ସଭ୍ୟ ବିଦେଶୀ ଘିଭେଲା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଏଥିରେ କ୍ଲବ ସଭାପତି ଚରଣ ବାଗ ସଭାପତିତ୍ୱ କରିଥିବା ବେଳେ କ୍ରୀଡା ସମ୍ପାଦକ ସୁରେଶ ଘିଭେଲା ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ କ୍ଷ ମ୍ୟାଚ ରେଫରୀ ସୁଧିର ବାଗ, ଅମ୍ପାୟାର ସତ୍ୟ ରଞ୍ଜନ ସୁନା, ଠାକୁର ହରପାଲ, ସ୍କୋର ଦାୟିତ୍ୱରେ ରୋଶନ, ବିଶାଳ ଏବଂ ଧାରା ବିବରଣୀରେ ମୁନ୍ନା ବେବେର୍ତ୍ତା, ସାଂସ୍କୃତିକ ସମ୍ପାଦକ ସୁମନ୍ତ ମାଝୀ କାର୍ଯ୍ୟ ତୁଲାଇଥିଲେ। ସଂଘର ଉପସଭାପତି ଅମରଦାସ ହରପାଲ, ସମ୍ପାଦକ ଯଜ୍ଞ ଭୋଇ, କୋଷାଧ୍ୟକ୍ଷ ଗିରିଧାରୀ ଭୋଇ, ବିଶ୍ୱାମିତ୍ର, ନିଶା, ସୁନିଲ, ଦୁର, ପିଙ୍କୁ, କେନିଟ, ରାଜେନ୍ଦ୍ର, ଆକାଶ, ତିରଞ୍ଜନ, ବିର କିଶୋର, ଭଗତ ସାହୁ ତଥା ସମସ୍ତ ସଦସ୍ୟ ସହଯୋଗ କରିଥିବା ବେଳେ ଶିବାକ୍ରିଶ୍ନା ଟେଣ୍ଟ ହାଉସ ମାଲିକ ସୁରେନ୍ଦ୍ର ରଣା ପୂର୍ଣ୍ଣ ସହଯୋଗ କରିଥିଲେ ।

## ଶେରଗଡ଼ ଗ୍ରାମପଞ୍ଚାୟତ ସରପଞ୍ଚ ଓ ଠିକାଦାର ନିଲେଶ ଅଗ୍ରୱାଲ ଙ୍କ ମୁନସି ଙ୍କ ମଧ୍ୟରେ ଗଣ୍ଡଗୋଳ

ନର୍ଲା **୧୮/୧୨ (ନି.ପ୍ର) :**ଦିନକୁ ଦିନ ନର୍ଲା ଅଞ୍ଚଳରେ ବିଜେଡି ରାଜନୀତି ର ଆଗଧାଡିର ନେତା ଏବଂ ଜିଲ୍ଲା ଖଣି ବିଭଗ ଙ୍କ ଛତ୍ରଛାୟା ତଳେ କୁଖ୍ୟାତ ବାଲି ମାଫିଆ ନିଲେଶ ଅଗ୍ରୱାଲ ଙ୍କ ଦ୍ୱାରା ନର୍ଲା ବ୍ଲକ ରେ ଥିବା ବିଭିନ୍ନ ନଦୀ ଶଯ୍ୟାରୁ ରାତି ଦିନ ବେଧଡକ ଭାବେ ଶହ ଶହ ବାଲି ଚୋରା ଚାଲାଣ କରୁଥିବା ଚର୍ଚ୍ଚାର ବିଷୟ ପାଲଟି ଯାଇଛି। ଏଭଳି ବିଗତ ଦିନ ମାନଙ୍କରେ ଦେଖିବକୁ ମିଳିଥିଲା ନର୍ଲା ବ୍ଲକ୍ ଧଅ ର ।ମାଲ ଗ୍ରାମ ନିକଟରେ ଥିବା ସାନ୍ଦୁଲ୍ ନଦୀ ଶଯ୍ୟାରୁ ବେଆଇନ ଭାବେ ବାଲି ବୋଝେଇ ଏକ ହାଇୱ। ଗାଡ଼ି କୁ ତହସିଲଦାର ଙ୍କ ଦ୍ୱାରା ପ୍ରାୟ ଚାଳିଶି ହାଜର ଟଙ୍କା ବାଲି ମାଫିଆ ନିଲେଶ ଅଗ୍ରୱାଲ ଫାଇନ ଦେଇ ନିଜ ଗାଡ଼ିକୁ ମୁକୁଲାଇ ଥିବା ଜଣାପଡ଼ିଛି , ଗତ ରବିବାର ଦିନ ଶେରଗଡ଼ ଗ୍ରାମପଞ୍ଚାୟତ ସରପଞ୍ଚ ରାହୁଲ ସାହୁ ଓ ନିଲେଶ ଅଗ୍ରୱାଲ ଙ୍କ ମୁନସି ମଧ୍ୟରେ ଭାଟେଲ ରାସ୍ତା ନିର୍ମାଣ ରେ ବ୍ୟାପକ ଅନିୟମିତତା ଓ ରାସ୍ତା ରେ ପାଣି ଛିଞ୍ଚନ ନ କରିବା ଦ୍ୱାରା ସାଧାରଣ ଲୋକ ଶ୍ୱାସ ଜନିତ ରୋଗ ର ସମ୍ମୁଖିନ ହେଉଥିବା କଥାବାର୍ତ୍ତା ବିକାଶ ହେବା ଭିତରେ ସରପଞ୍ଚ ମୁନ ସି ଙ୍କୁ ମାଡ଼ ମାରି ଥିବା ଅଭିଯୋଗ ଥାନାରେ କହୁଛନ୍ତି ଅନ୍ୟପଟେ ସରପଞ୍ଚ ମଧ୍ୟ ମୁନ ସି ମାଡ଼ ମାରି ଥିଲେ ବୋଲି ଅଭିଯୋଗ କରୁଥିବା ବେଳେ ପୁଲିସ ଉଭୟ ପକ୍ଷ ଙ୍କ ନାମରେ ଏକ ମାମଲା ରୁଜୁ କରିଥିବା ସୂଚନା ମିଳିଛି ? ଏ ଭଳି ଭାବରେ ଠିକାଦାର ନିଲେଶ ଅଗ୍ରୱାଲ ସହିତ ଜିଲ୍ଲା ପୁର୍ତ୍ତ ବିଭାଗ ର ପଦସ୍ଥ ଅଧିକାରୀ ଙ୍କ ସଲା ସୁତୁରରେ ଅନିୟମିତତା କରି ଠିକାଦାର ପୋଷାନୀତି କରି ଅଧିକାରୀ ମାନଙ୍କ ପ୍ୟାକେଟ କୁ କୋଟି କୋଟି ଟଙ୍କା ଯାଉଛି ଯାହା ଫଳରେ ଠିକ। ସଂସ୍ଥା କୁ ପ୍ରଚୁର ପରିମାଣ ରେ ଅର୍ଥ ଉପାର୍ଜନ କରୁଥିବା ସାଧାରଣରେ ଅଭିଯୋଗ ହେଉଛି।

## ଲରମ୍ଭାରେ ବିଜୟ ଦିବସ

ଅତାବିରା **୧୮/୧୨ (ନି.ପ୍ର) :**ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଲରମ୍ଭାର ଆଇ ଟି ସି ଟି କମ୍ପୁଟର ସେଣ୍ଟର ଠାରେ ବିଜୟ ଦିବସ ପାଳନ କରା ଯାଇଥିଲା । ଏହି ଅବସରରେ ୫୦ ଜଣ ଛାତ୍ର ଛାତ୍ରୀ ସହ ମୁଖ୍ୟ ଅଥିତି ଭାବେ ଲରମ୍ଭା ହାଇସ୍କୁଲ ର ଏନ ସି ସି ଅଧିକାରୀ ବିନୟ ନାଏକ ଅଂଶ ଗ୍ରହଣ କରି ଛାତ୍ର ଛାତ୍ରୀ ମାନଙ୍କୁ କିଛି ବକ୍ତବ୍ୟ ପ୍ରଦାନ କରିଥିଲେ। ଲଦାଖ ରେ କାର୍ଯ୍ୟରତ ଥିବା ସେନା ଅଧିକାରୀ ବିକାଶ ନାୟକ, ପର୍ବତରୋହୀ ଆଶୀର୍ବାଦ ମହାପାତ୍ର, ଆଇ ଟି ସି ଟି କମ୍ପୁଟର ସେଣ୍ଟର ମୁଖ୍ୟ ସରୋଜ ନାୟକ ଯୋଗଦେଇ ନିଜ ନିଜ ବକ୍ତବ୍ୟ ରଖିଥିଲି ଏବଂ କହିଥିଲେ ଯେ କିପରି ୧୬ଡିସେମ୍ବର ୨୯୭୧ରେ ପାକିସ୍ତାନ ର ୯୩୦୦୦ ସେନା ଭାରତୀୟ ସେନା ଆଗରେ ଆତ୍ମସମର୍ପଣ କରିଥିଲେ।

## ସଂକୁଳ ସ୍ତରୀୟ ବାର୍ଷିକ କ୍ରୀଡ଼ା ସମାରୋହ ଉଦଯାପିତ



ଭେଡେନ,**୧୮/୧୨ (ନି.ପ୍ର) :** ବରଗଡ଼ ଜିଲ୍ଲା ଭେଡେନ ଥାନା ଅନ୍ତର୍ଗତ ୧୧ଦଶ ସଂକୁଳ ସ୍ତରୀୟ କ୍ରୀଡ଼ା ସମାରୋହର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ତେନ୍ତୁଲିଟିକ୍ରା ତରଫରୁ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ତେନ୍ତୁଲିଟିକ୍ରା ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି ।ଏ ଅବସରରେ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ମାନନୀୟ ଶ୍ରୀଯୁକ୍ତ ସରୋଜ ମିଶ୍ର(ଲୋକ ସଭା ସଦସ୍ୟ ପ୍ରତିନିଧି) ଯୋଗ ଦେଇ ଧ୍ୱଜା ଆରୋହଣ କରି ବାର୍ଷିକ କ୍ରୀଡ଼ାକୁ ଉଦଘାଟନ କରିଥିଲେ ।ସଂକୁଳ ସଂଯୋଜକ ଶ୍ରୀଯୁକ୍ତ ଶଙ୍କର୍ଷଣ ମିଶ୍ର ସ୍ୱାଗତ ଭାଷଣ ତଥା ଶିଶୁ ମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ ।ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀମାନ୍ ରିଙ୍କୁ କୁମାର ଦାଶ ଅତିଥି ଅଧିକାରୀଙ୍କର ପରିଚୟ ପ୍ରଦାନ କରିଥିଲେ ।ପରିଚାଳନା ସମିତିର ସଂପାଦକ ଶ୍ରୀଯୁକ୍ତ ସୁରେନ୍ଦ୍ର ଦେହେରୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ।କାଳିଚରଣ ହୋତା ସମେତ ଶିଶୁ ମାନେ ହନୁମାନ ମନ୍ଦିରରୁ ମଶାଲ ଆଣି ଗ୍ରାମ ପରିକ୍ରମା କରି ମୁଖ୍ୟ ଅତିଥିଙ୍କର କମଳ ଦ୍ୱାରା ସ୍ଥାପନ କରିଥିଲେ ।କାର୍ଯ୍ୟକ୍ରମକୁ ସୁଶ୍ରୀ ଲକ୍ଷ୍ମୀ କର୍ମୀ ପରିଚାଳନା କରିଥିଲେ। ପରିଶେଷରେ ଶ୍ରୀଯୁକ୍ତ କ୍ଷମାନିଧି ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଶ୍ରୀଯୁକ୍ତ ମିଳନ ସେଟ୍(ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ)ଧ୍ୱଜା ଅବତରଣ ଓ ଅଗ୍ନି ନିର୍ବାପଣ କରିଥିଲେ ।ସଂପାଦକ ଶ୍ରୀଯୁକ୍ତ ସୁରେନ୍ଦ୍ର ଦେହେରୀ ଅତିଥି ପରିଚୟ ଓ ଶିଶୁ ମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ ।୯ଟି ବିଦ୍ୟାଳୟରୁ ୧୯୬ ଜଣ ପ୍ରତିଭାଗୀ ଅଂଶ ଗ୍ରହଣ କରିଥିଲେ ।ଏ ସମାରୋହରେ ସଂଭାଗ ଶାରୀରିକ ପ୍ରମୁଖ ଶ୍ରୀଯୁକ୍ତ ଶିବାନନ୍ଦ ଦାଶ ,ସଂକୁଳ ଶାରୀରିକ ପ୍ରମୁଖ ଶ୍ରୀଯୁକ୍ତ ସୁବ୍ରତ କୁମାର ଶତପଥୀ ସମେତ ୧୨ ଜଣ ପରିଚାଳକ ୪୬ଟି ଖେଳ ପରିଚାଳନା କରିଥିଲେ।ଏ କାର୍ଯ୍ୟକ୍ରମକୁ ମାତୃଭାରତୀର ୧୭ ଜଣ ସଦସ୍ୟା ସାହାଯ୍ୟ ଓ ସହଯୋଗ କରିଥିଲେ ।ସଂକୁଳ ଶାରୀରିକ ପ୍ରମୁଖ ସୁବ୍ରତ ଶତପଥୀ ବୃତ୍ତ ପଠନ କରିଥିଲେ ।କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ଅଧିକାରୀ ମାନେ ପୁରସ୍କାର କରିଥିଲେ। କ୍ରୀଡ଼ା ସମାରୋହକୁ ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ଭୋଜରାଜ ଦୁଆନ,ଶ୍ରୀଯୁକ୍ତ ଅଶୋକ କୁମାର ଧର,ଶ୍ରୀଯୁକ୍ତ ମକୁନ୍ଦ ମହାରଣା,ଶ୍ରୀଯୁକ୍ତ ନରେନ୍ଦ୍ର ରଣା ସମେତ ସ୍ଥାନୀୟ ବିଦ୍ୟାଳୟର ସମସ୍ତ ଗୁରୁମା ଗୁରୁଜୀ ,ସେବକ ସେବିକା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସଦସ୍ୟ ମାନେ ଶିଶୁମନ୍ଦିର ପ୍ରତିଷ୍ଠାତା କୃଷ୍ଣ ଚନ୍ଦ୍ର ଦନ୍ତା ଉପସ୍ଥିତ ରହି ସାହାଯ୍ୟ ଓ ସହଯୋଗ କରିଥିଲେ ।ପରିଶେଷରେ ସଂକୁଳ ପ୍ରମୁଖ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ହାତୀଦାନ୍ତ ମାଫିଆକୁ ଧରିବାକୁ ଯାଇ ଦୁର୍ବୃତ୍ତଙ୍କ ଛ ରାଉଣ୍ଡ ଗୁଳି ଆକ୍ରମଣରେ ବର୍ତ୍ତିଲେ ବନ କର୍ମଚାରୀ

ମୁନିଗୁଡ଼ା ୧୮/୧୨ (ନି.ପ୍ର) : ରାୟଗଡା ଜିଲ୍ଲା ମୁନିଗୁଡା ବନାଞ୍ଚଳରେ ସ୍ଥାନୀୟ କର୍ମଚାରୀ ଦୀର୍ଘଦୀନ ରହିବା ଦ୍ୱାରା ଭାବ ପିରତିରେ କେତେବେଳେ ବାଘ ଛାଲତ କେତେବେଳେ ହାତିଦାନ୍ତ,ଆଉ କେତେବେଳେ ଜନ୍ତୁ ଶିକାର ଦୈନନ୍ଦିନ ଘଟଣାରେ ପରିଣତ ହୋଇ ସ୍ଥାନୀୟ କର୍ମଚାରୀ ସମ୍ପୃକ୍ତି ଥିବା ଅଭିଯୋଗ ହେଉଛି ।ଯେତେବେଳେ କୌଣସି କେସରେ ଧରାପଡୁଛନ୍ତି ତାହାପୁଣି ଧର୍ମକୁ ଆଖି ଠାର ,।ଏହା କେବଳ ଅପାରଗତା ବନବିଭାଗର ଅଧୀକାରିଙ୍କ ପ୍ରିୟା ପ୍ରିତିରେ ।ଜଣେ ଜଣେ ବନକର୍ମଚାରୀ ୧୫,୨୦ବର୍ଷ ରୁ ଉର୍ଦ୍ଧ୍ ଚାକିରି ଆରମ୍ଭରୁ ଥାଇ ବଦଳୀ ହେଲେ ମଧ କିଛିଦିନ ପରେ ପୁନଶ୍ଚ ଅଫିସରଙ୍କୁ ହାତ ଗୁଞ୍ଜା ଦେଇ ନିଜ ରେଞ୍ଜକୁ ବଦଳୀ ହୋଇ ଆସୁଛନ୍ତି ।ଯାହାକି ଆଜି ବନ ବିଭାଗକୁ ଅଘଟଣର ସମ୍ମୁଖିନ ହେବାକୁ ପଡୁଛି ।ଯଦି ଫରେଷ୍ଟର ,ଫରେଷ୍ଟ ଗାର୍ଡ ଏବଂ ଅନ୍ୟ କ୍ଷେତ୍ର କର୍ମଚାରିଙ୍କୁ ଅନ୍ୟ ରେଞ୍ଜକୁ, ଅନ୍ୟତ୍ରକୁ ବଦଳୀ କରାଗଲେ ଏପରି ଅଘଟଣ ଘଟିବା ହ୍ରାସ ପାଇବ ବୋଲି ପରିବେଶ୍ୱିତ ମାନେ ମତ ଦେଇଛନ୍ତି । ସୂଚନା ଅନୁଯାୟୀ ରାୟଗଡ଼ା ବନଖଣ୍ଡ ଅଧିନସ୍ଥ ମୁନିଗୁଡା ରେଞ୍ଜ ମାଲିମୁଣ୍ଡା ଓ ଜାରପା ଗ୍ରାମର କିଛି ମାଫିଆ ହାତୀ ଦାନ୍ତ ବେପାର ପାଇଁ ଛତିଶଗଡ଼ ରାଜ୍ୟର ବେପାରୀ ସହିତ ଯୋଗା ଯୋଗ କରୁଥିବା ବେଳେ ,କଳାହାଣ୍ଡି ଓ ମୁନିଗୁଡା ରେଞ୍ଜ୍ ବନ ବିଭାଗ ସହ ଏସିଏଫ ଟିମ ମାଫିଆଙ୍କ ପିଛା କରି ରାୟଗଡ଼ା ଜିଲ୍ଲା ବନ ବିଭାଗକୁ ଖବର ଦେଇଥିଲେ । ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ମୁନିଗୁଡା ରେଞ୍ଜର ଅନିଲ କୁମାର ବାଲାଙ୍କ ନେତୃତ୍ୱରେ ଆମ୍ବାଦଳା ଓ ମୁନିଗୁଡା ବନ ବିଭାଗ କର୍ମଚାରୀ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଥିଲେ ।ସେଠାରେ ହାତୀ ଦାନ୍ତ ବେପାର ମୁଲଚାଲ ହେଉଥିବା ବେଳେ ହାତୀ ଦାନ୍ତ ସହ ୫ ଜଣ ମାଫିଆ ମାନଙ୍କୁ କାବୁ କରିଥିବା ଏସିଏଫ ସନ୍ଦୀପ ପୃଷ୍ଟି କହିଛନ୍ତି ।



ତେବେ ଏନେଇ ମାଫିଆ ମାନଙ୍କ ସହିତ ଆଉ କିଏ କିଏ ସାମିଲ ଅଛନ୍ତି ସେମାନଙ୍କୁ ଖୋଜିବା ପାଇଁ ବନ ବିଭାଗ ଅଧିକାରୀ ଶିବପଦର ପଞ୍ଚାୟତ ଯାରପା ଗ୍ରାମରେ ପହଞ୍ଚି ତଦନ୍ତ କରିବା ସମୟରେ। କିଛି ଦୁର୍ବୃତ୍ତ ଆକ୍ରମଣ କରିବା ଉଦ୍ଦେଶ୍ୟରେ ଘର ଭିତରକୁ ଦୌଡ଼ି ଯାଇଥିଲେ । ଯାହାଫଳରେ ବନ ବିଭାଗ କର୍ମଚାରୀ ମାନେ ସନ୍ଦେହ କରି ଗାଡି ଭିତରେ ବସି ଯିବାକୁ ଚେଷ୍ଟା କରିବା ସମୟରେ ଗାଡି ଉପରକୁ ୬ ରାଉଣ୍ଡ ଗୁଳି ଚାଳନା ହୋଇଥିବା ଜାଣିବାକୁ ମିଳିଛି । ତେବେ ନିଜ ଜୀବନ ବଞ୍ଚାଇ ବନ ବିଭାଗ କର୍ମଚାରୀ ମାନେ ସେଠାରୁ ଫେରି ଆସିଥିବା ବିଶେଷ ସୂତ୍ରରୁ ଜଣାପଡିଥିବା ବେଳେ ଉକ୍ତ ବିଷୟରେ ଅଧିକାରୀ ମାନଙ୍କ ଠାରୁ କୌଣସି ସୂଚନା ମିଳି ପାରି ନାହିଁ। ଏହି ହାତୀଦାନ୍ତ ଚୋରାଚାଲାଣ ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଥିବା ଏସିଏପ ଅଧିକାରୀ ସନ୍ଦିପ କୁମାର ପୃଷ୍ଟି ସୂଚନା ଦେଇଛନ୍ତି ।ଅପରପକ୍ଷରେ ସ୍ଥାନୀୟ ଲୋକମାନେ କହିଛନ୍ତି ସମ୍ପୃକ୍ତ ଅଧୀକାରୀମାନେ ତାଙ୍କର ସ୍ୱାର୍ଥ ପାଇଁ ମୋଟା ଅଙ୍କରେ କାରବାର କରି ସ୍ଥାନୀୟ ଲୋକଙ୍କୁ ନିଜ ଅଞ୍ଚଳରେ ନିଯୁକ୍ତି ଦେବା ଦ୍ୱାରା ଚୋରା କାଠ ବେପାରୀ ଓ ଶିକାରୀ,ହାତୀ ଦାନ୍ତ ବେପାରୀଙ୍କ ସହିତ ଭିତିରି ସମ୍ପର୍କ ଥିବା ଅଭିଯୋଗ ହେଉଛି ।ତେଣୁ ୧୫, ୨୦ବର୍ଷରୁ ଉଦର୍ଦ୍ରେଞ୍ଜରେ ରହିଥିବା କର୍ମଚାରୀଙ୍କୁ ଅନ୍ୟତ୍ର ବଦଳୀ କଲେ ଜଙ୍ଗଲରେ ଜନ୍ତୁ ଓ କାଠ ,ଖଣିଜ ଦ୍ରବ୍ୟ ସୁରକ୍ଷିତ ରହିବ ବୋଲି ଅଞ୍ଚଳ ବାସୀ ଅଭିଯୋଗ କରିଛନ୍ତି ।

## ଦକ୍ଷିଣ ଓଡିଶା ବିକାଶ ପରିଷଦ ଗଠନକୁ ସ୍ୱାଗତ

ବୁଗୁଡା ୧୮/୧୨ (ନି.ପ୍ର) : ରାଜ୍ୟ ସରକାର 'ଦକ୍ଷିଣ ଓଡିଶା ବିକାଶ ପରିଷଦ' ଗଠନ ପାଇଁ ନୀତିଗତ ନିଷ୍ପତି ନେଇଥିବାରୁ ଭଞ୍ଜନଗର ଘୁମୁସର ବିକାଶ ପରିଷଦ ପକ୍ଷରୁ ସଭାପତି ବରିଷ୍ଠ ଆଇନଜୀବୀ ସୋମନାଥ ନାୟକ ଓ ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ , ଭୁବନେଶ୍ୱର ଘୁମୁସର ବିକାଶ ମଞ୍ଚପକ୍ଷରୁ ସଭାପତି ବାଲ୍ମୀକି ପଟ୍ଟନାୟକ ଓ ସମ୍ପାଦକ ଅକ୍ଷୟ କୁମାର ପଟ୍ଟନାୟକ ଏବଂ ବୁଗୁଡା ପ୍ରେସ କ୍ଲବ ପକ୍ଷରୁ ସଭାପତି ଅନିଲ କୁମାର ମହାରଣା ଓ ସମ୍ପାଦକ ଅଶୋକ କୁମାର ନନ୍ଦ ମିଳିତ ଭାବେ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି । ଦିବଂଗତ ଇଞ୍ଜିନିଅର ଦୟାନିଧି ସାହୁ, ପ୍ରଫେସର ପ୍ରହ୍ଲାଦ ପଣ୍ଡା ଓ ତାଙ୍କ ସହଯୋଗୀମାନେ ଏହି ଦକ୍ଷିଣ ଓଡିଶା ବିକାଶ ପରିଷଦ ଗଠନ ପାଇଁ ଆଜୀବନ ଆନ୍ଦୋଳନ କରି ବହୁସଭା ସମିତି କରିଥିଲେ। ସେହି ଆନ୍ଦୋଳନ ଆଜି ସାକାର ହୋଇଛି ବୋଲି ମତ ପ୍ରକାଶ ପାଇଛି। ଏଥିରୁ ପ୍ରମାଣିତ ହୋଇଛି କୌଣସି ଆନ୍ଦୋଳନ ବିଫଳ ଯାଏନା। ଦକ୍ଷିଣ ଓଡିଶା ବିକାଶ ଯୋଜନା ଭିତରେ ଘୁମୁସର ବିକାଶ ଅଙ୍ଗାଙ୍ଗୀ ଭାବେ ଜଡିତ। ଆଗାମୀ ଦକ୍ଷିଣ ଓଡିଶା ବିକାଶ ପରିଷଦର ପ୍ରତ୍ୟେକ କାର୍ଯ୍ୟକ୍ରମରେ ଏହି ପଞ୍ଜିକୃତ ସଂଗଠନକୁ ରାଜ୍ୟ ସରକାର ସାମିଲ କରିବେ ବୋଲି ଏହାର କର୍ମକର୍ତ୍ତାମାନେ ଆଶା ରଖିଥିବା ପ୍ରକାଶ କରଛନ୍ତି।

## 'ଘୁମୁସର ର ସ୍ୱର' ପକ୍ଷରୁ ୧୪୪ତମ ପୂର୍ଣ୍ଣିମା ସାହିତ୍ୟ ଆଲୋଚନା ଚକ୍ର



ବୁଗୁଡା, ୧୮/୧୨ (ନି.ପ୍ର) : ଗଞ୍ଜାମ ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଗବେଷଣା ଅନୁଷ୍ଠାନ 'ଘୁମୁସର ର ସ୍ୱର' ପକ୍ଷରୁ ବୁଗୁଡା ବ୍ଲକ ଅନ୍ତର୍ଗତ ବାଲିପଦରର ଶ୍ରୀବିଷ୍ଣୁ ମନ୍ଦିର ପ୍ରାଙ୍ଗଣରେ ପବିତ୍ର ପଣ୍ଡୁ ପୂର୍ଣ୍ଣିମା ଅବସରରେ ସାହିତ୍ୟ ଆଲୋଚନା ଚକ୍ର ଡିସେମ୍ବର ୧୬ ତାରିଖ ଦିନ ଅନୁଷ୍ଠିତ ହୋଇଯାଇଛି । ପ୍ରତିଷ୍ଠାନର ସଭାପତି ତଥା ବାଲିପଦର ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରାକ୍ତନ ପ୍ରିନ୍ସିପାଲ ଡକ୍ଟର ବି.ପ୍ରକାଶ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ବରିଷ୍ଠ ସାହିତ୍ୟିକ ତଥା କବି ଅନନ୍ତ କର, ସ୍ତମ୍ଭକାର ତଥା ସାହିତ୍ୟିକ ରାମେଶ୍ୱର ପଟ୍ଟନାୟକ, କୈଳାଶ ଚନ୍ଦ୍ର ପ୍ରଧାନ, ବସନ୍ତ କୁମାର ସାହୁ, ରାଜ ଗୋପାଳ ନାୟକ ପ୍ରମୁଖ ଯୋଗଦେଇ ପ୍ରାଚୀନ କବି ବଳରାମ ଦାସଙ୍କ ଲକ୍ଷ୍ମୀ ପୁରାଣ ସମାଜର ବ୍ୟକ୍ତି ବିଶେଷଙ୍କ ଉପରେ କିଭଳି ପ୍ରଭାବ ପକାଇଛି ଓ ତାଦ୍ୱାରା ଦଳିତ ପରିବାର ଓ ନାରୀ ସମାଜ ସଶକ୍ତୀକରଣ ହୋଇ ଉତ୍ତର ପିଢ଼ିଙ୍କୁ କଣ ଦିଶା ଦେଖାଇଛି ତାର ପ୍ରାସଙ୍ଗିକତା ସମ୍ପର୍କରେ ଅତିଥି ମାନେ ବକ୍ତବ୍ୟ ପ୍ରଦାନ କରି ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଣିକସଂଘ ସଭାପତି ଇଂ.ଲକ୍ଷ୍ମୀ ପ୍ରସାଦ ନାୟକ, ସମାଜସେବୀ ଖଲିପରିଡା, ଇ.ନିଳାଚଳ ପାତ୍ର, କବି ପଦ୍ମଲୋଚନ ଗୌଡ, କେ.ରାଘବ ପାତ୍ର, ରାଜେନ୍ଦ୍ର ମହାରଣା, ସୁଶାନ୍ତ କୁମାର ବିଷୋୟୀ, ପ୍ରଦିପ୍ତ ସାମନ୍ତରା, ନୀରଞ୍ଜନ ପାତ୍ର, ରମାକାନ୍ତ ରାଉତ, ଦିନବନ୍ଧୁ ମହାରଣା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ବାଲିପଦର ନାମସଙ୍କୀର୍ତ୍ତନ ଦଳ କୀର୍ତ୍ତନ ପରିବେଷଣ କରିଥିବା ବେଳେ ବିଷ୍ଣୁ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଗୋପାଳ କୃଷ୍ଣ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳାଙ୍କ ଆତ୍ମହତ୍ୟା ମାମଲା ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର ୧୮/୧୨ (ନି.ପ୍ର) : ସିଜେଏମ ପ୍ରଦୀପ କୁମାର ପ୍ରଧାନ ସୋମବାରଜନୈକା ମହିଳାଙ୍କ ଆତ୍ମହତ୍ୟା ମାମଲାର ଶୁଣାଣି କରିଛନ୍ତି । ଉପଯୁକ୍ତ ପ୍ରମାଣ ମିଳିନଥିବାରୁ ଜଜ ମୃତ ମହିଳାଙ୍କ ସ୍ୱାମୀଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି । ସେ ହେଲେ ହିଂଜିପଲିକାଟୁ କଣ୍ଟେଇକୋଲି ଗ୍ରାମର ସଂଗ୍ରାମ କେଶରୀ ସାହୁ (୩୮) । ମାମଲାର ବିବରଣୀ ରୁ ପ୍ରକାଶ ଯେ, ୨୦୧୫ ଏପ୍ରିଲ ୨୨ ତାରିଖରେ ହିଂଜିଲିକାଟୁ ଭଞ୍ଜମାର୍ଗର ତପନ କୁମାର ସାହୁଙ୍କ ଝିଅ ଶିବାନୀ କୁମାରୀ ସାହୁଙ୍କୁ ସଂଗ୍ରାମ ସାହୁ ବିବାହ କରିଥିଲେ । ସେ ଜଣେ କେନ୍ଦ୍ରସରକାରଙ୍କ ରେଳ ବିଭାଗର କର୍ମଚାରୀ ଥିଲେ । ବିବାହ ବେଳେ ଯୌତୁକ ବାବଦକୁ ବରପକ୍ଷକୁ ଏକ ଲକ୍ଷ ଟଙ୍କା , ଦୁଇ ଭାରି ସୁନା ଚେନ ଓ ମୁଦି କନ୍ୟା ପିତା ଦେଇଥିଲେ । ସେହିପରି ଝିଅକୁ ୧୦ଭାରିର ସୁନା ଗହଣା ମଧ ଦିଆଯାଇଥିଲା । ବିବାହର ବର୍ଷକ ପରେ ଅଧିକ ଯୌତୁକ ଦାବି କରି ତାଙ୍କ ସ୍ୱାମୀ ସଂଗ୍ରାମ ମାନସିକ ଓ ଶାରୀରିକ ନିର୍ଯାତନା ତାଙ୍କୁ ଦେଇ ଆସୁଥିଲେ । ୨୦୨୦ ମସିହାରେ ଉଭୟ ସ୍ୱାମୀ- ସ୍ତ୍ରୀ କନିଷିରେ ଏକ ଘର ଭଡା କରି ସେଠାରେ ରହୁଥିଲେ । ୨୦୨୨ ଅଗଷ୍ଟ ୧୦ ତାରିଖ ଅପରାହ୍ନରେ ଶିବାନୀ ଆତ୍ମହତ୍ୟା କରିଥିବା ଖବର ସଂଗ୍ରାମ ତାଙ୍କ ଶଶୁର ଙ୍କୁ ଫୋନରେ ଜଣାଇଥିଲେ । ପରିବାର ଲୋକ ସେଠାରେ ପହଞ୍ଚି ଦେଖିବା ବେଳେ ଶିବାନୀ ଘର ଭିତରେ ମରିପଡିଥିଲେ । ଝିଅକୁ ହତ୍ୟା କରି ଆତ୍ମହତ୍ୟାର ରୂପ ଡେଇଥିବା ନେଇ ତପନ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ । ପୋଲିସ ମାମଲା ନଂ୩୨୮/୨୨ ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ସଂଗ୍ରାମ କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ତତ୍କାଳୀନ ଥାନା ଏସଏଇ ତଥା ତଦନ୍ତକାରୀ ଅଧିକାରୀ ଜ୍ଞାନ ରଞ୍ଜନ ସାହୁ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ । ଅଭିଯୁକ୍ତଙ୍କୁ ଜାମିନ ମିଳିଥିଲା । ମାମଲାର ବିଚାରଣା ବେଳେ ୧୫ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ସାକ୍ଷୀ ମାନଙ୍କ ବୟାନ କୁ ଆଧାର କରି ପ୍ରମାଣ ଅଭାବରୁ ସିଜେଏମ ଉକ୍ତ ରାୟ ପ୍ରକାଶ କରିଛନ୍ତି । ମୁଦୁଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଏସ. ରାମକୁମାର ଓ ଅଶୋକ କୁମାର ଶୁକ୍ଳ ମକଦ୍ଦମା ପରିଚାଳନା କରୁଥିଲେ ।

## କଳାକାରମାନଙ୍କ ପକ୍ଷରୁ ବନ୍ଧୁ ମିଳନ ଓ ପ୍ରତିଭାବାନ ବ୍ୟକ୍ତି ବିଶେଷଙ୍କୁ ସମ୍ମାନୀତ



ପୋଲସରା ୧୮/୧୨ (ନି.ପ୍ର) :ପୋଲସରା ବ୍ଲକ ଅନ୍ତର୍ଗତ ମଥୁରା ପଞ୍ଚାୟତର ସୁନାଦେଇ ମାଁଙ୍କ ମନ୍ଦିର ପରିସରରେ ଆଜି ପୋଲସରା କଳାକାର ବୃନ୍ଦଙ୍କ ଦ୍ୱାରା ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମ ସୁଶ୍ରୀ ଇଣ୍ଟରଟେନମେଣ୍ଟ ୟୁଟ୍ୟୁବ ଚ୍ୟାନେଲର ପ୍ରତିଷ୍ଠାତା ଶ୍ରୀକାନ୍ତ କୁମାର ଡାକୁଆଙ୍କ ସହଯୋଗରେ ଆୟୋଜନ ହୋଇଥିବା ବେଳେ ମୁଁ ଜଣେ କଳାକାର ୟୁଟ୍ୟୁବ ଚ୍ୟାନେଲର ପ୍ରତିଷ୍ଠାତା ଜିତେନ୍ଦ୍ର କୁମାର ସାହୁ ପରିଚାଳନା କରିଥିଲେ । ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଲବମ ଅଭିନେତା ଶ୍ରୀକାନ୍ତ କୁମାର ଡାକୁଆ ଯୋଗଦାନ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହାସହିତ ସମ୍ମାନୀତ ଅତିଥି ଭାବେ ଶିଶୁ କଳାକାର ଖୁସି ପ୍ରଧାନ, ଜିତେନ୍ଦ୍ର କୁମାର ସାହୁ, ସଦାଶିବ ନାୟକ, ସୀତାକାନ୍ତ ମିଶ୍ର, ରଶ୍ମି ଶତପଥୀ, ଜିତେନ୍ଦ୍ର କୁମାର ମିଶ୍ର, ଆଇନଜୀବୀ ବ୍ରଜେନ୍ଦ୍ର ସାହୁ, ଜୟନ୍ତ ପ୍ରଧାନ, ସତ୍ୟବାନ ପ୍ରଧାନ, ସୁଶାନ୍ତ ସ୍ୱାଇଁ, ଶାନ୍ତନୁ ସ୍ୱାଇଁ ସମେତ ଅନ୍ୟାନ୍ୟ କଳାକାର ମାନେ ଯୋଗଦେଇ ଥିଲେ । ଏହି ସଙ୍ଗଠନ ଆଗକୁ ଆହୁରି କିଭଳି ଭାବେ ମଜଭୁତ ହୋଇ ପାରିବ, କଳାକାରମାନେ ଜିଲ୍ଲା ଓ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜ ଅଞ୍ଚଳ ପାଇଁ ଗୌରବ ଆଣି ପାରିବେ ଓ କଳାକାରମାନଙ୍କ ଉନ୍ନତି ବିଷୟ ନେଇ ଆଲୋଚନା ହେବା ସହିତ ଆଗାମୀ ଦିନରେ ଏକ କଳାକାର ଅନୁଷ୍ଠାନ ପ୍ରତିଷ୍ଠା କରି ସରକାରଙ୍କ ଅଧୀନରେ ପଞ୍ଜୀକୃତ କରିବାପାଇଁ ନିଷ୍ପତ୍ତି ନିଆଯାଇଥିଲା । ବନ୍ଧୁମିଳନ କାର୍ଯ୍ୟକ୍ରମ ସହିତ ଅଞ୍ଚଳର ଶିଶୁ କଳାକାର, ପ୍ରତିଭାବାନ ବ୍ୟକ୍ତି ବିଶେଷ ଓ ସାମ୍ବାଦିକ ବନ୍ଧୁମାନଙ୍କୁ ମୁଁ ଜଣେ କଳାକାର ୟୁଟ୍ୟୁବ ଚ୍ୟାନେଲ ତରଫରୁ ସମ୍ମାନିତ କରା ଯାଇଥିଲା । ଏହି ପରିପ୍ରେକ୍ଷୀରେ ମାଁ ସୁନାଦେଇ ଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଓ ଏହାର ଉନ୍ନତି କରଣ କରିବା ପାଇଁ ସୁଶ୍ରୀ ଇଣ୍ଟରଟେନମେଣ୍ଟ ୟୁଟ୍ୟୁବ ଚ୍ୟାନେଲର ପ୍ରତିଷ୍ଠାତା ଶ୍ରୀ ଡାକୁଆ ଆଲୋଚନା କରିଥିଲେ । ପରିଶେଷରେ ଆଇନଜୀବୀ ବ୍ରଜେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଧାନ ମଣ୍ଡି ର ଶୁଭାରମ୍ଭ



ଝରୀଗାଁ ୧୮/୧୨ (ନି.ପ୍ର) : ଝରୀଗାଁ ଆରଏମସି ଠାରେ ଚଳିତ ବର୍ଷ ର ଖରିଫ ଧାନ ମଣ୍ଡିର ଶୁଭ ଉଦଘାଟନ କରାଯାଇଥିଲା । ଏହି ଉଦଘାଟନ ଉତ୍ସବରେ ଝରୀଗାଁ ବିଧାୟକ ନରସିଂହ ଭତରା, ଝରୀଗାଁ ସାଂସଦ ପ୍ରତିନିଧି ଚନ୍ଦ୍ର ଭାନୁ ନାୟକ,ବ୍ଲକ ଅଧକ୍ଷ ଦୁର୍ଗା ପ୍ରସାଦ ମାଝୀ,ଚାଷୀ ପଦନାଭ ପାଣ୍ଡେ,ପ୍ରଫୁଲ ପ୍ରଧାନୀ, ଲେମ୍ପ ସୋଭାପତି ଲୋଚମା ଗଣ୍ଡ, ଜିଲ୍ଲା ପରିଷଦ ଯମୁନା ଗଣ୍ଡ,ପ୍ରେମା ନନ୍ଦ ପାଣ୍ଡେ,ସୂର୍ଯ୍ୟ ନାରାୟଣ ପଟନାୟକ,ଟିକ ଚନ୍ଦ ମାଝୀ,ଜଙ୍ଗମ ସରକାର ପ୍ରଶାନ୍ତ ରାୟ, ଓ ଲାମ୍ପସ ଅଧିକାରୀ ଅସିତ ରାୟ ଙ୍କ ସହ ଶତାଧିକ ଚାଷୀ ଉପସ୍ଥିତ ରହି ପୂଜାର୍ଚ୍ଚନା କରି ମଣ୍ଡି ଉଦଘାଟିତ କରାଯାଇଛି । ଉଦଘାଟନ ସମୟର ଚାଷୀଙ୍କ ଉତ୍ପାଦିତ ଧାନ କୁ ବଜାର କମିଟି ଓ ଲାମ୍ପସ ଅଧିକାରୀ ମନ ମୁତାବକ ବିଗତ ବର୍ଷ କଟଣୀ ଛଟଣି କରିଥିଲେ କିନ୍ତୁ ସରକାର ଏହବର୍ଷ ଟୁ କରନି ଚଟଣି ,ମିଲର ଙ୍କ ମାନନାନୀ କଲେ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି ।ତେବେ କିଛି ସମୟ ଚାଷୀ ଏଫ ଏ କ୍ୟୁ ମାନ ର ନିର୍ଦ୍ଧାରଣ ପାଇଁ ଚାଷୀ ମାନେ ହୋହଲା ହୋଇଥିଲା । ଉଦଘାଟିତ ମଣ୍ଡି ରେ ଯୋଗାଣ ଅଧିକାରୀ ଅନୁପସ୍ଥିତ ଯୋଗୁଁ ଚାଷୀ ନାପସନ୍ଦ କରିବା ସହ ତାଙ୍କ ଉପସ୍ଥିତି ରେ ଧାନ କିଣିବା କଥା କହିଛନ୍ତି ।

## ବି.ମାଲିଗୁଡା ଗ୍ରାମରେ ଜବରଦଖଲ ଉଚ୍ଛେଦ କଲା ପ୍ରଶାସନ

ନନ୍ଦାହାଣ୍ଡି ୧୮/୧୨ (ନି.ପ୍ର) : ନବରଂଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ବି.ମାଲିଗୁ ଗାଁର ଡ୍ରେନେ ଉପରେ ଥିବା ଜବରଦଖଲଦୁକାନ ବଜାର କୁ ଭାଙ୍ଗିଲା ପ୍ରଶାସନ । ବି.ମାଲିଗୁଡା ରାସ୍ତାର ଉଭୟ ପାର୍ଶ୍ୱରେ ଥିଲା ଜବରଦଖଲ ବିଷୟରେ ଗ୍ରାମବାସୀଙ୍କ ଅଭିଯୋଗକୁ ଭିତ୍ତିକରି ପ୍ରଶାସନ ଜବରଦଖଲ କାରୀଙ୍କୁ ନୋଟିସ ମଧ କରିଥିଲେ କିନ୍ତୁ କିଛି ସୁଫଳ ହୋଇ ନଥିଲା ।ପରେ ତହସିଲଦାର ଓ ପୋଲିସ ପ୍ରଶାସନ ଉପସ୍ଥିତ ରହି ଜବରଦଖଲ ହୋଇଥିବା ସ୍ଥାନକୁ ଉଚ୍ଛେଦ କରାଯାଇଛି । ଏହି ସମୟରେ ନବରଙ୍ଗପୁର ଜିଲ୍ଲା ଡଙ୍ଗରଭେଜା ତହସିଲଦାର ପୁରୁଷତମ ବେନ୍ୟା ଅମିନ,ସୁପଭାଇଜର,ଆରଆଇ ଏଆରଆଇ ଏବଂ ପୋଲିସ ପ୍ରଶାସନ ଉପସ୍ଥିତ ରହି ଜବରଦଖଲ ଉଚ୍ଛେଦ କରିଛନ୍ତି । ଏହି ଉଚ୍ଛେଦ ପରେ ଡ୍ରେନେଜର ସୁବିଧା ହେବା ସହ ମ୍ୟାଲେରୀୟ ଓ ଝାଡ଼ାବାନ୍ତିରୁ ଲୋକେ ରକ୍ଷା ପାଇବେ ଏବଂ ପକା ରାସ୍ତାନିର୍ମଣ ରେ ସୁବିଧା ହେବ ବଲି ଗ୍ରାମବାସୀ ମତବ୍ୟକ୍ତ କରିଛନ୍ତି ଏବଂ ପ୍ରଶାସନକୁ ଗ୍ରାମବାସୀ ଧନ୍ୟବାଦ ଜଣାଇଛନ୍ତି ।

## ହତ୍ୟା ଉଦ୍ୟମ ମାମଲା, ଅଭିଯୁକ୍ତଙ୍କୁ ୫ବର୍ଷ ଜେଲ

ବ୍ରହ୍ମପୁର ୧୮/୧୨ (ନି.ପ୍ର) : ଏଡିଜେ-୧ ଡ. ଇନ୍ଦୁ ଶର୍ମା ସୋମବାର ଏକ ହତ୍ୟା ଉଦ୍ୟମ ମାମଲାର ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି । ଉପଯୁକ୍ତ ପ୍ରମାଣ ମିଳିଥିବାରୁ ସେ ଜଣେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ସେ ହେଲେ ମୀରା ଖାନ((୪୩) । ଜଜ ଅଭିଯୁକ୍ତଙ୍କୁ ୫ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି । ସେହିପରି ୧୧ ହଜାର ଟଙ୍କା ଜରିମାନା ଦେବକୁ ନିର୍ଦ୍ଦେଶ ଦେଇଛନ୍ତି । ଜରିମାନା ଅନାଦେୟ ଅତିରିକ୍ତ ୬ମାସ ଜେଲ ଦଣ୍ଡ ପାଇଁ ସେ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି । ମାମଲାର ବିବରଣୀ ରୁ ପ୍ରକାଶ ଯେ, ବ୍ରହ୍ମପୁର ରେଳଷ୍ଟେସନରେ ଏକ ଚା 'ଦୋକନ ପକାଇବା ପାଇଁ ଦୁଇ ଗୋଷ୍ଠି ଯୁବକଙ୍କ ମଧରେ ଝଗଡା ଲାଗିରହିଥିଲା । ୨୦୦୩ ମଇ ୫ ତାରିଖରେ କାଳିଆ ବେହେରା ଷ୍ଟେସନରେ ବିଶ୍ରାମ ନେଇଥିଲେ । ସେହି ସମୟରେ ମିରା ଖାନ ଓ ତାଙ୍କର ତିନି ସହଯୋଗୀ ସେଠାରେ ପହଞ୍ଚି କାଳିଆଙ୍କୁ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରି ଚମ୍ପଟ ମାରିଥିଲେ । ପରେ ବାବୁ ବେହେରା ଏନେଇ ରେଳବାଇ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏସଂକ୍ରାନ୍ତରେ ୨୮/୦୩ ରେ ଏକ ମାମଲା ରୁଜୁ କରି ନେହୁରୁ ନଗର ୭ମ ଲାଇନ ରେ ରହୁଥିବା ମିରା ଖାନ, ସାଲୁ ଖାନ, ସ୍ୱାଧୀନ କୁମାର ବିଷୋୟୀ ଓ ମୋହନ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ପରେ ସେମାନଙ୍କୁ ଜାମିନ ମିଳିଥିଲା । ବିଚାରଣା ଚାଲିଥିବା ବେଳେ ସାଲୁ ଖାନଙ୍କ ମୃତ୍ୟୁ ଘଟିଥିଲା । ସେହିପରି ସ୍ୱାଧୀନ ଓ ମୋହନ କୋର୍ଟରେ ହାଜର ହୋଇନଥିଲେ । ଯାହାଫଳରେ କୋର୍ଟ ଉଭୟଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିଥିଲା । ମାମଲାର ବିଚାରଣା ବେଳେ ୧୦ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ସୋମବାର ରାୟ ପ୍ରକାଶ ବେଳେ ମିରା ଖାନ କୋର୍ଟରେ ହାଜର ହୋଇଥିଲେ । ଜଜ ସାକ୍ଷୀ ପ୍ରମାଣ କୁ ଭିତ୍ତି କରି ଉକ୍ତ ରାୟ ପ୍ରକାଶ କରିଛନ୍ତି । ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ସୌଭାଗ୍ୟ କୁମାର ମିଶ୍ର ମକଦ୍ଦମା ପରିଚାଳନା କରୁଥିଲେ ।

## ରାଇରଙ୍ଗପୁର ସଂକୁଳସ୍ତରୀୟ କ୍ରୀଡ଼ାରେ ଜାମଦା ସରସ୍ୱତୀ ଶିଶୁ ମନ୍ଦିରର କୃତିତ୍ୱ

ମୟୂରଭଞ୍ଜ ୧୮/୧୨ (ନି.ପ୍ର) :ଶିକ୍ଷା ବିକାଶ ସମିତି ଓଡ଼ିଶା ଦ୍ୱାରା ଆୟୋଜିତ ରାଇରଙ୍ଗପୁର ସଂକୁଳସ୍ତରୀୟ କ୍ରୀଡ଼ାରେ ଜାମଦା ସରସ୍ୱତୀ ଶିଶୁ ମନ୍ଦିର ର ଛାତ୍ରଛାତ୍ରୀ କୃତିତ୍ୱ ଅର୍ଜନ କରି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି ।'ରାଇରଙ୍ଗପୁର ସଂକୁଳସ୍ତରୀୟ କ୍ରୀଡ଼ା'ଗୋରୁମହିଷାଣୀ ଆଇରନ୍ କଲେଜ ପଡ଼ିଆରେ ଅନୁଷ୍ଠିତ କ୍ରୀଡାରେ ଜାମଦା ସରସ୍ୱତୀ ଶିଶୁ ମନ୍ଦିରର ବିଦ୍ୟାର୍ଥୀ ବାଲ ବର୍ଗର ୧୦୦ମି ଦୌଡରେ ଟାମୁରୁ ସୋରେନ ପ୍ରଥମ,ଉଚ୍ଚ ଡିଆଁରେ ପ୍ରଥମ,ଗୋଲା ଫିଙ୍ଗାରେ ୨ୟ ,ଜମୁନା ହେମ୍ବ୍ରମ ୨୦୦ମି ଦୌଡ଼ରେ ୧ମ ସ୍ଥାନ ଅଧିକାର କରିଛନ୍ତି ।କେଶର ବର୍ଗରେ ଆକାଶ କୁମାର ହେମ୍ବ୍ରମ ଉଚ୍ଚ ଡିଆଁରେ ପ୍ରଥମ,ଲମ୍ବଡିଆଁରେ ଦ୍ୱିତୀୟ,୪୦୦ମି ଦୌଡରେ ୩ୟ,ରବିଶଙ୍କର ମାହାଲି ଗୋଲା ଫିଙ୍ଗାରେ ୨ୟ,ଥାଳିଆଫିଙ୍ଗାରେ ପ୍ରଥମ,୧୦୦ମି ଦୌଡ଼ରେ ୩ୟ,ଚମ୍ପାବତୀ ନାୟକ ଗୋଲାଫିଙ୍ଗାରେ ୨ୟ,ରଶ୍ମିତା ମଣ୍ଡଳ ୨୦୦ମି ଦୌଡ଼ରେ ୨ୟ ସ୍ଥାନ ଅଧିକାର କରି ମେଡ଼େଲ୍ ଓ ଟ୍ରଫି ହାସଲ କରିଛନ୍ତି ।ଏହି ସଫଳତା ଶିକ୍ଷାନୁଷ୍ଠାନକୁ ଗୌରବାନ୍ୱିତ କରିଥିବାରୁ ଗୁରୁଜୀ,ଗୁରୁମା ଓ ଶିକ୍ଷାନୁଷ୍ଠାନର କମିଟୀ ମେମ୍ବର ଓ ଅଭିଭାବକମାନେ କ୍ରୀଡ଼ାବିତ୍ ମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଛନ୍ତି ।

## ପାଟଣା ଅବକାରୀ ଥାନା ଅଞ୍ଚଳରେ ମହୁଲି ମଦ କୁଟୀର ଶିଳ୍ପ ରେ ପରିଣତ ହେଲାଣି

ପାଟଣା ୧୮/୧୨ (ନି.ପ୍ର) : ପାଟଣା ଅବକାରୀ ଥାନା ର ନିଷ୍କ୍ରିୟତା କୁ ନେଇ ଅଞ୍ଚଳ ରେ ଚର୍ଚ୍ଚା ବଢ଼ିଲାଣି । ଏହି ଅବକାରୀ ଥାନା ଅଞ୍ଚଳ ରେ ବହୁ ଗ୍ରାମରେ ଏବେ ଦେଶି ମହୁଲି ମଦ ବିକ୍ରି ହେଉଥିବା ଦେଖିବା କୁ ମିଳିଛି । ଏହି ଥାନା ଅଞ୍ଚଳ ରେ ଏବେ ମହୁଲି ମଦ ତିଆରି ଏକ ପ୍ରକାର କୁଟୀର ଶିଳ୍ପ ରେ ପରିଣତ ହୋଇଯାଇଛିକ୍ଷ ଉଭୟ ଅବକାରୀ ବିଭାଗ ଏବଂ ସ୍ଥାନୀୟ ପୁଲିସ ର ନିଷ୍କ୍ରିୟତା ଯୋଗୁ ପାଟଣା ଓ ସାହାରପଡା ବ୍ଲକ ର ବିଭିନ୍ନ ଗ୍ରାମରେ ଥିବା ନଦୀ କୁଳ ରେ ଏବଂ ଜଙ୍ଗଲ ରେ ମହୁଲକୁ ପଚାଇ ମହୁଲି ମଦ ପ୍ରସ୍ତୁତ କରାଯାଇ ବିଭିନ୍ନ ଗ୍ରାମ କୁ ବାଇକ ଯୋଗେ ଚୋରା ଚାଲାଣ କରଯାଉଛି । ସବୁ ଜାଣି ଅବକାରୀ ଓ ପୁଲିସ ବିଭାଗ ନିଦାବିଷ୍ଟୁ ସାଜିଥିବା ରୁ ଏବେ ଏ ଅଞ୍ଚଳ ର ବିଭିନ୍ନ ଗ୍ରାମରେ ଚୋରା ମଦ କାରାବର ବୃଦ୍ଧି ପାଉଛି । ଦେଶୀ ହେଉ କି ବିଦେଶୀ ଖୁଲମ ଖୁଲା ଭାବରେ ବିନା ଭୟ ରେ ମଦ ବିକ୍ରି କରୁଛନ୍ତି ବ୍ୟବସାୟୀ। ସାହାରପଡା ବ୍ଲକ ର ଚୁନୁ ସାହି,ରାଧାପୁର, କଣ୍ଡେଇପଡା ,ପାଟଣା ବ୍ଲକ ର ହୀରାପଶି ଆଦି ଗ୍ରାମରେ ମହୁଲି ମଦ ତିଆରି କରିବା କୁଟୀର ଶିଳ୍ପ ରେ ପରିଣତ ହୋଇଛି ।ଉକ୍ତ ଗ୍ରାମ ଗୁଡିକ ରେ ମହୁଲି ମଦ ପ୍ରସ୍ତୁତ କରାଯାଇ ଅଞ୍ଚଳର ବିଭିନ୍ନ ଗ୍ରାମକୁ ପଠା ଯାଉଛିକ୍ଷ ମହୁଲି ମଦ କାରବାର ବଢିଥିବା ରୁ ଆଖ ପାଖ ଅଞ୍ଚଳର ଲୋକେ ରାସ୍ତା ରେ ଯିବା ଆସିବା କରିପାରୁ ନଥିବା ବେଳେ ମହିଳା ମାନେ ନିଜ କୁ ସୁରକ୍ଷିତ ମଣୁ ନାହାଁନ୍ତି । ପାନ ଦୋକାନ ଠୁ ଆରମ୍ଭ କରି ଚା ଦୋକାନ ରେ ଦେଶୀ ମହୁଲି ମଦ ଓ ବିଦେଶୀ ମଦ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି । ଅତି ପାଖରେ ମଦ ବିକ୍ରୀ ହେଉଥିବା ରୁ ଯୁବ ପିଢ଼ି ମଦ ପିଇ ପଥ ଭ୍ରଷ୍ଟ ହେବା ସହ ଯୁବାବସ୍ଥା ରେ ନାନାଦି ରୋଗ ରେ ପଡି ଅକାଳ ରେ ମୃତ୍ୟୁ ବରଣ କରିଛନ୍ତି ।ଦୀର୍ଘଦିନରୁ ଏ ଅଞ୍ଚଳରେ ବେଆଇନ ମଦ କାରବାର ଚାଲିଥିଲେ ମଧ ଅବକାରୀ ବିଭାଗ ଓ ପୋଲିସ କୌଣସି



ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ହେଉ ନଥିବା ଅଭିଯୋଗ ହେବା ସହ ମଦ ମାଫିଆ ଓ ବିଭାଗୀୟ ଅଧିକାରୀ ଙ୍କ ଭିତିରିଆ ବୁଝାମଣା ରେ ମଦ ପ୍ରସ୍ତୁତ ଚାଲିଥିବା ସ୍ଥାନୀୟ ଅଞ୍ଚଳରେ ରେ ଚର୍ଚ୍ଚା ହେଉଛି । ସବୁଠାରୁ ବଡ଼ କଥା ଅବକାରୀ ବିଭାଗ ଚଢ଼ାଉ କରିବା ପୂର୍ବରୁ ମାଫିଆ ମାନେ ସ୍ଥାନ ଛାଡି ପଳାଉଥିବା ବେଳେ ଅବକାରୀ ବିଭାଗ କର୍ମଚାରୀ କେବଳ ସରଞ୍ଜାମ ଜବତ କରି ମଦ ପାଇଁ ପ୍ରସ୍ତୁତ ହୋଇଥିବା ପୋଚ କୁ ନଷ୍ଟ କରି ଫେରୁଛି । ମଦ ପ୍ରସ୍ତୁତ ରେ ଥିବା ବ୍ୟବସାୟୀ ଙ୍କୁ ଗିରଫ ନ କରି ବିକ୍ରି କରୁଥିବା ନିରୀହ ଆଦିବାସୀ ଙ୍କୁ ଗିରଫ କରି ବାହା ବାହା ନେଉଛନ୍ତି ଅବକାରୀ କର୍ମଚାରୀ ।ତେବେ ଉଠୁଛି ଚଢ଼ାଉ ପୂର୍ବରୁ ବ୍ୟବସାୟୀ ମାନେ କିପରି ଜାଣି ପାରୁଛନ୍ତି ଆଉ ଫେରାର ହେବାରେ ସକ୍ଷମ ହେଉଛନ୍ତି ତାହା ଅବକାରୀ ବିଭାଗ ର ଅଧିକାରୀ ଙ୍କ ସ୍ୱଚ୍ଛତା ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରୁଛି । କେବଳ ମହୁଲି ମଦ ନୁହଁ ପାଟଣା , ସାହାରପଡା ବ୍ଲକ ମୁଖ୍ୟାଳୟ ସହ ୪୯ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ତୁରୁମୁଙ୍ଗା ବଜାର ରେ ମଧ ବିକ୍ରି ହେଉଛି ଧଳା ଜହର । ମାଫିଆ ମାନେ ପଡୋଶୀ ଜିଲ୍ଲା ମୟୁରଭଞ୍ଜ ର କରଞ୍ଜିଆ ଅଞ୍ଚଳ ରୁ ଧଳା ଜହର ସାହାରପଡା ଦେଇ ଆଣି , ପାଟଣା ଓ ତୁରୁମୁଙ୍ଗା ଅଞ୍ଚଳ କୁ ପଠାଉଛନ୍ତି ଜାତୀୟ ରାଜପଥ କଡ଼ରେ ଥିବା ପାନ କେବିନ ସହ ପାଟଣା ବଜାର ରେ ମଧ ବିକ୍ରି ହେଉଛି । ଧଳା ଜହର ଯାହାକୁ ଖାଇ ଯୁବପିଢ଼ି ପଥଭ୍ରଷ୍ଟ ହେବା ସହ ହିତାହିତ ଜ୍ଞାନ ଭୂଲି ଅପରାଧିକ କାର୍ଯ୍ୟ ରେ ଲିପ୍ତ ରହୁଛନ୍ତିକ୍ଷ ଏ ଅଞ୍ଚଳ ରେ ବେଆଇନ ଦେଶୀ ମହୁଲି ମଦ କାରବାର ବୁଦ୍ଧିଜୀବୀ ମହଲରେ ଚିନ୍ତାର କାରଣ ହୋଇଥିବା ବେଳେ ପ୍ରଶାସନ ର ଅବହେଳା ଯୋଗୁ ଚିକିଟି ମଦ ମୃତ୍ୟୁ ର ପୁନରାବୃତ୍ତି ନେହେଉ ବୋଲି ବୁଦ୍ଧିଜୀବୀ ମହଲରେମତ ପ୍ରକାଶ ପାଇଛି ।ଏଥି ପ୍ରତି କେନ୍ଦୁଝର ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଅଞ୍ଚଳ ରେ ନିଶାକାରବାର ଉପରେ ଅଙ୍କୁଶ ଲଗାଇବା କୁ ବୁଦ୍ଧିଜୀବି ମହଲ ରେ ଦାବି ହୋଇଛି ।

## ଗାଡି ଚାଳକଙ୍କୁ ସକାଳୁଆ ଚା ପିଆଇ ସଡକ ସୁରକ୍ଷା ବାର୍ତ୍ତା ଦେଉଛି ପରିବହନ ବିଭାଗ

ପାଟଣା ୧୮/୧୨ (ନି.ପ୍ର) : ସମଗ୍ର କେନ୍ଦୁଝର ଜିଲ୍ଲାରେ ହାଡଭଙ୍ଗା ଶୀତ ଅବ୍ୟାହତ ଥିବା ବେଳେ ଦିନ ରାତି ଜିଲ୍ଲାର ୪୯ ନଂ ଜାତୀୟ ରାଜପଥ ଓ ୨୦ ନଂ ଜାତୀୟ ରାଜପଥରେ ବହୁ ଭାରିଯାନ ଚଳାଚଳ କରୁଛି । ରାତିରେ ଅନିଦ୍ରା ହୋଇ ମଧ ଗନ୍ତବ୍ୟ ସ୍ଥଳରେ ଶୀଘ୍ର ପହଞ୍ଚିବା ପାଇଁ ଚାଳକ ମାନେ ଗାଡି ଚଳାଉଛନ୍ତି । ଏଭଳି ସମୟରେ ଚାଳକ ମାନଙ୍କୁ ସଡକ ସୁରକ୍ଷା, ପରିବାର ରକ୍ଷା ବାର୍ତ୍ତା ଦେଇ ଜିଲ୍ଲାର ବିଭିନ୍ନ ସ୍ଥାନରେ ଟ୍ରକ ଚାଳକ ମାନଙ୍କୁ ପରିବହନ ବିଭାଗ ପକ୍ଷରୁ ଗରମ ଗରମ ଚା ପରିବେଷଣ କରାଯାଉଛି । ପରିବହନ ବିଭାଗର ଅଧିକାରୀ ଓ କର୍ମଚାରୀ ମାନଙ୍କ ଦ୍ୱାରା ଚାଳକ ମାନଙ୍କୁ ସକାଳୁଆ ଚା ଦିଆଯାଇ ସଡକ ସୁରକ୍ଷା ବାର୍ତ୍ତା ଦିଆଯିବା ଘଟଣାକୁ ସାଧାରଣରେ ପ୍ରଶଂସା କରାଯାଉଛି ।

# ନ୍ୟାୟ ପାଇବା ପାଇଁ ପ୍ରଶାସନ ପାଖରେ ଅଭିଯୋଗ କଲେ ମିତା କାରୁଆ

ସୁକିନ୍ଦା,୧୮/୧୨ (ନି.ପ୍ର) : ସ୍ୱାମୀ ସ୍ତ୍ରୀ ର ସମ୍ପର୍କ ଜନ୍ମ ଜନ୍ମର ସ୍ୱାମୀ ପାଇଁ ସ୍ତ୍ରୀ ସଦାସର୍ବଦା ଚିନ୍ତା କରି ନାନାଦି ପୁଜା ଅର୍ଚ୍ଚନା କରୁଥିବା ବେଳେ ବହୁ କ୍ଷେତ୍ର ରେ ଦେଖିବାକୁ ମିଳେ ସ୍ୱାମୀ ସ୍ତ୍ରୀ ର ସମ୍ପର୍କ ରେ ଫାଟ ଯାହା କି ଦେଖିବାକୁ ମିଳିଛି ।ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ଲେମ୍ବୋ ପଞ୍ଚାୟତ ର ମାଟି ଗାଡ଼ିଆ ଗାଁ ର ମିତା କାରୁଆ ଜଣେ ହରିଜନ ଘରର ଝିଅ ହୋଇଥିବା ବେଳେ ସେହି ଗାଁ ର ସନ୍ତୋଷ ମହାନ୍ତ (୫୫) ଙ୍କ ପୁଅ ସୁନିଲ ମହାନ୍ତ ଗତ ୧ବର୍ଷ ପୂର୍ବରୁ ଉଭୟ ଭଲ ପାଉଥିଲେ। ଫୋନ ରେ କଥା ହେଉଥିଲେ। ଉଭୟ ପରିବାର କୁ ନଜଣାଇ ଚେନ୍ନାଇ କୁ ଚାଲିଯାଇ ସେଠାରେ ଏକ ସୂତାକଳ ରେ କାମ କରି ହସଖୁସିରେ ରହୁଥିବା ବେଳେ ସୁନିଲ ର ପିତାମାତା ବାରମ୍ବାର ଫୋନ କରି ଗାଁ କୁ ଆସିବା ପାଇଁ କହୁଥିଲେ। ଏଠାକୁ ଆସିଲେ ତୁମ ବିଭାଘର କରିଦେବୁ କହିବା ପରେ ଉଭୟ ସ୍ୱାମୀ ସ୍ତ୍ରୀ ନିଜର ଗାଁ କୁ ଗତ ମେ ମାସ ୧୫ ତାରିଖରେ ଆସିବା ପରେ ୧୭ ତାରିଖରେ ବନ୍ଧ ଗାଁ ଶିବମନ୍ଦିର ରେ ଉଭୟ ଙ୍କୁ ବିବାହ କରିବା ପରେ ସୁନିଲ ର ମା ଓ ବାପାଙ୍କର ଅସଲି ରୂପ ଦେଖେଇବା ଆରମ୍ଭ କରିଥିଲେ। ମିତା କାରୁଆ କୁ ପ୍ରାୟ ସମୟରେ ଛୋଟ ଜାତି କହି ଅନେକ ଜାତନା ଦେଉଥିବା



ବେଳେ ନିଜର ସ୍ୱାମୀ ମଧ ବାପା ମା'ଙ୍କ କଥାରେ ପରିଚାଳିତ ହେଉଥିବାରୁ ଗତ ଅକ୍ଟୋବର ମାସ ରେ ସୁକିନ୍ଦା ଥାନା ଅଭିଯୋଗ କରିଥିଲା ମିତା ଯାହାକି ଥାନା ରେ ଆପୋଷ ମିଳାମିଶା ହୋଇଥିବା ବେଳେ ଆଠ ଦିନପରେ ମିତା କାରୁଆ ପେଟରେ ୩ ମାସର ଅନ୍ତସ୍ୱତା ଥିବା ଜାଣିବା ପରେ ମିତା ର ଶାଶୁ, ଶ୍ୱଶୁର ଓ ନିଜର ସ୍ୱାମୀ ମଧ ପିଲା ନଷ୍ଟ କରିବା ପାଇଁ କହିବା ରୁ ମିତା ମନାକରି ଥିଲେ। ଯାହା କୁ ନେଇ ୨୨ ତାରିଖରେ ନିଜର ସ୍ୱାମୀ ସୁନିଲ ମିତା କୁ ପ୍ରବଳ ମାଡ଼ ଗୋଇଠା ମାରିଥିବା ଯୋଗୁଁ ମିତା କାରୁଆ ପେଟରେ ବଢୁଥିବା ପିଲା ନଷ୍ଟ ହୋଇଯାଇଛି। ଯାହା ଫଳରେ ମିତା ପ୍ରଥମେ ସୁକିନ୍ଦା ମେଡିକାଲ ପରେ ଯାଜପୁର ଜିଲ୍ଲା ମେଡ଼ିକାଲରେ ଚିକିତ୍ସା ହୋଇ ଫେରିଛନ୍ତି। ଫେରିବା ପରେ ସୁକିନ୍ଦା ଥାନା ରେ ଅଭିଯୋଗ କରିବା ପରେ ସୁକିନ୍ଦା ଥାନା କେସ ନମ୍ବର ୩୮୭ ତା ୨୭.୧୧.୨୪ ରେ କେସ ରୁଜୁ କରିବା ପରେ ୧୦ ରୁ ୧୨ ଦିନ ବିତିଯାଇଥିଲେ ମଧ ସୁକିନ୍ଦା ଥାନା ପକ୍ଷରୁ ମିତା କୁ ନ୍ୟାୟ ପାଇବା ରେ ସହଯୋଗ କରିନାହାନ୍ତି। ଯାହା କୁ ନେଇ ଆଜି ମିତା କାରୁଆ ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ରେ ହୋଇଥିବା ଯୁଗ୍ମ ଅଭିଯୋଗ ଜନଶୁଣାଣୀରେ ଯାଜପୁର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଙ୍କୁ ସାକ୍ଷାତ କରିବା ସହିତ ଅଭିଯୋଗ ନମ୍ବର ୧୮ ରେ ନ୍ୟାୟ ପାଇବା ପାଇଁ ଅନୁରୋଧ କରିଛନ୍ତି। ତେଣୁ ଆଗକୁ ଦେଖିବାକୁ ବାକି ରହିଲା କି ନିରିହ ହରିଜନ ଝିଅ କୁ କ'ଣ ନ୍ୟାୟ ପ୍ରଦାନ କରୁଛନ୍ତି ଜିଲ୍ଲା ପ୍ରଶାସନ।

# ତ୍ରୁଟିପୂର୍ଣ୍ଣ ରେଳ ଓଭର ବ୍ରିଜ ରାସ୍ତାକୁ ନେଇ ତେଜୁଛି ଜନ ଅସନ୍ତୋଷ

## ଆନ୍ଦୋଳନ ପାଇଁ ସଜବାଜ କେସିଙ୍ଗା ଅଞ୍ଚଳବାସୀ

କେସିଙ୍ଗା,୧୮/୧୨ (ନି.ପ୍ର) :କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହର ମଧ୍ୟରେ ପଶି କେସିଙ୍ଗା ସହର ମଧ୍ୟରେ ବାହାରୁଥିବା ଓ କେସିଙ୍ଗା ସହର ପ୍ରତି ବିପଦ ସୃଷ୍ଟି କରୁଥିବା ରେଳ ଓଭର ବ୍ରିଜ ରାସ୍ତାକୁ ନେଇ ତେଜୁଛି ଜନ ଅସନ୍ତୋଷ ଓ ଏକ ସ୍ୱରରେ ସମସ୍ତେ ଏହି ପ୍ରକଳ୍ପ କୁ ବିରୋଧ କରୁଥିବା ଜଣାପଡିଛି । ରେଳ ଫାଟକରେ ଘଣ୍ଟା ଘଣ୍ଟା ଫାଟକ ବନ୍ଦ ହେବା ଯୋଗୁଁ ଲୋକେ ଅତିଷ୍ଠ ହୋଇ ଗୋଟିଏ ରେଳ ଓଭର ବ୍ରିଜ ର ପରିକଳ୍ପନା କରି ସରକାରଙ୍କ ଠାରେ ଏକ ରେଳ ଓଭର ବ୍ରିଜର ଦାବୀ ଉଠାଇଥିଲେ ହେଲେ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ମଧ୍ୟରେ ଥିବା ଅନୁଦାନକୁ ନେଇ ସାମଞ୍ଜସ୍ୟ ଅଭାବରୁ ପ୍ରକଳ୍ପ ଟି ପ୍ରଥମେ ୨୫୪ କୋଟି ଅନୁଦାନ ମଞ୍ଜୁର ହୋଇ ପାଖାପାଖି ୧୦ ବର୍ଷ ଅନୁଦାନ ପଡି ରହିଥିଲା ତେବେ ରେଳ ପଥରେ ରେଳ ସଂଖ୍ୟା ବୃଦ୍ଧି ହେବା ଯୋଗୁଁ ବାରମ୍ବାର ରେଳ ଫାଟକ ବନ୍ଦ ହେବାଦ୍ୱାରା ଜଟିଳ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇ ଅନେକ ରୋଗୀ ରେଳ ଫାଟକ ବନ୍ଦ ହେବାରୁ ମୃତ୍ୟୁ ମୁଖରେ ପଡ଼ି ଥିଲେ ଫଳରେ ଲୋକେ ଧର୍ଯ୍ୟ ହରାଇଥିଲେ ଓ ଏକ ଅଣ୍ଡର ବ୍ରିଜର ନିର୍ମାଣ ପାଇଁ ଜୋର ସୋର ରେ ସରକାରଙ୍କ ଠାରେ ଦାବୀ ଉଠାଇ ଥିଲେ ଓ ପାଖାପାଖି ୨୪ ଦିନ ଗଣଧାରଣା ଦେଇଥିଲେ । ପ୍ରଥମେ ଅଣ୍ଡର ବ୍ରିଜ ପାଇଁ ମନାକରୁଥିବା ସରକାର ଲୋକଙ୍କ ଜିଦରେ ହାରମାନି ଏକ ୫. ୫୦ ମିଟର ଉଚ୍ଚତା ବିଶିଷ୍ଟ ଏକ ଅଣ୍ଡର ବ୍ରିଜ ର ନିର୍ମାଣ



ହେଲା ଓ ଏହି ଅଣ୍ଡର ବ୍ରିଜରେ ସବୁ ଭାରୀଯାନ ଯିବା ଆସିବା କରୁଅଛି । ହେଲେ ଅଟକିଥିବା ଅନୁଦାନ ବର୍ତ୍ତମାନ ର ଜମି ଓ ଅନ୍ୟାନ୍ୟ ସାମଗ୍ରୀ ର ବୃଦ୍ଧି ମୂଲ୍ୟ ର ସମୀକ୍ଷା କରି ପରବର୍ତ୍ତୀ ଏଷ୍ଟିମେଟ ତିଆରି ହୋଇ ୩୨୬ କୋଟି ଅନୁଦାନ କେନ୍ଦ୍ର ସରକାର ମଞ୍ଜୁର କଲେ ତେବେ କିଛି ବଡ ବଡକିଆ ଙ୍କୁ ସୁହାଇଲାଭଳି ରାତାରାତି ଏକ୍ସନ ପ୍ଲାନ କୁ କୁରଲୁପଡା ରୁ ପ୍ରବେଶ କରି ଯୋଲକୋ ରାଜରାସ୍ତା ଠାରେ ସଂଯୋଗ ହେଉଥିବା ପ୍ଲାନ କୁ ପରିବର୍ତ୍ତନ କରି ସହର ମଧ ଇଣ୍ଡିଆନ ପେଟ୍ରୋଲ ପମ୍ପ ନିକଟରେ ସଂଯୋଗ କରାଗଲା ଯାହାକୁ ନେଇ ଆରମ୍ଭ ରୁ ଲୋକେ ଏହି ପ୍ରକଳ୍ପ କୁ ବିରୋଧ କରୁଛନ୍ତି । ବର୍ତ୍ତମାନ ଅଣ୍ଡର ବ୍ରିଜରେ ସତ ପ୍ରତିଶତ ଯାନବାହାନ ଯିବା ଆସିବା କରୁଥିବା ବେଳେ କେସିଙ୍ଗା ପାଇଁ ରେଳ ଓଭର ବ୍ରିଜ ର ଆବଶ୍ୟକ ନାହିଁ ବରଂ ବାଇପାସ ରାସ୍ତା ର ଆବଶ୍ୟକ ଅଛି କାରଣ ଯେଉଁ ଯାନବାହାନ ଅଣ୍ଡର ବ୍ରିଜରେ ଯିବା ଆସିବା କରୁଅଛି ସେହି ଯାନବାହାନ ଓଭର ବ୍ରିଜରେ ଯିବା ଆସିବା କରିବ ତେବେ ୩୨୬ କୋଟି ଟଙ୍କା ଖର୍ଚ୍ଚ ରେ ନିର୍ମାଣ ହେଉଥିବା ଓଭର ବ୍ରିଜ କାହା ସ୍ୱାର୍ଥ ରେ ବୋଲି ଲୋକେ ପ୍ରଶ୍ନ ଉଠାଇଛନ୍ତି । ଏନେଇ ସ୍ଥାନୀୟ ପଣ୍ଡର ଭବନ ଠାରେ ସୁରେଶ ରାଓ ଙ୍କ ଆହ୍ୱାନ କ୍ରମେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ଏଥିରେ କେସିଙ୍ଗା ପ୍ରତି ମାଡି ଆସୁଥିବା ବିପଦ ଓ କେସିଙ୍ଗା ପ୍ରଗତିରେ ବାଧା ଦେଉଥିବା ନିର୍ମାଣଧୀନ ରେଳ ଓଭର ବ୍ରିଜ (ଆରଓବି ) ରାସ୍ତା କୁ ବନ୍ଦ କରାଯାଇ ପୁନର୍ବାର ଲୋକଙ୍କ ସହମତି ରେ ଏକ୍ସନ ପ୍ଲାନ ପ୍ରସ୍ତୁତ କରି କୁରଲୁପଡା ରୁ ଯୋଲକୋ ଠାରେ ସଂଯୋଗ କରିବା ପାଇଁ ସରକାର ଙ୍କ ଦୃଷ୍ଟି ଆକର୍ଷଣ ପାଇଁ ପ୍ରସ୍ତାବ ଆଗତ ହୋଇଛି । ପରବର୍ତ୍ତୀ ବୈଠକ ଆସନ୍ତା ୧୪ ତାରିଖ ବୈଠକ ରେ ଆଗାମୀ କାର୍ଯ୍ୟ ପନ୍ଥା ନିର୍ଦ୍ଧାରଣ କରାଯିବା ପାଇଁ ସ୍ଥିର କରାଯାଇଛି ଏବଂ କୌଣସି ପରିସ୍ଥିତି ରେ ମଧ ନିର୍ମାଣଧିନ ରେଳ ଓଭର ବ୍ରିଜ କୁ ବରଦାସ୍ତ କରାଯିବ ନାହିଁ ଏବଂ ସରକାର ଆମର ଦାବୀ କୁ ଅଣଦେଖା କଲେ ଆମେ ବାଧହୋଇ ଆନ୍ଦୋଳନ କୁ ଓହ୍ଲାଇବୁ ବୋଲି ବୈଠକ ରେ ମତ ପ୍ରକାଶ ପାଇଥିଲା । ଏହି ବୈଠକରେ ବାର ଆସୋସିଏସନ ର ସଭାପତି ଚିତ୍ତରଞ୍ଜନ ଭୋଇ, ମହେନ୍ଦ୍ର ନାଏକ,ଦୟାସାଗର ସାହା, ଚନ୍ଦ୍ର ଶେଖର ଆଚାରୀ, ଦେବେନ୍ଦ୍ର ଭୁଜବଳ, ପୁରନ୍ଦର ଭୋଇ,ରଞ୍ଜନ ପଣ୍ଡା, ରମେଶ ଜେନା, ପ୍ରଶାନ୍ତ ବାନାର୍ଜୀ, ଉମେଶ ନାଏକ,ଦୟାନିଧି ସୁନାନୀ, ପ୍ରତାପ ବାଗ, ବିଦେଶୀ ଜେନା,ଆଦିତ୍ୟ ପ୍ରଧାନ, ରାମ ସାହା, ହେମନ୍ତ ସାହୁ ପ୍ରମୁଖ ଙ୍କ ସହ କେସିଙ୍ଗା ର ଅନେକ ବୁଦ୍ଧିଜୀବୀ ଏହି ବୈଠକ ରେ ସାମିଲ ହୋଇଥିଲେ ।

# ବିଶିଷ୍ଟ ରାଜନୀତିଜ୍ଞ ମାନଗୋବିନ୍ଦ ମହାନ୍ତିଙ୍କ ଶ୍ରଦ୍ଧାଞ୍ଜଳୀ ସଭା

ଭବାନୀପାଟଣା,୧୮/୧୨ (ନି.ପ୍ର) :: ନର୍ଲା ବିଧାୟିକା ମନୋରମା ମହାନ୍ତିଙ୍କ ଶ୍ୱଶୁର ତଥା ବିଶିଷ୍ଟ ରାଜନୀତିଜ୍ଞ ମାନଗୋବିନ୍ଦ ମହାନ୍ତିଙ୍କ ଏକଦଶାହ ଦିବସ ଅବସରରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି। ରୁପ୍ରାରୋଡଠାରେ ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝୀ, କଳାହାଣ୍ଡି ଜିଲ୍ଲା ବିଜେଡ଼ି ସଭାପତି ତଥା ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହଦେଓ, ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ମଦନପୁର ରାମପୁର ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ସିଂଦେଓ, କେସିଙ୍ଗା ଏନଏସି ଅଧ୍ୟକ୍ଷ ନୃପରାଜ ଯାଦବ, ମ.ରାମପୁରର ପୂର୍ବତନ ବ୍ଲକ ଅଧ୍ୟକ୍ଷ ଜୀବେଶ ପଣ୍ଡା,ଡ଼ ଭବାନୀ ଶଙ୍କର ନିଆଲ,ଫୋକସ ପ୍ଲସର ମୁଖ୍ୟ ସଂପାଦକ ଡ଼ଃ ସୁଧାଂଶୁ ଶେଖର ରାଉତ, ଓଡ଼ିଆ ବାର୍ତ୍ତା ସଂପାଦକ ସୁନୀଲ କୁମାର ଧଙ୍ଗଡାମାଝୀ, ବରିଷ୍ଠ ନେତା ଦେବୀଦେବ ଶର୍ମା,ଦିପକ କୁମାର ମହାପାତ୍ର, କୁନା ପରିଡ଼ା, ଟିକେଲାଲ ସାହୁ, ନର୍ଲା ବିଡ଼ିଓ ବିପିନ ବିହାରୀ ଦୀପ, ନର୍ଲା ଗୋଷ୍ଠୀ




ଶିକ୍ଷାଧିକାରୀ ତପିମଣି ଜାନି, କେସିଙ୍ଗା ଗୋଷ୍ଠୀ ଶିକ୍ଷାଧିକାରୀ ଆନନ୍ଦ କୁମାର ବେହେରା, ବରିଷ୍ଠ ସାମ୍ବାଦିକ ଲିଙ୍ଗରାଜ ମିଶ୍ର, ଅଭିରାମ ନନ୍ଦ,ସୁଭେନ ପଟ୍ଟନାୟକ, ପ୍ରଶାନ୍ତ ସାମନ୍ତରାଙ୍କ ସହ ନର୍ଲା ନିର୍ବାଚନ ମଣ୍ଡଳୀ ସମେତ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ଜନସାଧାରଣ ଉପସ୍ଥିତ ରହି ସ୍ୱର୍ଗତ ମାନଗୋବିନ୍ଦ ମହାନ୍ତିଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ସଭାରେ ସ୍ୱର୍ଗତ ମାନଗୋବିନ୍ଦଙ୍କ ପୁତ୍ର ପୁଷ୍ପକ ମହାନ୍ତି, ଦୁର୍ଗାପ୍ରସାଦ ମହାନ୍ତି, ଦିପକ ମହାନ୍ତି, ଦିଲିପ ମହାନ୍ତି, ଶୁଶିଲ ମହାନ୍ତି, ସୁଜିତ ମହାନ୍ତି, ଝିଅ ଲିଲିମା ଓ ଶୁଭଶ୍ରୀ, ପୁତ୍ରବଧୂ ତଥା ନର୍ଲା ବିଧାୟିକା ମନୋରମା ମହାନ୍ତି ଏବଂ ସମସ୍ତ ପୁତ୍ରବଧୂ, ନାତିନାତୁଣୀ ଓ ଜ୍ଞାତି କୁଟୁମ୍ବ ଉପସ୍ଥିତ ଥିଲେ।

# ଲୋକନାଥ ସଂଗ୍ରାହଳୟକୁ ବିରଳ ଫୋସିଲ୍ ସହିତ ବହୁ ପୁରାତନ ସାମଗ୍ରୀ ପ୍ରଦାନ

ବାସୁଦେବପୁର, ୧୮/୧୨ (ନି.ପ୍ର) : ଭଦ୍ରକ ଜିଲ୍ଲା ବାସୁଦେବପୁର ପୌରପାଳିକା ରେ ୧୨ ନମ୍ବର୍ ୱାର୍ଡ ରେ ଏକ ଭଡ଼ା ଘରେ ଚାଲିଛି ଲୋକନାଥ ପାଠାଗାର ଓ ସଂଗ୍ରହାଳୟ। ଲୋକନାଥ ପାଠାଗାର ଓ ସଂଗ୍ରହାଳୟ ର ପ୍ରତିଷ୍ଠାତା ବିକାଶ କୁମାର ଶତପଥୀ। ସେ ଜଣେ କବି ଭାବରେ ସାରା ରାଜ୍ୟରେ ପରିଚିତ। ସେ ତାଙ୍କ ଛାତ୍ର ଜୀବନରୁ ସମୁଦ୍ର ବାଲିରୁ ଆରମ୍ଭ ହୋଇଥିଲା ତାଙ୍କର ସଂଗ୍ରହ କରିବାର ନିଶା। ଯାହା ଆଜି ତାଙ୍କୁ ଦୁର୍ଲଭ ସାମଗ୍ରୀ ସଂଗ୍ରହ କରିବାରେ ଜଣେ ସଫଳ ସଂଗ୍ରାହକ ଭାବେ ପ୍ରତିଷ୍ଠିତ କରାଇପାରିଛି। ଦାଶରଥି ପଟନାୟକଙ୍କ ପ୍ରେରଣାରେ ୧୯୯୦ ମସିହାରେ ସେ ନିଜ ଗାଁରେ ଲୋକନାଥ ପାଠାଗାର ଓ ଗାଁ ଗଣ୍ଡା ସାହିତ୍ୟ ସଂସଦ ପ୍ରତିଷ୍ଠା କରିଥିଲେ।ଗ୍ରାମାଞ୍ଚଳରେ ପାଠାଗାର ସ୍ଥାପନ କରି ନିଶୁଳ୍କ ପାଠକ ସୃଷ୍ଟି କରିବା ଓ ସଂଗ୍ରାହାଳୟରେ ଦୁର୍ଲଭ ତାଳପତ୍ର ପୋଥି, ଦେଶ ବିଦେଶର ଡାକ ଟିକେଟ, ଦେଶ ବିଦେଶର ମୁଦ୍ରା, ପୁରାତନ ସାମଗ୍ରୀ ଏପରିକି ବହୁ ଦୁଷ୍ପ୍ରାପ୍ୟ ଜିନିଷ ରଖି ସେ ବିନା ଅର୍ଥରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇ ଆସୁଛନ୍ତି। ସମାଜରେ ବିଲୁପ୍ତ ହୋଇ ଯାଉଥିବା ପୁରୁଣା ସାମଗ୍ରୀ କୁ ସାଇତି ରଖିଛନ୍ତି ବିକାଶ ତାଙ୍କ ସଂଗ୍ରହାଳୟରେ। ଏହି ସଂଗ୍ରହାଳୟକୁ ଯାଜପୁର ଜିଲ୍ଲାର ଧର୍ମଶାଳା,ବଡ କାୟେମା ର ଶାନ୍ତି ସୁମନ ମଲ୍ଲିକ୍ ଯୁରାସିକ୍ ଯୁଗର ଉଦ୍ଭିଦ ଫୋସିଲ୍ ସହିତ ବହୁ ପୁରାତନ ସାମଗ୍ରୀ ସଂଗ୍ରହ କରିଥିବା କିଛି ସାମଗ୍ରୀ ପ୍ରଦାନ କରିଛନ୍ତି। ସାମଗ୍ରୀ ପ୍ରଦାନ କରୁଥିବା ସମୟରେ ତାଙ୍କ ସହିତ ଉପସ୍ଥିତ ଥିଲେ ହୋମିଓପାଥି ଚିକିତ୍ସକ ସତ୍ୟ ନାରାୟଣ ପଣ୍ଡା, ପ୍ରତାପ ଚନ୍ଦ୍ର ନାୟକ,ଅଜୟ କୁମାର ବେହେରା। ଶାନ୍ତି ସୁମନ ମଲ୍ଲିକ୍ ଆଗାମୀ ଦିନରେ ଆହୁରି କିଛି ଦୁର୍ଲଭ ସାମଗ୍ରୀ ସଂଗ୍ରହାଳୟ କୁ ପ୍ରଦାନ କରିବାକୁ କହିଛନ୍ତି।

# ଚିକିଟୀ ତହସିଲରେ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ

## ରେକର୍ଡ ସଂଖ୍ୟକ ପଟ୍ଟା ବାଣ୍ଟି ଉଦାହରଣ ସାଜିଲେ ତହସିଲଦାର

ଚିକିଟୀ, ୧୮/୧୨ (ନି.ପ୍ର) :ଗଞ୍ଜାମ ଜିଲ୍ଲା ଚିକିଟି ତହସିଲ କାର୍ଯ୍ୟାଳୟ ପରିସରରେ ସୋମବାର ୭ ଗୋଟି ରାଜସ୍ୱ ସର୍କଲ ର ଜନସାଧାରଣଙ୍କୁ ଗ୍ରାମକଣ୍ଠ ଓ ବେବନ୍ଦୋବସ୍ତ ପଟ୍ଟା ବଣ୍ଟନ କରାଯାଇଥିଲା । ତହସିଲଦାର ବିଶ୍ୱ ରଞ୍ଜନ କହଁର ଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚିକିଟୀ ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ମୁଖ୍ୟ ଅତିଥି ଭାବେ ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବା ବେଳେ ସ୍ୱତନ୍ତ୍ର ଅତିଥି ଭାବେ ବ୍ରହ୍ମପୁର ଉପ ଜିଲ୍ଲାପାଳ ଦିନା ଦାସ୍ତାଗିର ଚିକିଟି ବ୍ଲକ ଅଧ୍ୟକ୍ଷ ଆପନା ସେଠୀ, ଏନଏସି ଅଧ୍ୟକ୍ଷା ଶ୍ରୀମତୀ ଦୀପା କୁମାରୀ ସାହୁ ପ୍ରମୁଖ ମଞ୍ଚାସିନ ରହିଥିଲେ।ଚିକିଟୀ ତହସିଲର କାର୍ଯ୍ୟଭାର ସମ୍ଭାଳିବା ଠାରୁ ତହସିଲଦାର ଶ୍ରୀ କହଁର ଘରଘର ବୁଲି ଲୋକଙ୍କୁ ସଚେତନ କରାଇବା ସହିତ ପୂର୍ବରୁ ବିଭିନ୍ନ ପର୍ଯ୍ୟାୟରେ ପ୍ରାୟ ୩ ହଜାର ଗ୍ରାମକଣ୍ଠ ଓ ବେବନ୍ଦୋବସ୍ତ ପଟ୍ଟା




ବଣ୍ଟନ କରିଥିଲେ । ଆଜି ପ୍ରାୟ ୫୯୩ ଜଣ ଲୋକଙ୍କୁ ଏହି ପଟ୍ଟା ପ୍ରଦାନ କରି ତହସିଲଦାର ଶ୍ରୀ କହଁର ଜନସାଧାରଣ ଙ୍କ ପ୍ରିୟଭାଜନ ହୋଇଛନ୍ତି ।ସେହିପରି ଚିକିଟି ଇଲାକାରେ ଥିବା ସମସ୍ତ ବିଦ୍ୟାଳୟ ଗୁଡିକୁ ମଧ ସେମାନଙ୍କ ପଟ୍ଟା ପ୍ରଦାନ କରି ଶିକ୍ଷା ବିଭାଗ ତରଫରୁ ପ୍ରଶଂସାର ପାତ୍ର ହୋଇଛନ୍ତି । ବିଇଓ ବସନ୍ତ କୁମାର ପଣ୍ଡା ସିଡିପିଓ ଗୀତାଞ୍ଜଳି ପାଣିଗ୍ରାହୀ ମୁଖ୍ୟ କିରାଣୀ ପ୍ରଦୀପ କୁମାର ନାୟକ ରାଜସ୍ୱ ନିରୀକ୍ଷକ ଅଶ୍ୱିନୀ ରାଉଳ, ବଳରାମ ପ୍ରଧାନ ପ୍ରମୁଖଙ୍କ ସହିତ ବହୁ ଆର ଆଇ ଓ କର୍ମଚାରୀ ସହଯୋଗ କରିଥିଲେ।ସୁପରଭାଇଜର ବିଶ୍ୱନାଥ ବେହେରା ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶିକ୍ଷକ ରଞ୍ଜନ କୁମାର ବ୍ରହ୍ମା ସଂଯୋଜନା କରଥିଲେ।

# ନିୟୁଭିଷ୍ଟା ରେଲୱେ କାର୍ଯ୍ୟରୁ ମରୋମ ଚୋରି ଗାଡ଼ି ଧରାପଡ଼ିବା ପରେ ମଧ ପ୍ରଶାସନ ନିରବ !

## ପ୍ରଶାସନ ଓ ମାଫିଆଙ୍କ ମଧ୍ୟରେ ସଲାସୁତୁରା, ସରକାର ଚୁପ୍

କଳିଙ୍ଗନଗର,୧୮/୧୨ (ନି.ପ୍ର) ::ଦାନଗଦି ବ୍ଲକରେ ଥିବା ଏକାଧିକ ସ୍ଥାନରୁ ବେଆଇନ ଲଘୁ ଖଣିଜ ଚୋରା ଚାଲାଣ ହେଉଛି ।ମାତ୍ର ଖଣି ବିଭାଗ କୁମ୍ଭକର୍ଣ୍ଣ ନିଦ୍ରା ରେ ସୋଇଛି ।ରକ୍ଷକ ଜଦି ଭକ୍ଷକ ସାଜେ ତେବେ କହିବା କାହାକୁ ?ଶୁଣିବ କିଏ ? ହଁ ଆଜ୍ଞା ଆମେ କହୁଛୁ ଯାଜପୁର ଜିଲ୍ଲା ରେ ଥିବା ଦାନଗଦି ବ୍ଲକର କଥା ଏଠାରେ ଏକାଧିକ ଶିଳ୍ପସଂସ୍ଥା ଓ ଖଣି ଥିବା ବେଳେ ଏହି ସଂସ୍ଥା ମାନଙ୍କୁ ସାହାଯ୍ୟ କରୁଛନ୍ତି କିଛି ଭ୍ରଷ୍ଟ ସରକାରୀ ଅଧିକାରୀ, କିଛି ନିଜକୁ ନିଜେ ଆଗଧାଡିର ଗଣମାଧମ ପ୍ରତିନିଧି କହୁଥିବା ବ୍ୟକ୍ତି ବିଶେଷ ଓ କିଛି ପଞ୍ଚାୟତ, ବ୍ଲକ ସ୍ତରୀୟ କୁଜି ନେତା, ଏମାନେ ପାରସ୍ପରିକ ମଧୁର ସମ୍ପର୍କ ରଖି ଦାନଗଦି ବ୍ଲକ ରୁ ଏକାଧିକ ସ୍ଥାନରୁ ବେଆଇନ ଲଘୁ ଖଣିଜ ଦ୍ରବ୍ୟ ଯଥା ବାଲି,ମହୋରମ ଓ କାରଖାନା ରୁ ନିର୍ଗତ ବିଭିନ୍ନ ପ୍ରକାରର ବର୍ଯ୍ୟଜ ବସ୍ତୁ କୁ ନେଇ କୋଟି କୋଟି ଟଙ୍କାରେ ଚୋରା ବେପାର କରିଆସୁଛନ୍ତି। ଯାହାକି ବହୁ ଦିନରୁ ଚାଲି ଆସୁଛି। ଯାହା ଫଳରେ କଳିଙ୍ଗନଗର ରେ ପ୍ରଦୂଷଣ ନିୟନ୍ତ୍ରଣ ହୋଇପାରୁନାହିଁ। ରାଜରାସ୍ତାରେ ଏକାଧିକ ସ୍ଥାନରେ ଦୁର୍ଘଟଣା ସହିତ ମୁଲ୍ୟବାନ ଜୀବନ ଯାଉଥିବା ଦେଖିବାକୁ ମିଳିଛି। ସୂଚନା ମୁତାବକ ଦାନଗଦି ବ୍ଲକ ରେ ନୂତନ ଭାବରେ ନିର୍ମାଣ ହେଉଥିବା ନିୟୁଭିଷ୍ଟା ସିମେଣ୍ଟ କାରଖାନା ,ଟାଟା ଷ୍ଟିଲ ରେଲୱେ ରାସ୍ତା ରୁ ବିପୁଳ ପରିମାଣର ମହରୋମ ଚୋରି ହୋଇଥିବା ଦେଖିବାକୁ ମିଳିଛି। ଯାହା କି ସ୍ଥାନୀୟ ତହସିଲଦାର ଓ ଯାଜପୁର ଜିଲ୍ଲା ଲଘୁ ଖଣିଜ ବିଭାଗକୁ ବାରମ୍ବାର ଅବଗତ କରିବା ପରେ ମଧ ଉଭୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ଯାହା ଫଳରେ ଏବେ ସାଧାରଣ ଲୋକ ଚୋରି କରୁଥିବା ଗାଡ଼ି କୁ ଧରିଲେ ଓଲଟା କୋଟ ଚାଲାଣ ହେବାକୁ ପଡୁଛି । ଯାହା କି ଜଖପୁରା ଥାନା କେସ ନମ୍ବର ୧୯୨ ହୋଇଥିବା ଜଣାପଡିଛି ।ଯାହା କୁ ନେଇ କଳିଙ୍ଗନଗର ରେ ଆଲୋଚନା ର ବିଷୟ ପାଲଟିଛି । ମାତ୍ର ଉଭୟ ବିଭାଗ ମାଫିଆଙ୍କ ସହିତ ମିଳି ଭକତ ପାଇଁ ଏହି ଚୋର ମାନଙ୍କ ମନୋବଳ



ବଢ଼ିଚାଲିଛି। ଯାହା କୁ ନେଇ ଗତକାଲି ଜଖପୁରା ଥାନା ରେ ମରୋମ ଚୋରି କରିବା ଘଟଣା ରେ ଗୋଟିଏ ମରୋମ ବୋଝେଇ ହାଇବା ଗାଡ଼ି ଧରାପଡିଜିବା ପରେ ସମସ୍ତ ଙ୍କ ମୁଖା ଖୋଲି ଯାଇଛି। ମାତ୍ର ବର୍ତ୍ତମାନ ସୁଦ୍ଧା କଳିଙ୍ଗନଗର ରେ ସ୍ଥାନୀୟ ଅଞ୍ଚଳର କିଛି ଠିକାଦାର ଓ ମହରୋମ ମାଫିଆ ମଧ୍ୟରେ ମଧୁ ଚନ୍ଦ୍ରିକା ଚାଲୁଥିବା ବେଳେ କମ୍ପାନୀ ସହିତ ଯୋଗାଯୋଗ କରିବା ପରେ ମଧ କୌଣସି ପଦକ୍ଷେପ ଗ୍ରହଣ ନକରି ଓଲଟା ଦୋଷୀଙ୍କୁ ଘଣ୍ଟ ଘୋଡାଇ ଥିବା ଦେଖିବାକୁ ମିଳିଛି। ଉକ୍ତ ମହରୋମ ମାନତିରା ପଞ୍ଚାୟତର ଖାତା ନମ୍ବର ୮୭,୧୭ ର ପ୍ଲଟ ନମ୍ବର ୫୭୧,୫୭୦ ପରି ଆହୁରି ଅନେକେ ପ୍ଲଟରେ ଏହି ମହରୋମ ପକାଇ ନୂତନ ରାସ୍ତା ନିର୍ମାଣ କାର୍ଯ୍ୟ ରେ ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ଆଗକୁ ଦେଖିବାକୁ ବାକି ରହିଲା କି ମରୋମ ଗାଡ଼ି ଧରାପଡ଼ିବା ପରେ କ'ଣ ପଦକ୍ଷେପ ନେଉଛନ୍ତି ଦାନଗଦି ତହସିଲଦାର ଓ ଯାଜପୁର ଜିଲ୍ଲା ଲଘୁ ଖଣିଜ ସଂପଦ ବିଭାଗ ନା ଯଥା ପୂର୍ବଂ ତଥା ପରଂ' ରେ ନିରବ ଦ୍ରଷ୍ଟା ସାଜୁଛନ୍ତି।

# ସାମ୍ବାଦିକଙ୍କ ମାତୃ ବିୟୋଗ

ବସ୍ତା,୧୮/୧୨ (ନି.ପ୍ର) ::ସମ୍ବାଦ ର ବସ୍ତା ପ୍ରତିନିଧି ବ୍ରଜମୋହନ ମିଶ୍ର ଙ୍କ ମା ବାସନ୍ତୀ ମିଶ୍ର ଙ୍କର ଗତ ୮/୧୨ରିଖ ରବିବାର ଭୋର ୪ଟା ସମୟରେ ଦେହାନ୍ତ ହୋଇଯାଇଛି ।ମୃତ୍ୟୁ ବେଳକୁ ତାଙ୍କୁ ୮୭ବର୍ଷ ବୟସ ହୋଇଥିଲା ।ସ୍ୱର୍ଗତା ମିଶ୍ର ହେଉଛନ୍ତି ବସ୍ତା ବ୍ଲକ ଅନ୍ତର୍ଗତ ମାଛରଙ୍କା ଗ୍ରାମର ବିଶିଷ୍ଟ ପ୍ରାବନ୍ଧିକ, ପ୍ରବଚକ, ଯୋଗାଚାର୍ଯ୍ୟ ବଂଶୀଧର ମିଶ୍ର ଙ୍କର ସହଧର୍ମିଣୀ ।ସେ ଜଣେ ଅତ୍ୟନ୍ତ ଦରଦୀ ତଥା ଧର୍ମପରାୟଣା ମହିଳା, ତାଙ୍କର ଧର୍ମ ଶାସ୍ତ୍ର ତଥା ସଂସ୍କୃତି ଉପରେ ଜ୍ଞାନ ରହିଥିଲା ।ସେ ମଧ ବିଭିନ୍ନ ଅନୁଷ୍ଠାନ ତଥା ସମ୍ବାଦ ସାହିତ୍ୟ ଘର, ବଂଶୀଧର ପାଠାଗାର ସମେତ ବହୁ ଅନୁଷ୍ଠାନ ସହିତ ଜଡିତ ଥିଲେ ।ତାଙ୍କର ଶେଷ କୃତ୍ୟ ପୁରୀ ସ୍ୱର୍ଗ ଦ୍ୱାର ରେ ହୋଇଥିଲା ।ତାଙ୍କର ସାନ ପୁଅ ବିଶ୍ୱମୋହନ ମୁଖାଗ୍ନି ଦେଇଥିବା ବେଳେ, ମଝିଆ ପୁଅ ବ୍ରଜମୋହନ, ବଡ଼ ପୁଅ ଡା ପ୍ରଦୀପ, ଜ୍ୱାଇଁ ପ୍ରଫେସର ନିରଞ୍ଜନ ଶୁକ୍ଳ, ନାତି ସଂଜିତ ରଥ ସମେତ ବିଭୁଦତ୍ତ କର, ସୌମ୍ୟ କାନ୍ତ କର ଏବଂ ନାତୁଣୀ ଉପାସନା ପ୍ରଭୃତି ଉପସ୍ଥିତ ଥିଲେ ।ତାଙ୍କର ଶେଷ ଦର୍ଶନ ପାଇଁ ସିଂଲା ସ୍ଥିତ ବାସଭବନରେ ସାହିତ୍ୟ ଘର ର ସମ୍ପାଦକ ଅଧ୍ୟାପକ ନିରଞ୍ଜନ ବେହେରା, ସିଂଲା ସରପଞ୍ଚ ବିପିନ ବିଶ୍ୱାଳ, ସାହିତ୍ୟ ଘର ସଦସ୍ୟ ସଦସ୍ୟା, ଔଷଧ ବ୍ୟବସାୟୀ ସଂଘ ର କର୍ମକର୍ତ୍ତା ରାମନାରାୟଣ ପାତ୍ର, ସଂଜୀବ ସାହୁ ସମେତ ଶତାଧିକ ବ୍ୟକ୍ତି ଉପସ୍ଥିତ ହୋଇ ଥିଲେ ।ତାଙ୍କର ମୃତ୍ୟୁରେ ସିଂଲା ଅଂଚଳରେ ଶୋକର ଛାୟା ଖେଳି ଯାଇଛି ।

# ଜିଲ୍ଲାସ୍ତରୀୟ ୨୦୨୪ ପରବ ମହୋତ୍ସବରେ କୋଟପାଡ଼ ଏନଏସିର ସଫଳତା

କୋଟପାଡ଼ ୧୮/୧୨ (ନି.ପ୍ର) :ଜୟପୁର ଗୀତାଞ୍ଜଳି କଲ୍ୟାଣ ମଣ୍ଡପ ଠାରେ ପରବ ୨୦୨୪ ନାଟକ ପ୍ରତିଯୋଗିତାର ସମାପନ ଦିବସ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆଜିର ଏହି କାର୍ଯ୍ୟକ୍ରମରେ କୋରାପୁଟ ପଞ୍ଚାୟତ ସମିତି କାର୍ଯ୍ୟାଳୟର ପଞ୍ଚପଟମାଳି ଦଳର ' ଡର ' ନାଟକ ଶ୍ରେଷ୍ଠ ବିବେଚିତ ହୋଇଥିଲା ବେଳେ,କୋଟପାଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ପ୍ରତିନିଧିତ୍ୱ କରିଥିବା ଦମୟନ୍ତୀ କଳା ପରିଷଦର ନାଟକ ' ଦାଦନ ' ଦ୍ୱିତୀୟ ଶ୍ରେଷ୍ଠ ନାଟକ ବିବେଚିତ ହୋଇଥିଲା ଏବଂ ଦ୍ୱିତୀୟ ଶ୍ରେଷ୍ଠ ନାଟ୍ୟକାର ଭାବରେ ଚନ୍ଦ୍ରଶେଖର ଦାସ,ଦ୍ୱିତୀୟ ଶ୍ରେଷ୍ଠ ଅଭିନେତ୍ରୀ ସବିତା ଭଟ୍ଟ,ଦ୍ୱିତୀୟ ଶ୍ରେଷ୍ଠ ଶିଶୁ କଳାକାର ସାତ୍ତ୍ୱିକ ମିଶ୍ର ଏବଂ ପ୍ରକାଶ ମହାନ୍ତିଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ ଓ ଦ୍ୱିତୀୟ



ଶ୍ରେଷ୍ଠ ଅଭିନେତା ତଥା ଶ୍ରେଷ୍ଠ ଶିଶୁ କଳାକାର ଭାବେ ଏମ ଧନଶ୍ରୀ ଙ୍କୁ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟ କଳାକାର ମାନଙ୍କ ମଧ୍ୟରେ ଅନିଲ ପଟ୍ଟନାୟକ,ରାଜେନ୍ଦ୍ର ସ୍ୱାଇଁ,ଜଗନ୍ନାଥ ନାୟକ,ରାମନାଥ ତ୍ରିପାଠୀ,ହିମାଂଶୁ ମହାନ୍ତି,କଣ୍ଠ ଶିଳ୍ପୀ ସାମୁଏଲ ଶତପତି, ଅର୍ଗାନକାର କାହ୍ନୁ ଚରଣ ମିଶ୍ର,ବଂଶୀକାର ଧୀରେନ ମୋହନ ପଟ୍ଟନାୟକ,ଆଲୋକ ସମ୍ପାତ ପଦ୍ମନ ସିରା,ମଞ୍ଚସଜାରେ ସୁଶାନ୍ତ ପ୍ରଧାନ ଉପସ୍ଥିତ ଥିଲେ,ବିଶେଷକରି ତିନିଜଣ ବିଚାରକ ସୁଧାକର ପଟ୍ଟନାୟକ,ସୁରେଶ ରାଉତ,ପ୍ରଶାନ୍ତ କୁମାର ମିଶ୍ର,ପ୍ରିୟା ଥିଏଟର ମୁଖ୍ୟ ସଞ୍ଜୟ ବେହେରା,ଉଦ୍ଘୋଷକ ରଘୁନାଥ ବିଶ୍ୱାଳ ସଂଯୋଜନା କରିଥିଲେ ,ନାଟକ ସନ୍ଧ୍ୟାରେ ଓ ପରିବେଷଣ ସମୟରେ କୋଟପାଡ଼ ଏନ.ଏ.ସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପୂଜା ରାଉତ,କୋଟପାଡ଼ ଏନ.ଏ.ସି ଅଧକ୍ଷ ଏମ ଶଙ୍କର ରାଓ,ୱାର୍ଡମେମ୍ବର ଏମ.ଡି ଯୁସୁଫ,କୋଷାଧକ୍ଷ ପ୍ରଶାନ୍ତ କଟିମ ପ୍ରମୁଖ ଗୀତାଞ୍ଜଳି ମଞ୍ଚରେ ଉପସ୍ଥିତ ରହି କଳାକାର ମାନଙ୍କୁ ଉତ୍ସାହିତ କରିଥିଲେ ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda | Mananging Editor- Sarangdhar Senapati | ସଂପାଦକ- ବଳରାମ ପ୍ରସାଦ ନନ୍ଦ